

ଯା ଦେବୀ ସର୍ବଭୂତେଷୁ...........

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର, ୦୧ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 01 MAY 2022

Vol.No. 33 ■ No. 113 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ :

ସୁବର୍ଣ୍ଣଶ୍ରୀ ପ୍ରକାଶିନୀ

ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# ଆଂଚଳିକ ଭାଷାରେ ହେଉ କୋର୍ଟ କାର୍ଯ୍ୟ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୩୦/୦୪ : ଇଂରାଜୀ ନୁହେଁ, ଆଂଚଳିକ ଭାଷାରେ ହେଉ ଶୁଣାଣି । କୋର୍ଟରେ ଆଂଚଳିକ ଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଆବଶ୍ୟକ । ଏହା ଦ୍ୱାରା ନ୍ୟାୟ ବ୍ୟବସ୍ଥା ଉପରେ ନାଗରିକମାନଙ୍କର ବିଶ୍ୱାସ ବଢ଼ିବ । ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନରେ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ହାଇକୋର୍ଟ ମୁଖ୍ୟ ବିଚାରପତିମାନଙ୍କର ମିଳିତ ସମ୍ମିଳନୀରେ ଯୋଗଦେଇ ଏପରି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଅଦାଲତରେ ସ୍ଥାନୀୟ ଭାଷାକୁ ପ୍ରୋତ୍ସାହନ ଦିଆଗଲେ ସାଧାରଣ ନାଗରିକଙ୍କ ଆତ୍ମବିଶ୍ୱାସ ବୃଦ୍ଧି ହେବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଶନିବାର ଦିଲ୍ଲୀ ବିଜ୍ଞାନଭବନରେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟବିଚାରପତଙ୍କ ମିଳିତ ସମ୍ମିଳନୀରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ଏହି କଥା କହିଛନ୍ତି । ମୋଦି କହିଛନ୍ତି ଆଂଚଳିକ ଭାଷାକୁ ପ୍ରୋତ୍ସାହନ ଦେବା ଆବଶ୍ୟକ ରହିଛି । କାରଣ ଏହା ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ବିଚାର ବ୍ୟବସ୍ଥା ସହ ସାଧାରଣ ଜନତାଙ୍କ ସଂଶ୍ଳିଷ୍ଟ ଥିବା ସେମାନଙ୍କୁ ଅନୁଭବ କରାଇବ । ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଏକଥା ମଧ୍ୟ କହିଛନ୍ତି ଯେ ଦେଶ ସ୍ୱାଧୀନତାର ୭୫ବର୍ଷ ପାଳୁଛି । ଏହି ସମୟରେ ସମସ୍ତଙ୍କୁ ଉଚିତ ଓ ସରଳ ଉପାୟରେ ତୁରନ୍ତ ବିଚାର ମିଳିପାରିବା ଭଳି ନ୍ୟାୟିକ ବ୍ୟବସ୍ଥା ସୃଷ୍ଟି କରିବା ଦିଗରେ ଧ୍ୟାନ ଦେବା ଜରୁରୀ । ଦେଶରେ ଆଇନ ଶିକ୍ଷାକୁ ଅର୍ନ୍ତଜାତିକ ସ୍ତରରେ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ନ୍ୟାୟିକ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ସମସ୍ତଙ୍କ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ପଟିଆଲା ହିଂସାର ପରେ ଆକ୍ସନ ମୋଡରେ ପଂଜାବ ସରକାର

ନୂଆଦିଲ୍ଲୀ, ୩୦/୦୪ : ଶୁକ୍ରବାର ମଧ୍ୟାହ୍ନରେ ହଠାତ ବଦଳିଯାଇଥିଲା ପଂଜାବ ପଟିଆଲା ସହରର ଚିତ୍ର । ମଝି ରାସ୍ତାରେ କିଏ ଖଣ୍ଡା ଧରି ବୁଲୁଥିଲା ତ ପୁଣି କିଏ ପଥରମାଡ କରୁଥିଲା । ସବୁଠି ଖଲିସ୍ତାନୀ ସଂଗଠନ ସମର୍ଥନରେ ଶୁଭୁଥିଲା ନାରା । ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ହୋଇଥିଲା ଉତେଜନାପୂର୍ଣ୍ଣ ସଂଘର୍ଷ । ପଟିଆଲା ରାସ୍ତାରେ ମୁହାଁମୁହିଁ ହୋଇଥିଲେ ଶିବସେନା କର୍ମୀ ଓ ଖଲିସ୍ତାନୀ ସମର୍ଥକ । ହିଂସା ଘଟଣା ପରେ ଏବେ ଆକ୍ସନ ମୁଡରେ ଆସିଛନ୍ତି ପଂଜାବ ସରକାର । ରାଜ୍ୟ ପୁଲିସ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୩ଜଣ ବରିଷ୍ଠ ପୁଲିସ ଅଧିକାରୀଙ୍କ ବଦଳି କରିଛନ୍ତି । ସେପଟେ ପଂଜାବ ମୁଖ୍ୟମନ୍ତ୍ରୀ ଭଗବତ ମାନ ଘଟଣାକୁ ନେଇ ଉଚ୍ଚ ସ୍ତରୀୟ ବୈଠକ କରି ସହ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୂରା ସହରରେ ଇଂଟରନେଟ ସେବା ଅସ୍ଥାୟୀଭାବେ ବନ୍ଦ କରାଯାଇଛି । ସ୍ଥିତିରେ ସୁଧାର ଆଣିବାକୁ ପୁଲିସ ▶▶ପୃଷ୍ଠା ୭

## ୟୁକ୍ରେନକୁ ଜାହାଜ ଭର୍ତ୍ତି ଗ୍ରେନେଡ୍ ଉପହାର ଦେଲେ ସ୍ପେନ ରାଣୀ, ଆମେରିକା ଦେଲା ୩୩ ଆରବ ଡଲାର



ନୂଆଦିଲ୍ଲୀ, ୩୦/୦୪ : ୟୁକ୍ରେନକୁ ଜାହାଜ ଭର୍ତ୍ତି ଗ୍ରେନେଡ ଓ ଗ୍ରେନେଡ୍ ଲଞ୍ଚର ଉପହାର ଦେଇଛନ୍ତି ସ୍ପେନର ରାଣୀ। ଏଥିସହ ୟୁକ୍ରେନକୁ ବିଜୟ ନିମନ୍ତେ ସେ ପାରମ୍ପରିକ ଶୁଭେଚ୍ଛା ପୋଷ୍ଟକାର୍ଡ ମଧ୍ୟ ପଠାଇଛନ୍ତି। ରୁଷ ବିରୋଧରେ ଯୁଦ୍ଧ ଲଢୁଥିବା ୟୁକ୍ରେନକୁ ଏହା ବଳ ଯୋଗାଇବ ବୋଲି ସେ ଏଥିରେ ଉଲ୍ଲେଖ କରିଥିବା ଶନିବାର ଖବର ପ୍ରକାଶ ପାଇଛି। ଏନେଇ ହୋଇଥିବା ଏକ ଟୁଇଟ ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି। ତେଣେ ଆମେରିକା ୟୁକ୍ରେନକୁ ୩୩ ଅରବ ଡଲାର ସହାୟତା କରିବା ନିମନ୍ତେ ପଦେକ୍ଷପ ନେଇଛି। ଏଥିସହ ସମସ୍ତ ପ୍ରକାର ସାମରିକ, ସାମାଜିକ ସହାୟତା କରିବ ବୋଲି ଆମେରିକା ରାଷ୍ଟ୍ରପତି ବାଇଡେନ୍ କହିଛନ୍ତି। ହେଲେ ତେଣେ ମାରିୟୁପୁଲ ପୋର୍ଟ ଉପରେ କବ୍ଜା ହରାଇବା ପରେ ୟୁକ୍ରେନର ସମସ୍ୟା ଆହୁରି ବଢ଼ିଯାଇଛି। ଯୁଦ୍ଧକୁ ୬୬ ଦିନ ପୂରିଥିଲେ ହେଁ ଏହା ଥମିବାର ନାଁ ଧରୁନି। ଗୋଟାଏ ପଟେ ଲୋକ ଘର ଛାଡୁଛନ୍ତି ତ ଅନ୍ୟପଟେ ଯୁଦ୍ଧ ଲଢୁଥିବା ସୈନ୍ୟ ପ୍ରାଣ ହରାଇ ଚାଲିଛନ୍ତି। ୟୁକ୍ରେନକୁ ବିଦେଶୀ ଯୁଦ୍ଧାସ୍ତ୍ର ନ ପହଞ୍ଚିବା ନିମନ୍ତେ ରୁଷ ଏବେ ଏହି ଦେଶର ରେଲୱେ ଲାଇନକୁ ଧ୍ୱଂସ କରିବାକୁ ରକେଟ ମାଡ କରୁଛି। ଡାକ୍ତରଖାନା ଓ ବିଦ୍ୟୁତ ଷ୍ଟେଶନକୁ ରକେଟ ମାଡ କରି ନଷ୍ଟ କରିଦେଉଛି। ଫଳରେ ବିଭିନ୍ନ ଦେଶରୁ ଡୋନାବାସରେ ୟୁକ୍ରେନ ସେନାକୁ ଯୁଦ୍ଧାସ୍ତ୍ର ପହଞ୍ଚିବାରେ ସମସ୍ୟା ସୃଷ୍ଟି ହୋଇଛି। ଏହି ଯୁଦ୍ଧ ଯୋଗୁ ୫୦୪ ମିଲିୟନ ୟୁକ୍ରେନ ନାଗରିକ ଦେଶ ଛାଡି ପଳାୟନ କରିଛନ୍ତି। ଯେତେବେଳେ କି ଏକ ଚତୁର୍ଥାଂଶ ନାଗରିକ ଅନ୍ୟ ସ୍ଥାନାକୁ ସ୍ଥାନାନ୍ତର ହୋଇଯାଇଛନ୍ତି। ଏହା ୟୁରୋପରେ ଶରଣାର୍ଥୀ ସମସ୍ୟା ସୃଷ୍ଟି କରିଛି।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଂଚଳ ପରିଦର୍ଶନ କରିବ ଏଏସଆଇ ଟିମ୍

ଭୁବନେଶ୍ୱର, ୩୦/୦୪ (ନି.ପ୍ର): ଆସନ୍ତାକାଲି (ରବିବାର) ଏଏସ୍ଆଇର ଏକ ଟିମ୍ ପୁରୀ ଗସ୍ତ କରି ସେଠାରେ ଚାଲିଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଂଚଳ ଅନୁଧ୍ୟାନ କରିବେ। ଅନୁଧ୍ୟାନ ପରେ ମେ' ୭ ତାରିଖ ସୁଦ୍ଧା ସତ୍ୟପାଠ ଦାଖଲ କରାଯିବ। ମେ' ୧୬ରେ ଏହାର ଶୁଣାଣି ହାଇକୋର୍ଟରେ ହେବାର ଥିଲା। ହେଲେ କାମ ଚାଲୁଥିବାରୁ ତ୍ୱରିତ ଶୁଣାଣି ପାଇଁ ଗୁହାରି କରିଥିଲେ ଆବେଦନକାରୀ। ତେଣୁ ମେ' ୯କୁ ଦିନ ଧାର୍ଯ୍ୟ କରାଯାଇଛି। ଏହାପୂର୍ବରୁ ମେ' ୭ ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ତେଣୁ ଏହା ପୂର୍ବରୁ ପ୍ରକଳ୍ପ ଅନୁଧ୍ୟାନ ପାଇଁ ବିଶେଷଜ୍ଞ ଟିମ୍ ଆସୁଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ଭେକ୍ଷଣ ସଂସ୍ଥା (ଏଏସ୍ଆଇ)ର ବିନା ଅନୁମତିରେ ପରିକ୍ରମା ପ୍ରକଳ୍ପ ପାଇଁ ଖନନ ଓ ନିର୍ମାଣ କାମ ଚାଲିଥିବା ଅଭିଯୋଗ ହୋଇଆସୁଛି। ଏନେଇ କିଛି ଦିନ ହେଲା ବିବାଦ ଚାଲିଛି। ଏ ସଂପର୍କରେ ଦିଲ୍ଲୀପ କୁମାର ବରାଳ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା କରିଥିଲେ। ଏପ୍ରିଲ ୮ ତାରିଖରେ ମାମଲାର ଶୁଣାଣି କରି ମେ ୧୬ ତାରିଖକୁ ପରବର୍ତୀ ଶୁଣାଣି ତାରିଖ ▶▶ପୃଷ୍ଠା ୭

## ମେ ୨ରୁ ସକାଳ ୬ରୁ ୯ ଯାଏଁ ସ୍କୁଲ



ଭୁବନେଶ୍ୱର, ୩୦/୦୪ (ନି.ପ୍ର): ସ୍କୁଲ୍ ସମୟରେ ପରିବର୍ତନ କରିଛନ୍ତି ରାଜ୍ୟ ସରକାର। ଆସନ୍ତା ମେ' ୨ ତାରିଖରୁ ସକାଳ ୬ଟାରୁ ସକାଳ ୯ଟା ପର୍ଯ୍ୟନ୍ତ ପାଠପଢ଼ା ହେବ। ଶନିବାର ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ବୋର୍ଡ ଏବଂ କାଉନସିଲ ପକ୍ଷରୁ ଚାଲିଥିବା ଦଶମ ଓ ଦ୍ୱାଦଶ ପରୀକ୍ଷା ସୂଚୀକୁ ଅପରିବର୍ତିତ ରଖାଯାଇଛି। ବିଜ୍ଞପ୍ତି ଅନୁଯାୟୀ ଓସେପା ପକ୍ଷରୁ ପ୍ରସ୍ତୁତ ଲର୍ଣ୍ଣିଂ ରିକଭରି ପ୍ଲାନ୍ (ଏଲ୍ଆରପି)କୁ ଗ୍ରୀଷ୍ମ ଛୁଟି ମଧ୍ୟରେ କରାଯିବ। ଏହା ସରକାରୀ ଓ ସରକାରୀ ଏଡେଡ୍ ସ୍କୁଲ୍ ଗୁଡ଼ିକ ପାଇଁ ଉଦ୍ଦିଷ୍ଟ। ଯେଉଁ ଛାତ୍ରଛାତ୍ରୀମାନେ ତୃତୀୟ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏବଂ ଏକାଦଶ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀକୁ ଉତୀର୍ଣ୍ଣ ହୋଇଛନ୍ତି, ▶▶ପୃଷ୍ଠା ୭

## ଶ୍ରମିକଙ୍କ ମଜୁରୀ ବଢ଼ାଇଲେ ରାଜ୍ୟ ସରକାର

ଭୁବନେଶ୍ୱର, ୩୦/୦୪ (ନି.ପ୍ର): ଶ୍ରମିକ ଦିବସ ପୂର୍ବରୁ ସବୁ ବର୍ଗର ଶ୍ରମିକଙ୍କ ମଜୁରୀ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ସବୁ ବର୍ଗର ଶ୍ରମିକମାନଙ୍କୁ ଦୈନିକ ୧୧ଟଙ୍କାର ମହଙ୍ଗା ଭତା ଦେବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ୨୦୨୨ ଏପ୍ରିଲ ପହିଲାରୁ ପିଛିଲା ଭାବେ ଏହା କାର୍ଯ୍ୟକାରୀ ହେବ । ରାଜ୍ୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଏସମ୍ପର୍କିତ ବିଜ୍ଞପ୍ତି ଜାରି ହୋଇଛି। ବର୍ଦ୍ଧିତ ଭତା ଲାଗୁ ହେବା ଫଳରେ ଅଣକୁଶଳୀ ଶ୍ରମିକମାନେ ସର୍ବନିମ୍ନ ମଜୁରୀ ୩୧୫ଟଙ୍କା ପରିବର୍ତେ ୩୨୬ଟଙ୍କା ପାଇବେ। ସେହିପରି ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରୀ ୩୫୫ଟଙ୍କାରୁ ୩୬୬ଟଙ୍କାକୁ, କୁଶଳୀ ଶ୍ରମିକଙ୍କ ମଜୁରୀ ୪୦୫ଟଙ୍କାରୁ ୪୧୬ଟଙ୍କାକୁ ଓ ଉଚ୍ଚ କୁଶଳୀ ଶ୍ରମିକଙ୍କ ମଜୁରୀ ୪୬୫ଟଙ୍କାରୁ ୪୭୬ଟଙ୍କାକୁ ବୃଦ୍ଧି ପାଇଛି। ରାଜ୍ୟର ମୋଟ ୮୯ଟି କ୍ଷେତ୍ରରେ ▶▶ପୃଷ୍ଠା ୭

## ୬ ରେ ବାତ୍ୟା ସମ୍ଭାବନା

ଭୁବନେଶ୍ୱର, ୩୦/୦୪ (ନି.ପ୍ର): ଆସନ୍ତା ୪ ତାରିଖ ବେଳକୁ ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ତାର ପାର୍ଶ୍ୱବର୍ତୀ ଅଂଚଳରେ ଏକ ଘୁର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ମେ ୬ ତାରିଖ ବେଳକୁ ସମାନ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ପରବର୍ତୀ ୨୪ ଘଂଟାରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂବାନୁମାନ କରିଛି। ତେବେ ବର୍ତମାନ ସମୟରେ ପରବର୍ତୀ ତୀବ୍ରତା ଏବଂ ଗତିପଥ ବିଷୟରେ କୌଣସି ଆକଳନ କରାଯାଇ ନାହିଁ । ଅପରପକ୍ଷରେ କାଲିଠାରୁ କାଳବୈଶାଖୀ ପ୍ରଭାବରେ ତାପମାତ୍ରା କମିପାରେ ବୋଲି କହିଛି ପାଣିପାଗ ବିଭାଗ। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ସୁନ୍ଦରଗଡ, କେନ୍ଦୁଝର.ଦେବଗଡ, ଅନୁଗୁଳ, ଝାରସୁଗୁଡା, ସମ୍ବଲପୁର, ବରଗଡ, ସୁବର୍ଣ୍ଣପୁର, ବୌଦ୍ଧ ଓ ବଲାଙ୍ଗୀର ଆଦି ଜିଲ୍ଲାଗୁଡିକରେ ଗ୍ରୀଷ୍ମ ପ୍ରବାହ ଲାଗି ରହିବ। ଏହି ସମୟ ମଧ୍ୟରେ ମୟୁରଭଂଜ, ବାଲେଶ୍ୱର , ଭଦ୍ରକ, କେନ୍ଦୁଝର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଂଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବା ସହିତ କୋରାପୁଟ, ରାୟଗଡା, ଗଜପତି, ଅନୁଗୁଳ ,ଢେଙ୍କାନାଳ, ଯାଜପୁର ଓ କେନ୍ଦ୍ରାପଡା ଆଦି ଜିଲ୍ଲାମାନଙ୍କରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାଗୁଡିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ମେ ୧ ରୁ ୨ ତାରିଖ ▶▶ପୃଷ୍ଠା ୭


DADLS-14



ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଉଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ନିମନ୍ତେ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)

ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR : 15001/13/0026/2223

DADLS-14



ଓଡ଼ିଶା ସରକାର

ମଇ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

'ମଇ ଦିବସ' ଅବସରରେ ଓଡ଼ିଶାର ଶ୍ରମିକ ଭାଉଭଉଣୀମାନଙ୍କୁ ମୋର ଶୁଭକାମନା ଜଣାଉଛି ।

ଶ୍ରମିକମାନେ ହେଉଛନ୍ତି ବିକାଶର ମୁଖ୍ୟ ଆଧାର । ରାଷ୍ଟ୍ର ଗଠନରେ ସେମାନଙ୍କର ଭୂମିକା ମହତ୍ତ୍ୱପୂର୍ଣ୍ଣ । ବିକାଶର ପ୍ରତିଟି ସ୍ତମ୍ଭରେ ଅଛି ଶ୍ରମିକମାନଙ୍କ ନିଷ୍ଠା, ତ୍ୟାଗ ଓ ପରିଶ୍ରମ ।

ସେମାନଙ୍କ କଲ୍ୟାଣ ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ ଶ୍ରମିକ କଲ୍ୟାଣ ଯୋଜନାରେ ସାମିଲ ହେବା ସହିତ ଏହାର ସୁଫଳ ନେବା ପାଇଁ ଏହି ଅବସରରେ ଶ୍ରମିକ ଭାଇ ଓ ଭଉଣୀମାନଙ୍କୁ ମୋର ଅନୁରୋଧ ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0026/2223

DADLS-14



ବାର୍ତ୍ତା

ମଇ ୧ ତାରିଖ 'ଶ୍ରମିକ ଦିବସ' ଉପଲକ୍ଷେ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ରାଜ୍ୟର ସମୃଦ୍ଧି ଓ ସାମଗ୍ରିକ ବିକାଶରେ ଶ୍ରମିକମାନଙ୍କର ଶ୍ରମ, ନିଷ୍ଠା ଓ ପ୍ରତିବଦ୍ଧତାକୁ ମୁଁ ସମ୍ମାନ ଜଣାଉଛି ।

ମୁଁ ଏହି ଅବସରରେ ଶ୍ରମିକ ସମାଜର ସୁଖ ସମୃଦ୍ଧି ଓ କଲ୍ୟାଣ ନିମନ୍ତେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଛି ।

(ରଘୁନନ୍ଦନ ଦାସ)

ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ

OIPR : 15001/13/0026/2223

# ଓଡିଶାରେ ଆରଇସି ଦ୍ୱାରା ବିଜୁଳି ଉତ୍ସବ ପାଳିତ

ଭୁବନେଶ୍ୱର,୩୦/୦୪ (ନି.ପ୍ର): ସ୍ୱାଧୀନତାର ୭୫ତମ ବାର୍ଷିକ ଅବସରରେ ପାଳିତ ହେଉଥିବା ଆଜାଦି କି ଅମୃତ ମହୋତ୍ସବର ଅଂଶ ସ୍ୱରୂପ ଓଡିଶାରେ ଶକ୍ତି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ରାଷ୍ଟ୍ରାୟତ କମ୍ପାନୀ ଆରଇସି ଲିମିଟେଡ ପକ୍ଷରୁ 'ବିଜୁଳି ଉତ୍ସବ' ଆୟୋଜିତ ହୋଇଯାଇଛି । ଏହି ବିଜୁଳିଉତ୍ସବ ପୁରୀ ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ମାଳତୀପାଟପୁର ପଂଚାୟତର ଜାନକାଦେଈପୁରଠାରେ ଗତକାଲି ଆୟୋଜିତ ହୋଇଥିଲା ।

ପୁରୀର ବିଧାନସଭା ସଦସ୍ୟ ଜୟନ୍ତ କୁମାର ଷଡଙ୍ଗୀ, ପୁରୀ ସଦର ବ୍ଲକର ଅଧକ୍ଷ ଦିବାକର ପାତ୍ର, ମାଳତୀପାଟପୁରର ସରପଂଚ ମହେନ୍ଦ୍ର କୁମାର ମହାପାତ୍ର, ଟିପିସିଓଡିଏଲର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଶିବପ୍ରସାଦ ସ୍ୱାଇଁ, ଆରଇସି ଓଡିଶାର ମୁଖ୍ୟ କାର୍ଯ୍ୟକ୍ରମ ପରିଚାଳକ ବିଜୟ କୁମାର ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆରଇସି ଓ ଟିପିସିଓଡିଏଲ୍ ର ଅଧିକାରୀଗଣ ଉପସ୍ଥିତ ଥିଲେ । ବିଧାୟକ ଶ୍ରୀ ଷଡଙ୍ଗୀ ତାଙ୍କ ଉଦ୍‌ବୋଧନରେ ବିଜୁଳିର ଆବଶ୍ୟକତା ଓ ଲାଭ ସମ୍ପର୍କରେ କହିବା ସହିତ ଏହା କିପରି ମଣିଷର ଜୀବନଧାରଣର ମାନ ବଢାଇବାରେ ସହାୟକ ହେଉଛି ତାହା ବୁଝାଇଥିଲେ । ଏହି ଅବସରରେ ସୌଭାଗ୍ୟ ଯୋଜନାର କେତେକ ହିତାଧିକାରୀଙ୍କୁ ମଂଚକୁ ନିମନ୍ତ୍ରଣ କରାଯାଇଥିଲା । ପ୍ରଧାନମନ୍ତ୍ରୀ ସହଜ ବିଜ୍‌ଲି ହରଘର ଯୋଜନା ବା ସୌଭାଗ୍ୟ ଯୋଜନାରେ ସେମାନେ କିପରି ଉପକୃତ ହୋଇଛନ୍ତି ସେ ବିଷୟରେ ସେମାନେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ଓଡିଶାର ଗ୍ରାମାଂଚଳରେ ବିଦ୍ୟୁତ୍‌କରଣ କାର୍ଯ୍ୟ କରିବା ସମୟରେ ସମ୍ମୁଖୀନ ହୋଇଥିବା ସମସ୍ୟା ଓ ଆହ୍ୱାନଗୁଡିକ ବିଷୟରେ ଆରଇସିର ମୁଖ୍ୟ କାର୍ଯ୍ୟକ୍ରମ ପରିଚାଳକ ବିଜୟ କୁମାର ମହାନ୍ତି କହିଥିଲେ । ଗ୍ରାମବାସୀଙ୍କ ମନୋରଞ୍ଜନ ପାଇଁ ଏହି ଅବସରରେ ଓଡିଶୀ ଓ ଗୋଟିପୁଅ ନାଚ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସ୍କୁଲ ପିଲାମାନଙ୍କ ମଧ୍ୟରେ ମଧ ତର୍କ ଓ ପ୍ରବନ୍ଧ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ଏଲ୍‌ଇଡି ବଲ୍‌ବ ପୁରସ୍କାର ଆକାରରେ ଦିଆଯାଇଥିଲା ।

# ଘରୋଇ ହସ୍ପିଟାଲରେ ସ୍ୱତନ୍ତ୍ର ହେଲ୍‌ପ ଡେସ୍କ ଖୋଲିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୩୦/୦୪ (ନି.ପ୍ର): ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ପାଇଁ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନେ ଖର୍ଚ୍ଚବହୁଳ ଘରୋଇ ହସ୍ପିଟାଲମାନଙ୍କରେ ଉନ୍ନତ ଚିକିତ୍ସା ସୁବିଧା ପାଇପାରୁଛନ୍ତି । ଯୋଜନାଟି ଅଧିକରୁ ଅଧିକ ଲୋକପ୍ରିୟ ହେଉଥିବାରୁ ବିଏସ୍‌କେୱାଇ ଅଧୀନ ରୋଗୀମାନଙ୍କ ପାଇଁ ଘରୋଇ ହସ୍ପିଟାଲଗୁଡ଼ିକରେ ସ୍ୱତନ୍ତ୍ର ହେଲ୍‌ପ-ଡେସ୍କ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ।

ରାଜ୍ୟ ସ୍ୱାସ୍ଥ୍ୟ ସୋସାଇଟି ପରିଚାଳନା ପରିଷଦର ସମୀକ୍ଷା ବୈଠକ ଆଜି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଶ୍ରୀ ମହାପାତ୍ର କହିଥିଲେ ଯେ ରାଜ୍ୟ ଭିତରେ ଓ ରାଜ୍ୟ ବାହାର ଘରୋଇ ହସ୍ପିଟାଲମାନଙ୍କରୁ ଯୋଜନା ଅଧୀନ ଲୋକଙ୍କ ଚିକିତ୍ସା ବାବଦରେ ଆସୁଥିବା ବିଲ୍‌ର ପୈଠ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଉ । ବିଲ୍ ପୈଠ ପ୍ରକ୍ରିୟା ସୁଗମ ଓ ବାଧାମୁକ୍ତ ହେଲେ ଲୋକମାନେ ସହଜରେ ଚିକିତ୍ସା ପାଇପାରିବା ସହିତ ରାଜ୍ୟ ବାହାରେ ଓଡ଼ିଆ ଲୋକମାନେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ ବୋଲି ସେ କହିଥିଲେ ।

ଜାତୀୟ ସ୍ୱାସ୍ଥ୍ୟ ମିସନର ନିର୍ଦ୍ଦେଶିକା ତଥା ସୋସାଇଟିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶାଳିନୀ ପଣ୍ଡିତ କହିଲେ, ରାଜ୍ୟର ମୋଟ ୯୬.୫ଲକ୍ଷ ପରିବାରଙ୍କୁ ଏହି ଯୋଜନାରେ ସାମିଲ ପାଇଁ ଚିହ୍ନଟ କରାଯାଇଛି । ବର୍ତମାନ ସୁଦ୍ଧା ୯୮ ପ୍ରତିଶତ ପରିବାରଙ୍କୁ ସ୍ମାର୍ଟ କାର୍ଡ ବ ନ ସରିଛି । ଅବଶିଷ୍ଟ ପରିବାରଙ୍କୁ ଅଭିଯାନ ଭି ିରେ କାର୍ଡ ବ ନ କରାଯାଉଛି । କାର୍ଡ ପାଇଁ ନ ଥିବା ଯୋଗ୍ୟ ବିବେଚିତ ପରିବାର ସଦସ୍ୟମାନେ ମଧ ନିଜର ଖାଦ୍ୟ ସୁରକ୍ଷା କାର୍ଡ ଜରିଆରେ ଚିକିତ୍ସା ପାଇପାରୁଛନ୍ତି । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୩୨୮ ଓ ୧୫ଟି ବାହାର ରାଜ୍ୟରୁ ୬୫ଟି ଘରୋଇ ସୁପର ସ୍ପେସାଲିଟି ହସ୍ପିଟାଲକୁ ଯୋଜନାରେ ସାମିଲ କରାଯାଇଛି । ଏଥିରେ ମୁମ୍ବାଇ ଓ କୋଲକାତାସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲ, ସିଏମ୍‌ସି ଭେଲୋର, ନାରାୟଣ ହୃଦୟାଳୟ ହସ୍ପିଟାଲ ଗ୍ରୁପ, ଶଙ୍କର-କ୍ୟାନସର ହସ୍ପିଟାଲ ଗ୍ରୁପ, ବିଶାଖାପାଟଣାସ୍ଥିତ ଆପୋଲୋ, କେୟାର, ସେଭେନ ହିଲ୍‌ସ, ମହାତ୍ମାଗାନ୍ଧୀ କ୍ୟାନସର ପ୍ରତିଷ୍ଠାନ ଓ ଫର୍ଟିସ ହେଲ୍‌ଥ କେୟାର ସାମିଲ ରହିଛି ।

ରାଜ୍ୟ ଭିତରେ ସମ୍, କିମ୍‌ସ, ଆପୋଲୋ, ହାଇଟେକ୍, ସଦଗୁରୁ, ସାଇ ଶାନ୍ତି, ଜୟପ୍ରକାଶ ହସ୍ପିଟାଲ, ପଣ୍ଡା କ୍ୟାନସର ସେ ର, ଭୋମିକା ହସ୍ପିଟାଲ, ସର୍ବେଶ୍ୱର ମେମୋରିଆଲ ହସ୍ପିଟାଲ ପ୍ରଭୃତି ହସ୍ପିଟାଲରେ ଲୋକମାନେ ମାଗଣାରେ ଚିକିତ୍ସା ପାଇପାରୁଛନ୍ତି । ଏହାସହ ସମସ୍ତ ସରକାରୀ ହସ୍ପିଟାଲରେ ମାଗଣା ଚିକିତ୍ସା ଓ ଔଷଧ ଦିଆଯାଉଛି । ପ୍ରାୟ ୧୫୯୨ ଗ୍ରୁପ୍ ଅଧୀନ ବିଭିନ୍ନ ରୋଗର ଚିକିତ୍ସା ପାଇଁ ବିଏସ୍‌କେୱାଇରେ ବ୍ୟବସ୍ଥା କରାଯାଇଛି । ମାସିକ ପ୍ରାୟ ୪୦ହଜାର ରୋଗୀ ଘରୋଇ ସୁପର ସ୍ପେସାଲିଟି ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ପାଉଛନ୍ତି । ସେମାନଙ୍କ ଚିକିତ୍ସା ବାବଦକୁ ସରକାର ମାସିକ ହାରାହାରି ୯୦କୋଟି ଟଙ୍କା ହସ୍ପିଟାଲଙ୍କୁ ପୈଠ କରୁଛନ୍ତି । ୨୦୨୧/୨୨ ଆର୍ଥିକ ବର୍ଷରେ ସମୁଦାୟ ୧,୯୭,୩୫୫ ଜଣ ରୋଗୀଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ୩୮୪ କୋଟି ଟଙ୍କା ପୈଠ କରିଛନ୍ତି ।

ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାକେ ଶର୍ମା, ପ ।ୟତିରାଜ ବିଭାଗର ପ୍ରମୁଖ ସଚିବ ଅଶୋକ ମୀନା, ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଳ କୁମାର ଦେବ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସଚିବ ଭାସ୍କାରଜ୍ୟୋତି ଶର୍ମା ଓ ବିଭାଗର ଅନ୍ୟ ଅଧିକାରୀମାନେ ବୈଠକରେ ସାମିଲ ହୋଇଥିଲେ ।

# ସମବାୟ ବିଭାଗର 'ଜନଶୁଣାଣି' କାର୍ଯ୍ୟକ୍ରମର ସମୀକ୍ଷା ବୈଠକ

ଭୁବନେଶ୍ୱର,୩୦/୦୪ (ନି.ପ୍ର): ରାଜ୍ୟ ସରକାର ଅନ୍‌ଲାଇନ୍ ଆପତି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ 'ଜନଶୁଣାଣି' ମାଧ୍ୟମରେ ଜନସାଧାରଣଙ୍କ ଅଭିଯୋଗର ତୁରନ୍ତ ଫଇସଲା ଦିଗରେ ଗୁରୁତ୍ୱାରୋପ କରୁଥିବାବେଳେ ବିଭାଗୀୟ ଅଧିକାରୀମାନେ 'ଜନଶୁଣାଣି' କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଆଜି ଲୋକସେବା ଭବନଠାରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗରେ କାର୍ଯ୍ୟକାରୀ ହେଉଥିବା 'ଜନଶୁଣାଣି' କାର୍ଯ୍ୟକ୍ରମର ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ଓ ଏହାର ସୁଫଳ ଉଦ୍ଦିଷ୍ଟ ହିତାଧିକାରୀଙ୍କ ନିକଟରେ ଠିକ୍ ଭାବରେ ପହଂଚୁଛି କି ନାହିଁ, ସେ ବିଷୟରେ ଜାଣିବା ପାଇଁ ଅନ୍‌ଲାଇନ୍ 'ଜନଶୁଣାଣି' ଏକ ପ୍ରକୃଷ୍ଟ ମାଧ୍ୟମ । 'ଜନଶୁଣାଣି'ରେ ଜନସାଧାରଣ ସେମାନଙ୍କର ଆପତି ଅଭିଯୋଗ ସଂପୃକ୍ତ ବିଭାଗ ନିକଟରେ ଅନ୍‌ଲାଇନ୍ ମାଧ୍ୟମରେ ଜଣାଇ ପାରିବାର ବ୍ୟବସ୍ଥା ରହିଛି । ଲୋକମାନଙ୍କର ଆପତି ଅଭିଯୋଗର ଶୁଣାଣି କରି ସେଗୁଡ଼ିକର ତ୍ୱରିତ ସମାଧାନ କରିବା ଦିଗରେ ବିଭାଗୀୟ ଅଧିକାରୀମାନେ ତତ୍ପରତା ପ୍ରକାଶ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଚଳିତ ବ୍ୟବସ୍ଥାରେ ଉନ୍ନତି ଆଣି ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ଦିଗରେ 'ଜନଶୁଣାଣି' କାର୍ଯ୍ୟକ୍ରମ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି । ଜନଶୁଣାଣିରେ କରାଯାଉଥିବା ଫଇସଲା ସଂପୃକ୍ତ ଅଭିଯୋଗକାରୀଙ୍କୁ ଜଣାଇବା ସହିତ ଏହାର ସୁଫଳ ତାଙ୍କ ନିକଟରେ ଠିକ୍ ଭାବରେ ପହଂଚିଛି କି ନାହିଁ, ସେ ବିଷୟରେ ଅବଗତ ହେବା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ । ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରଚଳନ ଦ୍ୱାରା ଜନଶୁଣାଣି ପ୍ରକ୍ରିୟାକୁ ଅଧିକ ଫଳପ୍ରସୂ ଓ ଲୋକାଭିମୁଖୀ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଜିଲ୍ଲାସ୍ତର ସହିତ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗର ସମସ୍ତ କ୍ଷେତ୍ରୀୟ କାର୍ଯ୍ୟାଳୟକୁ ଏଥିରେ ଅନ୍ତର୍ଭୁକ୍ତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ରାଜେନ୍ଦ୍ର ମିଶ୍ର, ଅତିରିକ୍ତ ଶାସନ ସଚିବ ତଥା 'ଜନଶୁଣାଣି'ର ନୋଡାଲ ଅଧିକାରୀ ସନ୍ତୋଷ କୁମାର ନାୟକ, ସମବାୟ ବିଭାଗର ଯୁଗ୍ମ ସଚିବ ତଥା ନୋଡାଲ ଅଧିକାରୀ ବିନୋଦ ସେନାପତିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ ।

# ଆଦିବାସୀ ମେଳା ପ୍ରତି ବଢୁଛି ଦର୍ଶକଙ୍କ ଉତ୍ସାହ

ଭୁବନେଶ୍ୱର,୩୦/୦୪ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଅପ୍ରେଲ ୨୩ ତାରିଖଠାରୁ ସ୍ଥାନୀୟ ୟୁନିଟ୍ -୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଥିବା ଆଦିବାସୀ ମେଳା ଓ ଜାତୀୟ ଜନଜାତି କଳାସାମଗ୍ରୀ ପ୍ରଦର୍ଶନୀର ସପ୍ତମ ଦିନରେ ପହଂଚିଛି । ମେଳାକୁ ଆସିବା ପାଇଁ ସେତେ ଆଗ୍ରହ ପରିଲକ୍ଷିତ ହୋଇଛି । ସୁସଜ୍ଜିତ ସାଜସଜ୍ଜା ମଧ୍ୟରେ ମେଳାରେ ଦର୍ଶକମାନଙ୍କ ଉତ୍ସାହ ବହୁଗୁଣିତ ହୋଇଯାଉଛି । ବିଶେଷ କରି ଛୋଟ ଛୋଟ ପିଲାମାନଙ୍କ ଜିଜ୍ଞାସାର ପୂର୍ତି ପାଇଁ ଅନେକ ବାପାମା ରୀତିମତ ମେଳା ଅନୁଭୂତି ବଖାଣୁଛନ୍ତି ତାଙ୍କ ପିଲାଙ୍କ ପାଖରେ ମେଳା ପଡ଼ିଆ ସତେ ଯେପରି ଏକ ପାଠଶାଳା । ଶୃଙ୍ଖଳିତ ମେଳାର ଆଜି ସନ୍ଧ୍ୟାରେ ଜନଜାତି ହାଟରେ ଲୋକଙ୍କ ବେଶ୍ ଗହଳି ପରିଲକ୍ଷିତ ହୋଇଥିଲା । ଏ ବର୍ଷ ଖାଦ୍ୟ ପସରା ଖୋଲି ନଥିବାରୁ ଲୋକଙ୍କ ନିରାଶା ଭାବ ଥିଲେ ମଧ ରାଶିଲଡୁ, ବାଦାମ ଲଡୁ, ମୁଆ ଲଡୁ, ଖସ୍‌କା, ଖଜୁରୀ ପିଠା, ସାରୁ ଚିପ୍‌ସ, କନ୍ଦମୂଳ ଚିପ୍‌ସ, ବାଉଁଶ କରଡ଼ି ଆଚାର ଇତ୍ୟାଦି ଖାଦ୍ୟ କିଣିବାରେ ଖୁବ୍ ଆଗ୍ରହୀ ଥିଲେ ଲୋକମାନେ । ଗତକାଲି ସୁଦ୍ଧା ମେଳାରେ ପ୍ରାୟ ଦୁଇକୋଟି ଟଙ୍କାର ବ୍ୟବସାୟ ହୋଇଥିବାର ମେଳା କର୍ତୃପକ୍ଷଙ୍କ ପାଖରୁ ପ୍ରକାଶ । ଆଜିର ଜନଜାତି ନୃତ୍ୟରେ ବଣାଇଁ ଅଂଚଳରୁ ଆସିଥିବା ମୁଣ୍ଡାରୀ ଏବଂ କିସାନ୍ ମାନଙ୍କ ନୃତ୍ୟରେ ମୌଳିକତା ପ୍ରଦର୍ଶିତ ହୋଇଥିଲା । ଓଡ଼ିଶା ଓ ଝାଡ଼ଖଣ୍ଡ ଶୈଳୀର ମିଳିତ ରୂପ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା । ସେହିପରି କେନ୍ଦୁଝରର ସାନ୍ତାଳ ଓ ହୋ ଜନଜାତିମାନଙ୍କ ନୃତ୍ୟଶୈଳୀ ପାରମ୍ପରିକ ହୋଇ ବି ଦର୍ଶକଙ୍କୁ ଭରପୂର ଉତ୍ସାହ ଦେଇଥିଲା । ସବୁଠୁ ବେଶ୍ ଆକର୍ଷଣୀୟ ଥିଲା କଳାହାଣ୍ଡିରୁ ଆସିଥିବା ଘୁମୁରା ଓ ଢାପ ନୃତ୍ୟ ପ୍ରଦର୍ଶନ । ଘୁମୁରାରେ ପାରମ୍ପରିକ ଛଟା ଥିଲେ ମଧ ଦର୍ଶକମାନେ ଢାପ ନୃତ୍ୟରେ ଝୁମିଥିଲେ । କଳାହାଣ୍ଡିର ଏକ ଲୋକନୃତ୍ୟ ଭାବରେ ଢାପ ଦେଶବିଦେଶରେ ଖୁବ୍ ପରିଚିତ । ଆଦିବାସୀ ପରମ୍ପରାରୁ ବାହାରି ଲୋକପରମ୍ପରାରେ ଏହାର ବିଶେଷ ପ୍ରସିଦ୍ଧି ରହିଛି । ସମଗ୍ର ମେଳା ଅଂଚଳକୁ ଆଜିର ଢାପ ନୃତ୍ୟ ପ୍ରକମ୍ପିତ କରି ଦର୍ଶକମାନଙ୍କୁ ନୂତନ ସ୍ୱାଦ ପରଶିଥିଲା । ଏ ଅବସରରେ ଏସସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ଜାତୀୟ ଜନଜାତି କଳାସାମଗ୍ରୀ ପ୍ରଦର୍ଶନୀରେ ସ୍ୱକୀୟ ଜ୍ଞାନ ଆଧାରିତ କଳାସାମଗ୍ରୀ ପ୍ରସ୍ତୁତ କରୁଥିବା କାରିଗରଙ୍କୁ ପୁରସ୍କୃତ କରିଥିଲେ । ବୟନକଳାରେ ତାମିଲନାଡୁର ଟୋଡା ବୟନକଳା ପ୍ରଥମ ହୋଇଥିବାବେଳେ ଓଡ଼ିଶାର କୁଲିସ୍ ବୟନକଳା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ।

# ଡାକ୍ତରଖାନାରେ ରୋଗୀ ନାହାନ୍ତି, ଆତଙ୍କିତ ହୁଅନ୍ତୁ ନାହିଁ: ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର,୩୦/୦୪ (ନି.ପ୍ର): ରାଜ୍ୟରେ ଦୈନିକ ସଂକ୍ରମଣ ଏବେ ୧୫ ତଳେ ରହିଛି । ୫/୬ଟି ଜିଲ୍ଲାରେ ନୂଆ ମାମଲା ଆସୁଛି । ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ଶହେ ତଳେ ରହିଛି । ଡାକ୍ତରଖାନାରେ ଏବେ କୌଣସି ରୋଗୀ ନାହାନ୍ତି । ତେଣୁ କରୋନାର ସମ୍ଭାବ୍ୟ ଚତୁର୍ଥ ଲହରକୁ ନେଇ ଏବେଠାରୁ ଆତଙ୍କିତ ହେବାର ଆବଶ୍ୟକତା ନାହିଁ ବୋଲି କହିଛନ୍ତି ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା.ନିରଞ୍ଜନ ମିଶ୍ର । ଡା.ମିଶ୍ର କହିଛନ୍ତି ଯେ କରୋନାର ପାଣ୍ଡେମିସିଟି (ମହାମାରୀ)ରୁ ଏଣ୍ଡେମିସିଟି (ଶେଷ) ଆଡ଼କୁ ଯାଉଛେ । ତେଣୁ ଏହା ଭିତରେ ଏମିତି ଗୋଟିଏ ଗୋଟିଏ ସ୍ୱାଇକ ଆସିବ । ଏହି ଭୂତାଣୁ କୁଆଡ଼େ ଯିବନାହିଁ, କିନ୍ତୁ ଏହାର ରୋଗ ସୃଷ୍ଟି କରିବାର କ୍ଷମତା ହ୍ରାସ ପାଇବ । ଯଦି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼େ ତାହାଲେ ବିଶେଷ ଅସୁବିଧା ହେବନାହିଁ । ଗତ ୩ଟି ଲହରର ଅଭିଜ୍ଞତା ସହି ଭି ିଭୂମି ଓ ଔଷଧ ରହିଛି । କେନ୍ଦ୍ର ସରକାରଙ୍କ ଗାଇଡଲାଇନ ଅନୁସାରେ ଯେଉଁଠାରେ ସଂକ୍ରମଣ ବଢ଼ିବ ନିର୍ଦ୍ଦିଷ୍ଟଭାବେ ସେଠାରେ ପଦକ୍ଷେପ ନିଆଯିବାକୁ କୁହାଯାଇଛି । ସଂକ୍ରମଣକୁ ଦେଖି ପଦକ୍ଷେପ ନେବାକୁ ଜିଲ୍ଲାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଲୋକମାନଙ୍କୁ କୋଭିଡ ନିୟମକୁ ପାଳନ କରିବାକୁ ହେବ । ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତା ବଜାୟ ରଖିବା ଜରୁରୀ ବୋଲି ଡା.ମିଶ୍ର କହିଛନ୍ତି । ରାଜ୍ୟରେ ଗତ ୨୪ଘ ।ରେ ୧୦ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୨ଲକ୍ଷ ୮୮ହଜାର ୩୪କୁ ବୃଦ୍ଧି ପାଇଛି । ଏହାସହ ୧୦ ଜଣ ରୋଗୀ ସୁସ୍ଥ ହେବା ଫଳରେ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ୬୮କୁ ଖସି ଆସିଛି । ରାଜ୍ୟରେ ଆଜି ୬୭,୩୩୫ ଜଣଙ୍କୁ କରୋନା ଟିକା ଦିଆଯାଇଛି । ଏଥିରେ ୬୦ବର୍ଷରୁ ଅଧିକ ୪୫୯୩ଜଣ ଓ ୧୮ବର୍ଷରୁ ଅଧିକ ୧୦୧୮ଜଣ ଘରୋଇ ହସ୍ପିଟାଲରେ ପ୍ରିକସନ୍ ଡୋଜ୍ ଟିକା ନେଇଛନ୍ତି । ବର୍ତମାନ ସୁଦ୍ଧା ୬୦ରୁ ଅଧିକ ୬,୨୨,୫୨୯ ଜଣ ଓ ୧୮ବର୍ଷରୁ ୧୯,୨୪୨ଜଣ ପ୍ରିକସନ୍ ଡୋଜ୍ ନେଇ ସାରିଲେଣି । ରାଜ୍ୟରେ ପ୍ରିକସନ୍ ଡୋଜ୍ ଟିକାକରଣ ସେତେଟା ଉତ୍ସାହଜନକ ହେଉ ନ ଥିବାରୁ ଏ ନେଇ ନିକଟରେ କେନ୍ଦ୍ର ସରକାର ରାଜ୍ୟକୁ ଚିଠି ଲେଖିଥିଲେ ।

# ରାଜ୍ୟରେ ଗତ ୨୪ ଘ । ମଧ୍ୟରେ ୧୨ ଜଣ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୩୦/୦୪ (ନି.ପ୍ର): ଗତକାଲି ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘ । ମଧ୍ୟରେ ୧୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୭ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୫ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ମାତ୍ର ୩ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୮ଟି ଜିଲ୍ଲାରୁ ୧୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୨ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ । ଆଜି କଟକ ଜିଲ୍ଲାରୁ ସର୍ବାଧିକ ୩ ଜଣ କରୋନା ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି ।

ଗତ ୨୪ ଘ । ମଧ୍ୟରେ ବଲାଙ୍ଗୀର ଜିଲ୍ଲାରୁ ୧ ଜଣ, କଟକ ଜିଲ୍ଲାରୁ ୩ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୨ ଜଣ, ଯାଜପୁର ଜିଲ୍ଲାରୁ ୧ ଜଣ, ନୂଆପଡ଼ା ଜିଲ୍ଲାରୁ ୧ ଜଣ, ରାୟଗଡ଼ା ଜିଲ୍ଲାରୁ ୧ ଜଣ, ସମ୍ବଲପୁର ଜିଲ୍ଲାରୁ ୧ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୧ ଜଣ ଓ ଷ୍ଟେଟ ପୁଲରୁ ୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି ।

ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୮, ୦୪୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୭୮, ୭୮୯ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୮୦ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ମେ ୨ରେ ନେହେରୁ ଯୁବ ପ୍ରତିଷ୍ଠାନର ୫୦ତମ ସୁବର୍ଣ୍ଣ ଜୟନ୍ତୀ

ଭୁବନେଶ୍ୱର,୩୦/୦୪ (ନି.ପ୍ର): ରାଜ୍ୟର ଅଗ୍ରଣୀ ଯୁବ ଓ ସାଂସ୍କୃତିକ ଅନୁଷ୍ଠାନ ନେହେରୁ ଯୁବ ପ୍ରତିଷ୍ଠାନ ତାର ୫୦ତମ ସୁବର୍ଣ୍ଣ ଜୟନ୍ତୀ ମେ ୨ ତାରିଖରେ ପାଳନ ହେବାକୁ ଯାଉଛି । ଏହି ଅବସରରେ ଚଳିତମାସ ୨୮ତାରିଖରୁ ମେ ୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ନିଷ୍ପତି ନିଆଯାଇଥିଲା । ୨୮ତାରିଖରେ ଅନୁଷ୍ଠାନର ପ୍ରତିଷ୍ଠାତା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ବୈକୁଣ୍ଠ ନାଥ ମିଶ୍ରଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଅଖଣ୍ଡ ଦୀପ ପ୍ରଜ୍ୱଳନ, ସନ୍ଧ୍ୟାରେ ସପ୍ତମ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ସେହିପରି୨୯ ତାରିଖରେ ଏଏସ୍‌ଜି ଓ ସିୱାଇପିଓଟି ଦ୍ୱାରା ଚକ୍ଷୁ, ମଧୁମେହ, ରକ୍ତ ପରୀକ୍ଷଣ, ଦନ୍ତ, ଇସିଜିଂ ମାଗଣାରେ ଅନୁଷ୍ଠିତ ହୋଇଥିଲା । ୩୦ ତାରିଖରେ ନମୋଃ ସହଯୋଗରେ ନୂଆଗାଁସ୍ଥ ଶ୍ରୀକୃଷ୍ଣ ଆନନ୍ଦ ବୃଦ୍ଧାଶ୍ରମଠାରେ ଆନନ୍ଦ ଉତ୍ସବର ଏକ ସନ୍ଧ୍ୟା ଅନୁଷ୍ଠିତ ହେବ । ମେ ୧ ତାରିଖ ଅପରାହ୍ନରେ ନେହେରୁ ଯୁବ ପ୍ରତିଷ୍ଠାନ ପରିସରରେ ମହିଳା ଓ ଛାତ୍ରୀମାନଙ୍କ ମଧ୍ୟରେ ଫୁଲଗୁନ୍ଥା ପ୍ରତିଯୋଗିତା ଅନୁଷ୍ଠିତ ହେବ । ୨ ତାରିଖ ଅପରାହ୍ନରେ ସାଥୀ ଅନୁଷ୍ଠାନ ପକ୍ଷରୁ ଅଭିଜ୍ଞ ଡ଼ାକ୍ତରମାନଙ୍କ ଦ୍ୱାରା ୨୦ ଟଙ୍କାରେ ଡ଼ାକ୍ତରୀ ପରାମର୍ଶ ଓ ପଞ୍ଜିକରଣ କରିଥିବା ବ୍ୟକ୍ତିବିଶେଷମାନେ ରିହାତି ମୂଲ୍ୟରେ ଔଷଧ କ୍ରୟ କରିପାରିବେ । ଅପରାହ୍ନ ୪ଟାରେ କୁନି କୁନି ପିଲାମାନଙ୍କ ମଧ୍ୟରେ ଆଧୁନିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ସନ୍ଧ୍ୟାରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଖ୍ୟାତିସମ୍ପନ୍ନ ବ୍ୟକ୍ତିବିଶେଷ, ବିଶିଷ୍ଟ ସାହିତ୍ୟିକ ଶ୍ରୀ ଅସିମ ମହାନ୍ତି, ରାଷ୍ଟ୍ରୀୟ ଲୋକସେବକ ମଣ୍ଡଳର ସମ୍ପାଦକ ଡଃ ପ୍ରଭାସ ଚନ୍ଦ୍ର ଆଗ୍ରର୍ଯ୍ୟ, ଡ଼ିଏଭି ଓଡ଼ିଶା ଶାଖା ଆଂଚଳିକ ନିର୍ଦ୍ଦେଶକ ଡଃ କେଶବ ଚନ୍ଦ୍ର ଶତପଥୀ, ଯୁବ ସାହସିକତା ପାଇଁ ଚିତରଞ୍ଜନ ପ୍ରଧାନଙ୍କୁ ସମ୍ମାନିତ କରାଯିବ । ଉତ୍ସବ ଶେଷରେ ନୃତ୍ୟଶିଳ୍ପୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯିବ ।

# ଟ୍ରେନ୍‌ରେ ବେଡରୋଲ/ଲିନେନ ସେବା ଆରମ୍ଭ



ଭୁବନେଶ୍ୱର,୩୦/୦୪ (ନି.ପ୍ର): କୋଭିଡ୍-୧୯ ମାମଲା ହ୍ରାସକୁ ଦୃଷ୍ଟିରେ ରଖି ଟ୍ରେନ୍‌ରେ ବନ୍ଦ କରାଯାଇଥିବା ବେଡରୋଲ/ଲିନେନ୍ ସେବା ପୁଣିଥରେ ଆରମ୍ଭ କରାଯାଇଛି । ପୂର୍ବତଟ ରେଳପଥରୁ ଛାଡୁଥିବା ଟ୍ରେନ୍‌ଗୁଡ଼ିକ ପାଇଁ ପର୍ଯ୍ୟାୟକ୍ରମେ ଟ୍ରେନ୍ ଭିତରେ ଚାଦର, ତକିଆ, କମ୍ବଳ ଓ ଟାୱେଲ ସେବାକୁ ପୁଣିଥରେ ପ୍ରଚଳନ କରିଛି । ପୁରୀ-ଦୁର୍ଗ-ପୁରୀ ଏକ୍ସପ୍ରେସ(୧୮୪୨୫/୧୮୪୨୬)ରେ ମାର୍ଚ୍ଚ ୨୧ରୁ ବେଡରୋଲ/ଲିନେନ ସେବା ଯୋଗାଣକୁ ପୂର୍ବତଟ ରେଳପଥ ଆରମ୍ଭ କରି ଏବେ ସୁଦ୍ଧା ୬୦ଟି ଟ୍ରେନ୍‌ରେ ବେଡରୋଲ ସେବା ଯୋଗାଉଛି । ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ୬୭ ଯୋଡା ଟ୍ରେନ୍ ମଧ୍ୟରୁ ଖୁବ କମ ସମୟ ମଧ୍ୟରେ ୩୦ ଯୋଡ଼ା ଟ୍ରେନରେ ଏହି ସେବା ଯୋଗାସରିଛି । ଏହି ଟ୍ରେନଗୁଡ଼ିକ ମଧ୍ୟରୁ ୬ ଯୋଡ଼ା ଦୈନିକ ଚଳାଚଳ କରୁଥିବା ଟ୍ରେନ୍, ଦୁଇ ଯୋଡ଼ା ଦ୍ୱି-ସାପ୍ତାହିକ, ଦୁଇ ଯୋଡ଼ା ତ୍ରି-ସାପ୍ତାହିକ, ୧୫ ଯୋଡ଼ା ସାପ୍ତାହିକ ଓ ୫ ଯୋଡ଼ା ଟ୍ରେନ ସପ୍ତାହରେ ୫/୪ ଦିନ ଚଳାଚଳ କରୁଛି । ଭୁବନେଶ୍ୱରରୁ ୭ ଯୋଡ଼ା ଟ୍ରେନ୍, ପୁରୀରୁ ୧୦ ଯୋଡ଼ା, ସମ୍ବଲପୁରରୁ ୪ ଯୋଡ଼ା ଓ ବିଶାଖାପାଟଣାରୁ ୯ ଯୋଡ଼ା ଟ୍ରେନ୍ ବ ର୍ମାନ ବେଡରୋଲ/ଲିନେନ ସେବାରେ ଅନ୍ତର୍ଭୁକ୍ତ ହୋଇଛି । ସୂଚନାଯୋଗ୍ୟ ଯେ କରୋନା ସଂକ୍ରମଣ ରୋକିବା ପାଇଁ ଟ୍ରେନ୍ ଭିତରେ ବେଡରୋଲ/ଲିନେନ ଓ ପରଦା ଉପରେ ପ୍ରତିବନ୍ଧକ ଲଗାଇଥିଲା । ସମସ୍ତ ଟ୍ରେନର ଶୀତତାପ ନିୟନ୍ତ୍ରିତ କୋଚରେ ଯାତ୍ରୀଙ୍କୁ ଦୀର୍ଘ ଯାତ୍ରା ସମୟରେ ନିଜର କମ୍ବଳ ଆଣିବାକୁ ପରାମର୍ଶ ଦିଆଯାଇଥିଲା ।

# ଓରମାସ୍‌ର ମାର୍କେଟିଂ ଓ ସ୍କିଲ୍ ସଂପର୍କିତ ଦୁଇଦିନିଆ କର୍ମଶାଳା

ଭୁବନେଶ୍ୱର,୩୦/୦୪ (ନି.ପ୍ର): ଜାତୀୟ କିମ୍ବା ଅନ୍ତର୍ଜାତୀୟ ବଜାରରେ କୌଣସି ଦ୍ରବ୍ୟର ଚାହିଦା ସୃଷ୍ଟି କରିବାକୁ ହେଲେ ସାମଗ୍ରୀର ଗୁଣବତା, ଉପାଦେୟତା ଓ ଆବଶ୍ୟକ ବଜାର ଯୋଗାଣ ସହ ସେଗୁଡ଼ିକର ସଠିକ୍ ପ୍ରଚାରପ୍ରସାର ହେବା ଜରୁରୀ ଏବଂ ଦ୍ରବ୍ୟର ମାର୍କେଟିଂ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ଆୟୋଜିତ କର୍ମଶାଳାରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମତବ୍ୟକ୍ତ କରିଥିଲେ । ସରକାରଙ୍କ ନିଯୁକ୍ତିଭିତିକ, ଦକ୍ଷତାଭିତିକ କାର୍ଯ୍ୟକ୍ରମ ଡି.ଡି.ୟୁ ଜି.କେ.ୱାଇରେ କିଭଳି ଅଧିକରୁ ଅଧିକ ଗ୍ରାମୀଣ ବେରୋଜଗାର ଯୁବବର୍ଗଙ୍କୁ ତାଲିମ ଓ ନିଯୁକ୍ତି ସୁଯୋଗ ଦିଆଯାପାରିବ, ସେମାନେ କିଭଳି ଭାବେ ବିଭିନ୍ନ ସଂସ୍ଥାରେ ଚାକିରି କରିପାରିବେ ସେଥିପାଇଁ ସେମାନଙ୍କୁ ଉପଯୁକ୍ତ ପରାମର୍ଶ ଦେବା ସଂପର୍କରେ ମଧ କର୍ମଶାଳାରେ ଶ୍ରୀ ଜେନା ପ୍ରକାଶ କରିଥିଲେ ।

ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା କହିଲେ ଯେ କୃଷିଜାତ ଦ୍ରବ୍ୟର ସଠିକ୍ ବିପଣନ, ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ କମ୍ପାନୀଗୁଡ଼ିକର ସଠିକ୍ ପରିଚାଳନା, ନିରୀକ୍ଷଣ, ଓଡ଼ିଶାରେ ଗ୍ରାମୀଣ କାରିଗରଙ୍କ ଆର୍ଥିକ ବିକାଶ, ଉତ୍ପାଦିତ ସାମଗ୍ରୀର ବିକ୍ରିବଟା, ଗ୍ରାମାଂଚଳରେ ରାଜମିସ୍ତ୍ରୀ ତାଲିମ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ସୁଜାତା କାର୍ତିକେୟନ୍, ଗ୍ରାମୀଣ ଉତ୍ପାଦଗୁଡ଼ିକର ଉପଯୁକ୍ତ ମାର୍କେଟିଂ ଏବଂ ଏ ଦିଗରେ ମିଶନ ଶକ୍ତି ଏବଂ ଓରମାସ୍ ର ଭୂମିକା ଉପରେ ଆଲୋକପାତ କରିଥିଲେ ।

ଏହି କର୍ମଶାଳାରେ ମିଶନ ଜୀବିକା ପ୍ରକଳ୍ପ ଏବଂ ମିଶନ ଶକ୍ତି ବଜାର ପାଇଁ ଓରମାସ୍ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ସେହିପରି ଉତମ ବ୍ୟାବସାୟିକ କାରବାର ଏବଂ ଇନୋଭେଟିଭ୍ ପ୍ରଡକ୍ଟ କ୍ଷେତ୍ରରେ ଶ୍ରେଷ୍ଠତା ହାସଲ କରିଥିବା କୋରାପୁଟର କାପକୋ, ଗଞ୍ଜାମର ଗଞ୍ଜାମ ଗୃହିଣୀ, ମୟୂରଭଞ୍ଜ ସବାଇ ଫାର୍ମର୍ସ, ରାୟଗଡ଼ାର ଧରିତୀପେନୁ ଫାର୍ମସ ଓ ବଲାଙ୍ଗୀର ଫାର୍ମିଂ ଆଣ୍ଡ ନନ୍‌ଫାର୍ମିଂ ଆଦି ପାଂଚଟି ଉତ୍ପାଦକ କମ୍ପାନୀକୁ ଉଦ୍‌ଯାପନୀ ଦିବସରେ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା ।

କର୍ମଶାଳାରେ ଓରମାସ୍ ତରଫରୁ ଗୋଷ୍ଠୀଭିତିକ ସଂସ୍ଥାଗୁଡ଼ିକର ସଠିକ୍ ନିରୀକ୍ଷଣ ପାଇଁ ଇ-ଉତ୍ପାଦନ ପୋର୍ଟାଲର ଶୁଭାରମ୍ଭ କରାଯାଇଥିଲା । ଏଥିସହ ଗ୍ରାମୀଣ ରାଜମିସ୍ତ୍ରୀ ତାଲିମ ପୁସ୍ତିକା ଏବଂ ଶିଶିର ସରସ ଫଟୋଚିତ୍ରକୁ ନେଇ କଫି ଟେବୁଲ୍ ବୁକ୍ ର ଉନ୍ମୋଚନ କରାଯାଇଥିଲା ।

ଏହି କର୍ମଶାଳାରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରେଘୁ ଜି. ଓଡ଼ିଶା ଜୀବିକା ମିଶନର ରାଜ୍ୟ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମାନସୀ ନିମ୍ଭାଲ, ପାନୀୟ ଜଳ ଓ ପରିମଳ, ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ବି. ପରମେଶ୍ୱରନ୍, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ସ୍ୱୟଂପ୍ରଭା ମହାନ୍ତି, ଓୟୁଏଟିର ଏଗ୍ରିକଲଚରାଲ ମାର୍କେଟିଂ ବିଭାଗର ମୁଖ୍ୟ ଡକଫର ସର୍ବନାରାୟଣ ମିଶ୍ର, ବିଶ୍ୱବ୍ୟାଙ୍କ ନୂଆଦିଲ୍ଲୀର ଗ୍ରାମ୍ୟ ଉନ୍ନୟନ ବିଶେଷଜ୍ଞ ସମିକ ସୁନ୍ଦର ଦାସ, କେନ୍ଦ୍ର ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରାଳୟର ସିନିଅର ମ୍ୟାନେଜର ହର୍ଷଲ ଚଢ଼ା ଓ ଲିଡ୍-(ଆଇବି) ଜୟବର୍ଦ୍ଧନେ ତିୱାରୀ, ଆଇଟିସି-ଅଗରବତୀ ବିଜନେସ୍ ର ମୁଖ୍ୟ ଏମ୍. ମୁରଲୀଧର, ଏନ୍‌ଆଇଏଫ୍‌ଟି, ଭୁବନେଶ୍ୱରର ପ୍ରୋଜେକ୍ଟ ୟୁନିଟ୍ ହେଡ୍ ବିନୟ ଭୂଷଣ ଜେନା, କେଭିଆଇସି, ଭୁବନେଶ୍ୱରର ନିର୍ଦ୍ଦେଶକ ସମୀର କୁମାର ମହାନ୍ତି, ନାଫେଡ୍, ଭୁବନେଶ୍ୱରର ଶାଖା ପରିଚାଳକ ଭବ୍ୟା ଆନନ୍ଦ, ଇଫ୍‌କୋ କିଷାନ୍-ଆଗ୍ରିଟେକ୍ ମୁଖ୍ୟ ମୋରୁପ ନାମ୍‌ଗେଲ୍, ଭାଇସ୍ ପ୍ରେସିଡେଂଟ, ନାବକନ୍ସ ଭି. ବାଲସୁବ୍ରମଣ୍ୟମ୍ ଏବଂ ଘରୋଇ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ଓରମାସ୍ ର ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବାଦଲ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଧାରାବାହିକ : ଜୀବନାନୁଭୂତି

ଭାଗ-୭୨

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡ଼ା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଶୀତଳଷଷ୍ଠୀ ହରପାର୍ବତୀଙ୍କ ବିବାହ ଦିବସ । ଏଥିପାଇଁ ଯେଉଁ ଯାତ୍ରା ହୁଏ, ତାହା ସ୍ୱାମୀ ସହିତ ପାର୍ବତୀଙ୍କ ଭର୍ତ୍ତାଳୟକୁ ଗମନକାଳୀନ ଉତ୍ସବର ପ୍ରତୀକ । ଉଭୟ ପଡ଼ାର ବ୍ରାହ୍ମଣମାନେ ସର୍ବସାଧାରଣଙ୍କଠାରୁ ଚାନ୍ଦା ସଂଗ୍ରହକରି ଏହାର ବ୍ୟୟ ନିର୍ବାହ କରନ୍ତି । ପ୍ରତିବର୍ଷ ଭିନ୍ନ ଭିନ୍ନ ଧର୍ମପ୍ରାଣ ବ୍ୟକ୍ତି ନିଜ ବ୍ୟୟରେ ବିବାହ କାର୍ଯ୍ୟ ସମ୍ପାଦନ କରନ୍ତି ।

ସମ୍ବଲପୁରର ଉଭୟ ଶ୍ରେଣୀୟ ନେତାମାନଙ୍କ ସମ୍ମୁଖରେ ଶୀତଳଷଷ୍ଠୀ ଯାତ୍ରା ଏକତ୍ର ସମ୍ପାଦନ କରିନେବା କାର୍ଯ୍ୟ ସହିତ ଉଭୟ ଶ୍ରେଣୀ ମଧ୍ୟରେ ସଖ୍ୟ ସ୍ଥାପନର ବହୁବାର ମୁଁ ପ୍ରସ୍ତାବ କରିଥିଲି । ବହୁକାଳରୁ ଉଭୟ ଶ୍ରେଣୀୟ ବ୍ରାହ୍ମଣମାନଙ୍କ ମଧ୍ୟରେ ବୈବାହିକ ସମ୍ବନ୍ଧ ସ୍ଥାପନ ମୋର ଚିରପୋଷିତ ଆକାଙ୍କ୍ଷା ଥିଲା । ପରିହାସ ଛଳରେ ଥରେ ମୁଁ ପ୍ରସ୍ତାବ କରିଥିଲି ଯେ, ବର୍ଷେ ଝାଡୁଆ ମହାଦେବ ଓ ଓଡ଼ିଆ ପାର୍ବତୀ ଓ ପରବର୍ଷ ଓଡ଼ିଆ ମହାଦେବ ଓ ଝାଡୁଆ ପାର୍ବତୀଙ୍କର ବିବାହ କରି ତପ୍ରେ ଦେବତାଙ୍କଠାରୁ ମନୁଷ୍ୟର ବିବାହ ଆଡ଼କୁ ଅଗ୍ରସର ହେଲେ ସମାଜର ମଙ୍ଗଳ ସାଧିତ ହେବନ୍ତ କିନ୍ତୁ କେହି ଏହି ପ୍ରସ୍ତାବ ଗ୍ରହଣ କଲେ ନାହିଁ । ମୋର ମଧ୍ୟ ବିଶ୍ୱାସ ନଥିଲା ଯେ, ଭଗବାନ ଦିନେ ଏହା ମୋ ହସ୍ତରେ ସମ୍ପନ୍ନ କରାଇବେ । ଦିନେ ହେଲେ ସଦିଚ୍ଛା ସଫଳ ହୁଏ । ସମ୍ବଲପୁରରେ ପ୍ରଥମ ଝାଡୁଆ ଓଡ଼ିଆ ବିବାହ ମୋ କନ୍ୟା ସୁଷମା ସହିତ ଶ୍ରୀ ନାରାୟଣ ନନ୍ଦଙ୍କ ପୁତ୍ର କିଶୋରୀମୋହନଙ୍କ । ଏହା ୧୯୪୫ ମସିହାରେ । ଝାଡୁଆ ସମାଜରେ ଏହା ଚହଳ ପକାଇ ଦେଇଥିଲା ଓ ମୋ ବିରୁଦ୍ଧରେ କେତେ ବିଭ୍ରାଟ ସୃଷ୍ଟି ହୋଇଥିଲା । କିନ୍ତୁ କାଳର ସ୍ରୋତରେ ଏହି ୧୭ ବର୍ଷ ମଧ୍ୟରେ ଏପରି ବିବାହ ଅନେକ ହୋଇଗଲାଣି । ଯଥାସ୍ଥାନରେ ଏହି ବିଷୟର ବିଶଦ ଆଲୋଚନା ହେବ ।

ଏହି ବର୍ଷର ଝାଡୁଆପଡ଼ାର ହରପାର୍ବତୀଙ୍କ ବିବାହ, ଯାତ୍ରାରେ କର୍ମକର୍ତ୍ତାମାନଙ୍କ ସମ୍ମତିକ୍ରମେ ମୁଁ ଓ ମୋ ସହଧର୍ମିଣୀଙ୍କ ଦ୍ୱାରା ଆମ୍ଭ ଘରେ ସମ୍ପନ୍ନ ହୋଇଥିଲା । ଏହିବର୍ଷ ଶୀତଳଷଷ୍ଠୀ ଉତ୍ସବ ସମ୍ପର୍କରେ ଉଭୟ ପଡ଼ାର ବ୍ରାହ୍ମଣଙ୍କ ମଧ୍ୟରେ ମନୋଭାବ ଅତ୍ୟନ୍ତ ତୀବ୍ର ହୋଇଥିଲା । ଶାନ୍ତିରକ୍ଷା ସକାଶେ ମୁଁ ମାଜିଷ୍ଟ୍ରେଟ୍ ମୁତୟନ ହୋଇଥିଲି । ମୁଁ ଝାଡୁଆ ବ୍ରାହ୍ମଣ ଓ ଝାଡୁଆପଡ଼ାର ହରପାର୍ବତୀ ବିବାହ ସମ୍ପାଦନ କରୁଥିବା କାରଣନେଇ ଓଡ଼ିଆ ବ୍ରାହ୍ମଣମାନେ ମୋ ପ୍ରତି ଅର୍ପିତ କାର୍ଯ୍ୟଭାରରୁ ମୋତେ ଅବ୍ୟାହତି ଦେବା ସକାଶେ ଡେପୁଟି କମିଶନର ଶ୍ରୀ ନୀଳମଣି ସେନାପତିଙ୍କଠାରେ ଦରଖାସ୍ତ କଲେ । ସେନାପତି ମହାଶୟ ମୋତେ ତଲବ କରି ଉଭୟପକ୍ଷଙ୍କ ସମ୍ମୁଖରେ ଉତ୍ସବରେ ଶାନ୍ତିରକ୍ଷା ଭାରପ୍ରାପ୍ତ ହୋଇ, କାହିଁକି ଏହି କାର୍ଯ୍ୟ କରୁଅଛ ବୋଲି ପଚାରିଲେ । ମୁଁ ତାଙ୍କୁ ବୁଝାଇବାକୁ ଚେଷ୍ଟାକଲି ଯେ, ଏହା କରିବା ପାଇଁ ମୋର ଓ ମୋର ସହଧର୍ମିଣୀଙ୍କ ମାନସିକ ଥିଲା । ସୁତରାଂ ଏହି ଧର୍ମ ସମ୍ବଳିତ କାର୍ଯ୍ୟ କରିବାରେ କୌଣସି ବାଧା ନାହିଁ; ବିଶେଷତଃ ମୋର କର୍ତ୍ତବ୍ୟ ସମ୍ପାଦନରେ କୌଣସି ପ୍ରକାର ବିଘ୍ନ ଜାତ ହେବାର ଆଶଙ୍କା ମଧ୍ୟ ନାହିଁ । ଆହୁରି ମଧ୍ୟ କହିଲି ଯେ, ଅନ୍ୟ କୌଣସି ଅଫିସରଙ୍କୁ ଏହି କାର୍ଯ୍ୟଭାର ଦେଲେ ମୋର ଆପତ୍ତି ନାହିଁ । ତଥାପି ସେନାପତି ମହାଶୟ ବୁଝିଲେ ନାହିଁ ଓ ବିବାହ ବନ୍ଦ କରିବାକୁ କହିଲେ । ମୁଁ ତାଙ୍କ ସହିତ ଏକମତ ନହୋଇ ବିନୀତ ଭାବରେ ତାହା ପ୍ରତ୍ୟାଖ୍ୟାନ କଲି । ତଥାପି ସେ ଜିଦ୍ ଧରିବସିଲେ ଯେ, ଯଦି ମୁଁ ତାଙ୍କ ଆଦେଶ ଅମାନ୍ୟ କରିବି ତାହାହେଲେ ମୋ ପ୍ରତି ବିହିତ କାର୍ଯ୍ୟାନୁଷ୍ଠାନ କରିବେ । ତଥାପି ମୁଁ ଏଥିରୁ ବିରତ ହେଲିନାହିଁ । ଏହି ପ୍ରସଙ୍ଗରେ ନନ୍ଦପଡ଼ାର ନେତାମାନଙ୍କୁ କହିଲି 'ଦେଖନ୍ତୁ, ମୋର ନଅଟି ଝିଅ । ପ୍ରତିବର୍ଷ ଗୋଟିଏ ଲେଖାଏଁ ଝିଅର ବିବାହ କରି ମୁଁ ଆନନ୍ଦ ଲାଭକରେ । ସାରଦା ଆଇନ ତାହା ୧୯୨୯ ସାଲରୁ ବନ୍ଦ କରିଦେଇଅଛି । ତେଣୁ ଏପରି ଗୋଟିଏ ଝିଅର ବିବାହ ବ୍ୟବସ୍ଥା କରିଅଛି, ଯାହାପ୍ରତି ଏହି ଆଇନ ପ୍ରଯୋଜ୍ୟ ନୁହେଁ । ସେ ହେଉଛି ପାର୍ବତୀ । ମୁଁ କେଡ଼େ ଭାଗ୍ୟବାନ୍! ଏତେଗୁଡ଼ିଏ ଝିଅ ଓ ସେମାନଙ୍କ ବିବାହର ସୌଭାଗ୍ୟ କେଉଁ ବ୍ୟକ୍ତି ଅର୍ଜନ କରିଅଛି ? ମୁଁ ଝାଡୁଆ ବ୍ରାହ୍ମଣ ଘରେ ଜନ୍ମ ହୋଇଥିଲେ ହେଁ ସମ୍ବଲପୁରରେ ଜଣେ ବିଶିଷ୍ଟ ଓଡ଼ିଆ ବ୍ରାହ୍ମଣଙ୍କଦ୍ୱାରା ମନୁଷ୍ୟ ହୋଇଅଛି । ସମସ୍ତେ ମୋତେ ଓଡ଼ିଆ ବ୍ରାହ୍ମଣ ବାଲୁଙ୍କେଶ୍ୱର ମିଶ୍ରଙ୍କ ପୁଅ ବୋଲି କହୁଛନ୍ତି ଓ ମୋତେ ସ୍ନେହ କରୁଛନ୍ତି । ଏହି ଉତ୍ସବରେ ଆପଣମାନଙ୍କ କୌଣସି ପ୍ରକାର ଆଶଙ୍କାର କାରଣ ନାହିଁ ।' ଏହା କହିବା ଉତ୍ତାରେ ନନ୍ଦପଡ଼ା ଭାଇମାନେ ହସି ହସି ସେମାନଙ୍କ ଆପତ୍ତି ଦରଖାସ୍ତ ଉଠାଇନେଲେ । ମୋ ଘରେ ବିବାହ ସମାରୋହରେ ସମ୍ପନ୍ନ ହେଲା ଓ ଉଭୟ ପଡ଼ାର ଉତ୍ସବ ମଧ୍ୟ ସୁଶୃଙ୍ଖଳ ଭାବରେ ସମ୍ପାଦିତ ହେଲା ।

ଶ୍ରୀଯୁକ୍ତ ନୀଳମଣି ସେନାପତି ପ୍ରଥମ ଓଡ଼ିଆ ଆଇ.ସି.ଏସ୍ । ସମ୍ବଲପୁରରେ ସର୍ବପ୍ରଥମ ମୁଁ ତାଙ୍କୁ ଦେଖିଲି ଓ ତାଙ୍କ ତଳେ କାର୍ଯ୍ୟ କରିବା ସୁଯୋଗ ପାଇଲି ଓ କାଳର ଖାସ୍ ବିଲାତ୍ ଫେରନ୍ତା; ତାହା ଉପରେ ସରକାରୀ କାର୍ଯ୍ୟରେ ସର୍ବୋଚ୍ଚ ପଦଧାରୀ । ସେ କାଳର କେତେକ ଡେପୁଟିଙ୍କର ମଧ୍ୟ ଧରଣ ଧାରଣ ସାହେବୀ; ଡେପୁଟି ଥିବାଯାଏ କେତେକ ଗଳାବନ୍ଦ କୋଟ୍ ପିନ୍ଧୁଥାନ୍ତି; କିନ୍ତୁ ସାଧାରଣତଃ ଆଇ.ସି.ଏସ୍. ପଦଧାରୀଙ୍କ ସକାଶେ ରକ୍ଷିତ ଜିଲ୍ଲା ହାକିମ ପଦକୁ ଉଠିଲା ମାତ୍ରକେ ଛାତିଖୋଲା କୋଟ୍ ଓ ନେକ୍‌ଟାୟ ପିନ୍ଧିବା ଓ ନିଜ ମାତୃଭାଷା ଛାଡ଼ି ଇଂରେଜୀ ଭାଷା ବ୍ୟବହାର କରିବା ଦେଖାଯାଇଛି । ସେନାପତି ମହାଶୟ ଆମ୍ଭମାନଙ୍କର, ଅର୍ଥାତ୍ ଅଧୀନସ୍ଥ ଅଫିସର ଓ କିରାଣିମାନଙ୍କ ସହିତ ଇଂରେଜୀରେ ଓ ଇଂରେଜୀଭାଷା ଅନଭିଜ୍ଞ ଚପରାସୀମାନଙ୍କ ସହିତ ହିନ୍ଦିରେ କଥାବାର୍ତ୍ତା କରନ୍ତି । ଦିନେ ସମ୍ବଲପୁର ଫ୍ରେଜର୍ କ୍ଲବ୍‌ରେ କବି ଗଙ୍ଗାଧର ମେହେରଙ୍କ ପ୍ରତିକୃତି ଉନ୍ମୋଚନ ଉତ୍ସବରେ ତାଙ୍କୁ ସଭାପତିତ୍ୱ କରିବାକୁ ହୋଇଥିଲା ଓ ଉତ୍ସବର ଉଦ୍ୟୋକ୍ତାମାନେ ତାଙ୍କୁ ଜଣାଇଦେଲେ ଯେ, ସେହିଦିନର କାର୍ଯ୍ୟାବଳୀ ଓଡ଼ିଆ ଭାଷାରେ ହେବ । ସେନାପତି ମହାଶୟ ବିଶୁଦ୍ଧ ଓଡ଼ିଆ ଭାଷାରେ ଭାଷଣ ଦେଇଥିଲେ । ସଭାରେ ଉପସ୍ଥିତ ସମ୍ବଲପୁରର ଜଣେ ବିଶିଷ୍ଟ ଓକିଲ ତାଙ୍କ ଭାଷଣରେ ଏହି କଥାକୁ ଲକ୍ଷ୍ୟ କରି କେତେକ ଶ୍ଳୋକପୂର୍ଣ୍ଣ ବାକ୍ୟ ମଧ୍ୟରେ ସେନାପତି ମହାଶୟ ବିଲାତରେ ରହି, ଇଂରେଜୀ ଭାଷାରେ ବ୍ୟୁତ୍ପତ୍ତି ଅର୍ଜ୍ଜନକରି, ପୁଣି ସାହେବଙ୍କ ଆସନରେ ପ୍ରତିଷ୍ଠିତ ହୋଇ ମାତୃଭାଷା ପ୍ରତି ତାଙ୍କର ଅନୁରାଗ ପ୍ରଦର୍ଶନ ଯୋଗୁଁ ମାତୃଭାଷା ଗୌରବାନ୍ୱିତ ହୋଇଥିବା ମନ୍ତବ୍ୟ ପ୍ରକାଶ କଲେ । ସଭାରେ ମୋତେ ମଧ୍ୟ କିଛି କହିବା ଭାର ଦିଆ ହୋଇଥିଲା । ଉତ୍ସବୋଚିତ ବିଷୟ ମଧ୍ୟରେ ସେନାପତି ମହାଶୟଙ୍କ ସମ୍ବନ୍ଧରେ ପ୍ରୋକ୍ତ ଓକିଲଙ୍କର ଅପ୍ରାସଙ୍ଗିକ ମନ୍ତବ୍ୟ ଖଣ୍ଡନ କରିବା ଅଭିପ୍ରାୟରେ ମୁଁ କହିଥିଲି ଯେ, ସେନାପତି ମହାଶୟଙ୍କୁ ପ୍ରଶଂସା କରିବାକୁ ଯାଇ ସେ ବିଦ୍ରୂପ କରିଅଛନ୍ତି । କାରଣ ସେ ଓଡ଼ିଆ ହୋଇ ଓଡ଼ିଆ ନକହିଥାନ୍ତେ ତ ଆଉ କହନ୍ତେ କଣ ? ଓଡ଼ିଆ କବିଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଉତ୍ସବରେ ଅନ୍ୟ କୌଣସି ଭାଷାରେ କହିଲେ ତାଙ୍କ ପ୍ରତି ଅବମାନନା ହୋଇଥାନ୍ତା । ତେଣୁ ସଭାପକ୍ଷରୁ ତାଙ୍କଠାରେ ମୁଁ କ୍ଷମାପ୍ରାର୍ଥନା କରିଥିଲି ।

ଦିନେ ତାଙ୍କ ସଙ୍ଗେ ମୋତେ ଗୋଟିଏ ସରଜମିନ୍ ତଦନ୍ତ ସମ୍ପର୍କରେ ମଫସଲକୁ ଯିବାକୁ ହୋଇଥିଲା । ସେନାପତି ମହାଶୟ ନିଜେ ମୋଟର ଚଳାଉଥିଲେ ଓ ମୁଁ ତାଙ୍କ ବାମ ପାଖରେ ବସିଥିଲି । ସମ୍ବଲପୁରବାସୀ ଚପରାସୀ କୁବେର ବେରିହା ପଛପାଖରେ ବସିଥିଲା । ଜଙ୍ଗଲ ଦେଇ ଗାଡ଼ି ଚାଲିଥାଏ । ସ୍ଥାନେ ସ୍ଥାନେ ସମ୍ମୁଖରେ ଓ ଅନ୍ୟଦିଗରେ ପାହାଡ଼ମାନ ପଡୁଥାଏ । ସେନାପତି ମହାଶୟ ଚପରାସୀକୁ ହିନ୍ଦିଭାଷାରେ ପଚାରୁଥାନ୍ତି, ସେହି ଜଙ୍ଗଲ ଓ ପାହାଡ଼ଗୁଡ଼ିକର ନାମ, ଚପରାସୀ ମଧ୍ୟ ହିନ୍ଦିରେ ଉତ୍ତର ଦେଉଥାଏ । ଗୋଟିଏ ଜଙ୍ଗଲକୁ ଲକ୍ଷ୍ୟ କରି ସେନାପତି ମହାଶୟ ତାକୁ ପଚାରିଲେ, 'ୟହାଁ କ୍ୟା ମଣିଷଖିଆ ବାଘ ହୈ ?" ଆଉ କେତେ କଥା । ହିନ୍ଦି କହୁଁ କହୁଁ ଓଡ଼ିଆ ବାହାରି ପଡୁଥାଏ । (କ୍ରମଶଃ)

## ପର୍ଦ୍ଦା ପଛର କଥା



**ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।**

ଭାଗ- ୪୬

### ॥ ମତେ ବୋହୂ କରି ନେଇଯା-(୨) ॥

ଦର୍ଶନ ମ୍ୟୁଜିକ୍ ଆଣ୍ଡ ଫିଲ୍ମ୍‌ର ଏହା ଥିଲା ପ୍ରଥମ ଅବଦାନ । ପ୍ରଯୋଜକ ପ୍ରିୟଦର୍ଶନଙ୍କ ଏ ଚଳଚ୍ଚିତ୍ରଟି ଥିଲା ସ୍ୱପ୍ନ । ସ୍କ୍ରିପ୍ଟିଂଠାରୁ ଆରମ୍ଭ କରି ଏଡିଟିଂ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ନିର୍ଦ୍ଦେଶକଙ୍କ ସହ ଯୋଡ଼ି ହୋଇ ରହିଥିଲେ । ସବୁବେଳେ କ୍ୱାଲିଟି ଉପରେ ଗୁରୁତ୍ୱ ଦେଉଥିଲେ ।

ଚଳଚ୍ଚିତ୍ରଟି ଯେହେତୁ ବ୍ୟାଙ୍କ୍‌କ ଓ ପଟେଲାରେ ସୁଟିଂ ହେବାର ବନ୍ଦୋବସ୍ତ ହୋଇଥିଲା, କଳାକାର ଓ ଟେକ୍ନିସିଆନମାନଙ୍କର ପାସ୍‌ପୋର୍ଟର ଆବଶ୍ୟକତା ପଡ଼ିଲା । ସମସ୍ତେ ପାସ୍‌ପୋର୍ଟ ଅଫିସ୍‌ରେ ଭିଡ଼ ଜମାଇଲେ । ପ୍ରିୟଦର୍ଶନ ମତେ ବାଧ କଲେ ସୁଟିଂରେ ବ୍ୟାଙ୍କକ୍ ଯିବାକୁ । ମାତ୍ର କଲେଜ୍‌ର ଦାୟିତ୍ୱ ଛାଡ଼ି ଏତେଦିନ ବାହାରକୁ ଯିବା ମୋ ପକ୍ଷରେ ସମ୍ଭବ ନଥିଲା । ୟା ପୂର୍ବରୁ ଅନାମ ସାହୁ ପ୍ରଯୋଜକ ତାଙ୍କ ଫିଲ୍ମ 'ମନ ମୋର ପ୍ରଜାପତି'ରେ ମଧ୍ୟ ପାସ୍‌ପୋର୍ଟ ପ୍ରସ୍ତୁତ କରିବାକୁ କହିଥିଲେ । ଅବଶ୍ୟ 'ମନ ମୋର ପ୍ରଜାପତି' ବିଦେଶରେ ନ ହୋଇପାରି ରାମୋଜୀ ଫିଲ୍ମ ସିଟିରେ ସୁଟିଂ ହୋଇଥିଲା । ଆଉ ପ୍ରଥମ ଥର ପାଇଁ ମତେ ଉଡ଼ାଜାହାଜ ଚଢ଼ିବାକୁ ପଡ଼ିଥିଲା ପ୍ରଯୋଜକ ଓ ସଂଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ବାବୁଙ୍କ ସହିତ ଏକରକମ୍ ଅନାମ୍ ବାବୁଙ୍କ ବାଧ୍ୟବାଧକତାରେ ।

ତେବେ ସେ ଯାହା ହେଉନା କାହିଁକି, ଦୀର୍ଘଦିନ ଧରି ଚଳଚ୍ଚିତ୍ରଟିର ପ୍ରାକ୍ ପ୍ରସ୍ତୁତି ଚାଲିଲା । ବ୍ୟାଙ୍କକ୍‌ର ପ୍ରଶାସନ କାହାଣୀକୁ ଜାଣିବାକୁ ଚାହିଁଲେ ସୁଟିଂ ପାଇଁ ଅନୁମତି ଦେବା ପୂର୍ବରୁ । କାହାଣୀକୁ ତଥା ସ୍କ୍ରିପ୍ଟକୁ ଇଂରାଜୀରେ ଅନୁବାଦ କରାଯାଇ ବ୍ୟାଙ୍କକ୍ ପ୍ରଶାସନ ନିକଟକୁ ପଠାଗଲା । କାହାଣୀକୁ ବ୍ୟାଙ୍କକ୍ ଉପଯୋଗୀ କରିବା ପାଇଁ ଯଥା ସମ୍ଭବ ଚେଷ୍ଟା କରାଗଲା । ବୌଦ୍ଧଧର୍ମ ଉପରେ ଗବେଷଣା ପାଇଁ ମିହିର ଦାସ ବ୍ୟାଙ୍କକ୍‌ରେ ଅବସ୍ଥାନ ତଥା ପ୍ରତିଷ୍ଠିତ ହୋଇଛନ୍ତି । ତାଙ୍କର ବଂଧୁ ଅରୁ ମହାନ୍ତି । ମିହିରଙ୍କ ଭ୍ରାତା ସିଦ୍ଧାନ୍ତ ଖଳନାୟକ । ନିଜକୁ ମୁଖା ଆଢୁଆଳରେ ରଖିଥାନ୍ତି । ଦୁଇଜଣ ନାୟିକା ଦୁଇ ଭଉଣୀ, ନାୟକଙ୍କ ପ୍ରେମରେ । ଏମିତି ଏକ କାହାଣୀକୁ ନେଇ ଚଳଚ୍ଚିତ୍ରଟି ଗତିଶୀଳ । ନବାଗତ ନାୟକ ଦୀପକଙ୍କର ମଂଚ ଅଭିନୟର ଅଭିଜ୍ଞତା । ସୁଟିଂ ସମୟରେ ନିର୍ଦ୍ଦେଶକ ଚୌଧୁରୀ ବିକାଶ ଦାସ ବେଶ୍ ସତର୍କ ଥାନ୍ତି । ପ୍ରଥମ ଥର ପାଇଁ ହାସ୍ୟ ଅଭିନେତ୍ରୀ ଭାବରେ ପ୍ରତିଭା ଦାସ (ଲୀନା)ଙ୍କୁ ନିଆଯାଇଥାଏ ହାଡୁଙ୍କ ବିପକ୍ଷରେ । ମୁଁ ତାଙ୍କ ନାମକୁ ସୁପାରିଶ୍ କରିଥିଲି । ଲୀନା ବେଶ୍ କେତେକ ଧାରାବାହିକ ଓ ନାଟକରେ ଅଭିନୟ କରୁଥାନ୍ତି ଯାହାକି ମତେ ବେଶ୍ ପ୍ରଭାବିତ କରିଥିଲା । ସେବର୍ଷ ପାଇଁ 'ମତେ ବୋହୂ କରି ନେଇଯା'ର ଅଭିନୟ ନିମନ୍ତେ ହାଡୁ ଓ ଲୀନାଙ୍କୁ ଶ୍ରେଷ୍ଠ ହାସ୍ୟ ଅଭିନେତା/ ଅଭିନେତ୍ରୀର ପୁରସ୍କାର ଓଡ଼ିଶା ସରକାରଙ୍କ ଠାରୁ ମିଳିଥିଲା । କ୍ୟାମେରା ଦାୟିତ୍ୱରେ ଥିଲେ ରବି ବେହେରା, ନୃତ୍ୟ ନିର୍ଦ୍ଦେଶନା ଦେଉଥିଲେ ଅମିତ ଓ ଫାଇଟ୍ ଦାୟିତ୍ୱରେ ଥିଲେ କେପି (ମୁମ୍ବାଇ) ଯେହେତୁ 'ମତେ ବୋହୂ କରି ନେଇଯା' ଏକ ଆକ୍‌ସନ୍ ଧର୍ମୀ ଚଳଚ୍ଚିତ୍ର ଥିଲା ଫାଇଟ୍ ଉପରେ ଗୁରୁତ୍ୱ ଦିଆଯାଇଥିଲା । ମାତ୍ର ଫାଇଟ୍ ମାଷ୍ଟର କେ.ପି.ଙ୍କ ଦୂରଦୃଷ୍ଟିର ଅଭାବ ତଥା ଗୋଳମାଳିଆ ସିଡୁଲିଂ ପାଇଁ ପ୍ରଯୋଜକଙ୍କୁ ବହୁତ କ୍ଷତି ସହିବାକୁ ପଡ଼ିଥିଲା । ଗୀତ କ୍ଷେତ୍ରରେ ମଧ୍ୟ ଅନୁରୂପ ଅବସ୍ଥା । ଏକଥା ପ୍ରଯୋଜକ ମତେ କହିଥିଲେ । ଗୀତଗୁଡ଼ିକର ଲିଭିକ୍ସ ଖାଣ୍ଟି ଦେଶୀ ଥିଲା ବେଳେ ସର୍ଟଡ୍ରେସ୍ ପିନ୍ଧାଇ ନୃତ୍ୟ କରିବାକୁ ଓଡ଼ିଆ ଲୋକେ ପସନ୍ଦ କରିପାରିଲେ ନାହିଁ । ମୋଟମୋଟି ଭାବରେ ଏଭଳି ଦେଶୀ କାହାଣୀକୁ ବିଦେଶୀ ମାଟିରେ ଉପସ୍ଥାପନା କରିବା ଆମ ପାଇଁ ଚ୍ୟାଲେଞ୍ଜର ବିଷୟ ଥିଲା । ଗୀତ ପାଇଁ ସିଡୁଲ୍ ଢେର୍ ବଢ଼ିଗଲା ।

ସମୁଦାୟ ଫିଲ୍ମରେ ୧୯୮ କେନ୍ (ରିଲ୍) ବ୍ୟବହୃତ ହୋଇଥିଲା । ପ୍ରତି ରିଲ୍‌ର ଦାମ୍ ତତ୍‌କାଳୀନ ମୂଲ୍ୟ ଥିଲା ୧୩ହଜାର ୨୫୦ଟଙ୍କା । କେବଳ ଗୀତରେ ଓ ଫାଇଟ୍‌ରେ ଅଧିକାଂଶ ରିଲ୍ ବ୍ୟବହୃତ ହୋଇଥିଲା । ଫାଇଟ୍ ଦୃଶ୍ୟରେ ସିଦ୍ଧାନ୍ତ ଏକ ୪୨ ମହଲା କୋଠା ଉପରୁ ଲମ୍ଫ ଦେବାର ଷ୍ଟଣ୍ଟିଂ ଥିଲା । ନିଜେ ସିଦ୍ଧାନ୍ତ ଏହି ଷ୍ଟଣ୍ଟ ଦେଉଥିଲେ । ମାତ୍ର ଦୁର୍ଭାଗ୍ୟ ବଶତଃ ଦୁର୍ଘଟଣାର ଶିକାର ହେଲେ ଓ ଏଥିପାଇଁ ସୁଟିଂ ତିନିଦିନ ବନ୍ଦ ରହିଥିଲା ।

ପ୍ରାରମ୍ଭିକ ସ୍ତରରେ ଫିଲ୍ମଟିର ସିଡୁଲିଂ ୨୫ରୁ ୩୦ଦିନ ସେଥି ମଧ୍ୟରୁ ୧୮ଦିନ ବ୍ୟାଙ୍କକ୍‌ରେ ଦେବା ପାଇଁ ସ୍ଥିର ହୋଇଥିଲା । କିନ୍ତୁ ବ୍ୟାଙ୍କକ୍ ଓ ପରେ କିଛି ପ୍ୟାଚସୁଟିଂ ଓଡ଼ିଶାରେ ଦେବାପାଇଁ ସୁଟିଂ ସିଡୁଲ୍ ଚୋୟାଳିଶ ଦିନରେ ପହଞ୍ଚିଥିଲା । ମୂଳ ଖର୍ଚ୍ଚ ବଜେଟ୍ ଏସବୁ କାରଣରୁ ସବୁ ଓଲଟପାଲଟ ହୋଇଯାଇଥିଲା । ତଥାପି ପ୍ରଯୋଜକ ଜ୍ଞାନରଂଜନ ପ୍ରିୟଦର୍ଶନ ପ୍ରଚଣ୍ଡ ଧୈର୍ଯ୍ୟ ସହକାରେ ଚଳଚ୍ଚିତ୍ରଟିକୁ ସଂପୂର୍ଣ୍ଣ କଲେ । ଚଳଚ୍ଚିତ୍ରର ଗୀତ ଗୁଡ଼ିକରେ ଓଡ଼ିଶାରୁ ଇରା ମହାନ୍ତିଙ୍କ ସମେତ୍ ବଲିଉଡ୍‌ର ଖ୍ୟାତନାମା ଗାୟକ ଗାୟିକା ଯଥା କବିତା କ୍ରିଷ୍ଣାମୂର୍ତ୍ତୀ, ଅଭିଜିତ୍, ଉଦିତ୍ ନାରାୟଣ, ପାମେଲା ଜୈନ୍ ପ୍ରମୁଖ କଣ୍ଠଦାନ କରିଥିଲେ । ଚଳଚ୍ଚିତ୍ରରେ ଖର୍ଚ୍ଚ ହୋଇଥିବା ସମସ୍ତ ଟଙ୍କା ଫେରି ପାଇବା କଷ୍ଟକର ଥିଲା । ମାତ୍ର ଗୋଟିଏ ବୈଷୟିକ ଜ୍ଞାନ କୌଶଳରେ ସମୃଦ୍ଧିଥିବା ଚଳଚ୍ଚିତ୍ରଟିଏ ପ୍ରସ୍ତୁତ କରିପାରିଥିବାରୁ ନିଜକୁ ଗର୍ବ ଲାଗିଥିଲା ।

ଅନେକ ଦୃଷ୍ଟିରୁ ଚଳଚ୍ଚିତ୍ରଟି ବେଶ୍ ଚର୍ଚ୍ଚାରେ ଥିଲା । ଭିନ୍ନ ଭିନ୍ନ କ୍ଷେତ୍ରରେ ରେକର୍ଡ ମଧ୍ୟ ସ୍ଥାପନ କରିଥିଲା । ପରବର୍ତ୍ତୀ କାଳରେ ପ୍ରଯୋଜକ ଅନ୍ୟ ଗୋଟିଏ ଚଳଚ୍ଚିତ୍ରର ପ୍ରସ୍ତୁତି ଜାରି ରଖିଥିଲେ । ମାତ୍ର କେଇଦିନ ସୁଟିଂ ହୋଇ ଚଳଚ୍ଚିତ୍ରଟି ବିଭିନ୍ନ କାରଣରୁ ବନ୍ଦ ହୋଇ ଯାଇଥିଲା । (କ୍ରମଶଃ)

## ଆମ ସମୟର କବିତା.....

### ॥ ଅତଃ ॥

**ନକୁଳ ଚଂଦ୍ର ସାହୁ**



ନ ସଂଗୋଷ୍ଠି
ଏକେଲା ମୁଁ..
ମୋ ସାଥିରେ ନାହିଁ ସ୍ମୃତି
ଶୂନ୍ୟ ମାଠିଆ ମୁଁ କିଛି କରିବି ?

ମୁଁ ସର୍ବଭୂତରେ ଅଛି
ସର୍ବଭୂତ ମୋ ଭିତରେ ରହିଛି
ସଂସାର ଓ ନିର୍ବାଣ ଦୁହେଁ ଏକାଠି
ତୁମେ ଏବେ କେଉଁଠି

କିଛି ଭାଂଗି ଯାଇ ନାହିଁଟି ?

ଯେତେବେଳେ କାଲି ଆସୁଚି
ବୃକ୍ଷରୁ ପାଚି ଫଳ ଝଡ଼ି ପଡୁଛି
ଭଲ ପାଇବାର ଫଳଟି
ଯେତେବେଳେ ପାଚିବ
ତାହା ବି କଣ ତଳକୁ ଖସି ପଡ଼ିବ ?

ଏକେଲା ମୁଁ
ନ ସଂଗୋଷ୍ଠି
ପାଚିଲା ଫଳ ମୋର
ଆଉ କଣ ହେବ!!

+ ଶବ୍ଦ ଘର, ଗୋଡ଼ିସାହି,
କଟକ-୭୫୬୦୦୬

### ॥ ତୁମେ ॥

**ଦୀପକ କୁମାର ମିଶ୍ର**



ତୁମେ ମୋ ପାଇଁ ଏମିତି,
ଯେମିତି.......
ଅକାଳରେ ଭୂଇଁପାଇଁ ବର୍ଷା
ନିହାତି ଜରୁରି,
ଯୋଡ଼ିହୋଇ ରହେ ସଦା ବଣିଜରେ
ବାକି ଓ ଉଧାରି ।

ଯେମିତି.......
ଲାଖିରହେ ଗଛପତରରେ
ସବୁଜ ବନାନୀ,
ଗ୍ରୀଷ୍ମ ସହ ଝାଞ୍ଜି ରହି
କରେ ଅବିରତ ଧ୍ୱନି ।

ଯେମିତି........
ଫଗୁଣ ସହ ଲାଗିରହି ଭିଜି
ପ୍ରେମ ଗାଏ ଉନ୍ମାଦ ମହ୍ଲାର
ଆଷାଢ଼ ସହ ବର୍ଷା ରହେ
ମାଘରେ ଯେ ଶୀତ......।

ଯେମିତି.......
ଯୋଡ଼ିହୋଇ ରହେ ପତରରେ
କାକରର ବିନ୍ଦୁ
ସିନ୍ଧୁରେ ବାନ୍ଧିହୋଇ ରହେ
କୋଟି କୋଟି ପୀରତିର ବିନ୍ଦୁ ।

ଯେମିତି.........
ସୁରୁଜରେ ଖଞ୍ଜିହୋଇ
ରହିଥାଏ ଖରା
ସହ ସକାଳ କିରଣ ଆଉ ସଞ୍ଜର
ସୌନ୍ଦର୍ଯ୍ୟ ।

ଯେମିତି.........
ବାଆରୁ ବତାସ ବହେ
ମେଘରୁ ଯେ ଜଳ
ଜଳରୁ ଜୀବନ ଆଉ
ଜୀବନରୁ ପ୍ରେମ ।

ଏହି ପ୍ରେମ ଡାଳେ ବସାବାନ୍ଧି
ରହୁଛେ ଆମେ ହଳେ ପ୍ରେମ ପକ୍ଷୀ,
ରହିଛେ ରହିବା ଏଠି ଆଦିରୁ
ବିଧ୍ୱଂସ ପର୍ଯ୍ୟନ୍ତ

ସବୁଦିନେ ହୋଇ ଆପଣାର
ଅନ୍ତରଙ୍ଗେ ହସକାନ୍ଦ ବାଣ୍ଟି,
ଆଶା ଭରସାର ତଉଲା ନିକିତି
ଦୋଳିରେ ଝୁଲୁଥିବା
ଦୁଇଟି ମାଟି ଖେଳନାର
ସଖା ଓ ସଖୀ ପରି ।

+ ଡି. ଏସ. ପି, ଭୁବନେଶ୍ୱର
(ମୋ) ୮୨୮୦୨୧୧୦୦୦

### ॥ ଅଗ୍ନିସ୍ନାନ ॥

**କ୍ଷମାନିଧି ଭୋଇ**



ଗ୍ରୀଷ୍ମର ଡହଡହ ଖରାରେ
ମାଡ଼ି ବସିଛି ଅସମ୍ଭାଳ ତିରୋଟ ସମୟ ।

ଚାରିଆଡେ ଶୁଖିଲା
ବଣ ପାହାଡ ପର୍ବତ
ନଈ ନାଳ ବନ୍ଧ ପୋଖରୀ
ପିଚୁ ରାସ୍ତାରେ ଶୋଇ ରହିଛି ମରୀଚିକା
ଆକାଶରୁ କେବଳ ହୁ ହୁ ନିଆଁବର୍ଷା ।

ଓଃ ! କି ଭୟାନକ
ଏମିତି ରୌଦ୍ରର ଯମ ସଦୃଶ କ୍ରୁର ରୂପ ।

ଦ୍ୱିପ୍ରହର ସାରା ନିସ୍ତବ୍ଧ ନିରବତା
ପଦାରେ ବୁଲିବାକୁ ରୋକ
ଅସ୍ତବ୍ୟସ୍ତ ଦିନମଜୁରିଆଠୁ ବଡବଡିଆ ପର୍ଯ୍ୟନ୍ତ ।

ପାଦୁକା ବ୍ୟତିରେକେ
ତତଲା ରାସ୍ତାରେ ପୋଡ଼ିଯାଏ ପାଦ ।

ଏ ସବୁ ଋତୁଚକ୍ରର ଖେଳ
ସୃଷ୍ଟିର ବାସ୍ତବିକ ଚିତ୍ର
ତା' ବୋଲିତ
ସାମ୍ନା କରିବାକୁ ପଡ଼ିବ
ଯେତେ ସବୁ ବାଧାବିଘ୍ନଗୁଡ଼ିକୁ
ଧୈର୍ଯ୍ୟ ଓ ଦମ୍ଭୋକ୍ତି ସହିତ ।

ନଚେତ୍, କେମିତି ସମ୍ଭବ କୁହ
ଏମିତି ପ୍ରଚଣ୍ଡ ଖରାରେ ବି
ହିଲ୍ଲୋଳିତ ନାଲି ନାଲି କୃଷ୍ଣଚୂଡ଼ା ସମୂହ ।

କିନ୍ତୁ, ସାବଧାନ !
ଗ୍ରୀଷ୍ମର ଏ ଡହଡହ ଖରାରେ
ମାଡିବସିଛି ଅସମ୍ଭାଳ ତିରୋଟ ସମୟ

ଲାଗୁଛି ସତେ ଯେମିତି
ପୃଥ୍ୱୀର ଏହା ଅଗ୍ନିସ୍ନାନ ।

+ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଡ଼ଗାଁ
ଜି: ସୁନ୍ଦରଗଡ଼ (ଓଡ଼ିଶା)
ପିନ୍ : ୭୭୦୦୧୬
ମୋ : ୯୪୩୮୨୯୨୯୩୩

### ॥ ଆଲିଙ୍ଗନ ॥



**ପ୍ରଶାନ୍ତ କୁମାର ଦାଶ**

ଦି' ବର୍ଷ ତଳେ
ତୁ ଦେଇଥିବା ଗାଢ଼ ଆଲିଙ୍ଗନ
ଗଛ ହୋଇ ସାରିଲାଣି,
ମୋତେ ଛାଇ ଦିଏ
ଦିଏ ଅମ୍ଳଜାନ ବି ।

ତୋ ଆଲିଙ୍ଗନ ଚୁମ୍ବକ ପରି ମୋତେ ଟାଣେ
ତୋ ପାଖକୁ ନୁହଁ,
ତୋ ପାଦଚିହ୍ନ ପଡିଥିବା
ସେଇସବୁ ଶୂନ୍ୟସ୍ଥାନ ପାଖକୁ ।

ତୋର ମନେଅଛି,
ବାସ୍ ତୋ ତଳିଓଠର ଡାହାଣ ପାଖେ
ଥିବା ଜାଇର ଲୋଭରେ ମୁଁ ଧାଇଁ ଯାଉଥିଲି
ପାଞ୍ଚଡିଗ୍ରୀ ଶୀତକୁ ପକେଟ୍‌ରେ ପୂରେଇ,
ଆଜିବି ମୁଁ ଓଠ ଚାରିପାଖେ ଜିଭ ବୁଲେଇଲେ
ତୋ ପ୍ରିୟ ସାଇବାବାଙ୍କ ରାଣ,
ଅବିକଳ ତୋ ବାସ୍ନା ଆସେ ।

ଆଉ କେହିନୁହଁ, ତୋ ଆଲିଙ୍ଗନ ହିଁ ମୋତେ
ହାଣେ, କାଟେ, ଚିରେ, ରକ୍ତାକ୍ତ କରେ
ପୁଣି ମରହମ୍ ହୋଇ
ମୋ ଭିତରର ମୁଁ ସହ
ପ୍ରେମରେ ସାରାରାତି ମାତେ ।

ବେଳେ ବେଳେ ଏମିତି ଲାଗେ
ତୋ ଆଲିଙ୍ଗନ ଗୋଟେ ଯାଦୁଘର,
ଯୋଉ ଘରୁ ମୁଁ ମୋଟେ ମୁକୁଳି ପାରେନା
ମୁକୁଳିବାକୁ ବି ଚାହେଁନା,
କେବେ କେବେ ମନେହୁଏ, ତୋ ଆଲିଙ୍ଗନ
ଜୀବନ ଆଡକୁ ଲମ୍ବିଯାଇଥିବା ରାସ୍ତା;
ଚାଲୁଛି, ଚାଲୁଛି ଓ ଚାଲୁଛି
ଧାଉଁଛି, ଧାଉଁଛି ଓ ଧାଉଁଛି ।।

+ ରେଗଡା,ଏମ୍.ରାମପୁର,କଳାହାଣ୍ଡି
(ମୋ ) ୭୭୩୫୪୧୯୫୭୩

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୦୧ ମଇ, ୨୦୨୨




## ପ୍ରେମରେ ପ୍ରେମରେ ଗୀତି ....(୪୫)



### ॥ ମନ ତୋଳିନେଲା ମାଳୀ ॥

ଫୁଲ ତୋଳୁତୋଳୁ ତୁମ ବଗିଚାରୁ
ମନ ତୋଳିନେଲା ମାଳୀ,
ରଙ୍ଗ ବେରଙ୍ଗର ଫୁଲର ହୃଦୟ
ମନ ସାଥେ ନେଲା ତୋଳି ।

ବଗିଚାଟା ସାରା ନାନା ରଙ୍ଗ ନେଇ
ପସରା ମେଲିଛି ଫୁଲ,
ହେଲେ ରଙ୍ଗହୀନ ମନ ତଳେ ତା'ର
ସରାଗର ନାହିଁ ମୂଲ,
ମନ ଟିକେ ପାଇଁ ଫୁଲେଫୁଲେ ଉଡ଼ି
ପ୍ରଜାପତି କରେ ଅଳି ।

ହୃଦୟ ନଥିବା ଫୁଲଠୁ ମହକ
କେବେଠୁ ଗଲାଣି ହଜି,
ପ୍ରଜାପତି ନିଜ ମନକୁ ବୁଝାଇ
ଥକିଲାଣି ଖୋଜିଖୋଜି,
ହୃଦୟ ପଛରେ ମାତାଲ ପ୍ରେମିକ
ସାଜିଅଛି ଦୁଷ୍ଟ ଅଳି ।


■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧





## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୧)


■ ହେମେନ୍ଦ୍ର ମହାପାତ୍ର




'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ । ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...

### ଏମିତି ଏକ ପ୍ରୟାସର ଉଦ୍ଦେଶ୍ୟ:

ଏ ବିଚିତ୍ର ବିଶ୍ୱକୁ ଭିନ୍ନ ଏକ ଦୃଷ୍ଟିରେ ଦେଖିଲେ ମଣିଷର ଚିନ୍ତା ଓ ଚେତନାର ଭିନ୍ନ ଭାବ ସୃଷ୍ଟି ହେବା ସ୍ୱାଭାବିକ । ଏ ବୈଚିତ୍ର୍ୟମୟ ବିଶ୍ୱକୁ କେହି ନା କେହି ସୃଷ୍ଟି କରିବାର ବିଶ୍ୱାସ ପ୍ରାୟ ସମସ୍ତଙ୍କର ଥାଏ । ତଥାପି କିଛି ବିଜ୍ଞ ବ୍ୟକ୍ତି ବିଶ୍ୱ ସ୍ରଷ୍ଟାଙ୍କ ସମ୍ବନ୍ଧରେ ସନ୍ଦିହାନ ସୃଷ୍ଟିକରି ଭିନ୍ନ ଭିନ୍ନ ମତ ଦିଅନ୍ତି । ବିଶେଷତଃ ଈଶ୍ୱରଙ୍କ ସୃଷ୍ଟିକୁ ଅଧିକ ବିଚିତ୍ର କରିବା ଲକ୍ଷ୍ୟରେ ଅଧିକ ଆକର୍ଷଣୀୟ କରିବା ଉଦ୍ଦେଶ୍ୟରେ ଅଧିକ କୌତୂହଳମୟ କରିବା ଲକ୍ଷ୍ୟରେ ଭିନ୍ନମନସ୍କର ମଣିଷମାନେ କିନ୍ତୁ କବି, କଳାକାର, ବୈଜ୍ଞାନିକ ଆଦି ପରିଚୟରେ ଛିଡ଼ା କରାନ୍ତି । ଏମାନଙ୍କୁ ଅନେକ ସମୟରେ ଦ୍ୱିତୀୟ ଈଶ୍ୱରର ଆଖ୍ୟା ମିଳିଥାଏ । ଏମାନେ ନିଜ ସୃଷ୍ଟିର ମାଦକତା ଭିତରେ ଥାଇ ଈଶ୍ୱରଙ୍କ ସହିତ ସଂଘର୍ଷ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ । ଏମିତି କି ନିଜର ପଛକେ ହଜାରେ ଭୁଲ ଥିବ ଈଶ୍ୱରଙ୍କ ଗୋଟିଏ ଭୁଲକୁ ସେମାନେ ସହି ପାରନ୍ତି ନାହିଁ । କେହି କେହି ଏମିତି ତର୍କ ବିତର୍କ ଆଲୋଚନା ସମାଲୋଚନା ଦ୍ୱାରା ସୃଷ୍ଟି ମାର୍ଜିତ ହୋଇଥାଏ । ଏହା ଅବଶ୍ୟ ସର୍ବଦା ସ୍ୱୀକାର୍ଯ୍ୟ, କିନ୍ତୁ ଆଲୋଚନା ସର୍ବଦା ଗଠନମୂଳକ ତଥା ସକାରାତ୍ମକ ହେବା ଉଚିତ । ଏହାଦ୍ୱାରା ସୃଷ୍ଟିର ଗରିମା ଅକ୍ଷୁର୍ଣ୍ଣ ରହେ । ଏହି କାରଣରୁ ଏହି ସ୍ତମ୍ଭ, 'ମୋ ଦୃଷ୍ଟିରେ ମୋ ସୃଷ୍ଟି' ।

୧୯୭୦ ମସିହାରୁ ଏଯାବତ୍ ପ୍ରାୟ ୫୨ବର୍ଷ ଧରି ମୁଁ ନିରବଚ୍ଛିନ୍ନ ଭାବରେ ଲେଖିଚାଲିଛି । ଶହ ଶହ ନାଟକ, ଚଳଚ୍ଚିତ୍ର ଧାରାବାହିକୀ, ଗଳ୍ପ, କବିତା ରମ୍ୟରଚନା ଲେଖିବା, ପ୍ରକାଶ କରିବା, ନାଟକ ନିର୍ଦ୍ଦେଶନା ଦେଇ ସଂଗଠନ କରି ମଂଚସ୍ଥ କରିବା ଭିତରେ ମୋ ଜୀବନର ଅର୍ଦ୍ଧଶତାବ୍ଦୀ ଅତିବାହିତ ହୋଇଗଲାଣି, କିନ୍ତୁ ମୁଁ ସାରସ୍ୱତ ଜଗତରେ ତଥାପି ଅପରିଚିତ ବୋଲି ଅନୁଭବରେ । ପ୍ରଥମତଃ ମୁଁ ଜନ୍ମ ହୋଇଛି ଓଡ଼ିଶାର ଉପାନ୍ତ ଅଂଚଳରେ, ଯେଉଁଠି ନାଟକଟେ ହେଲେ ଭୁବନେଶ୍ୱରକୁ ଦିଶେନାହିଁ, ନାଟକକୁ ଯେତେ ଉନ୍ନତ ରୁଚିର କଲେ ମଧ୍ୟ ଓଡ଼ିଶା ନାଟ୍ୟ ଜଗତରେ ତାର ଗଂଧବାସ୍ନା କିଛି ପହଞ୍ଚେନି । ମୋ ନାଟ୍ୟ ଜୀବନର ଆଦ୍ୟ କାଳରେ ଖବର କାଗଜ ମାଧ୍ୟମରେ ନୂତନ ଆଲୋଚନା ଇତ୍ୟାଦି ହେଉଥିଲା । କିନ୍ତୁ ଖବରକାଗଜସବୁ ଆଞ୍ଚଳିକ ହୋଇଗଲା ପରେ ଯାହା ପ୍ରକାଶ ପାଇଲା ସେହି ଅଂଚଳରେ ସୀମିତ ହୋଇ ରହି ଯାଉଛି । ତେଣୁ ବିଜ୍ଞ ଲୋକମାନେ ନାଟକ ଉପରେ ଆଉ ଆଲୋଚନାରେ ଅଂଶ ଗ୍ରହଣ କରୁନାହାନ୍ତି । ନିଜେ ଲେଖିଦେଲେ ତାହା ପ୍ରକାଶିତ ହେଉଛି, ତେଣୁ ନାଟକଗୁଡ଼ିକ ଆଲୋଚନା ପରିସର ଭିତରକୁ ଆସିପାରୁନି । ଯାହା ଦ୍ୱାରା ନାଟକ ଲୋକଲୋଚନର ଆଢୁଆଳରେ ରହିଯାଉଛି । ନାଟ୍ୟକାର ବି ପରଦାପଛରେ ରହି ଏକ ଉପେକ୍ଷିତ ସ୍ରଷ୍ଟାର ଜୀବନଯାପନ କରୁଛି । ଯେତେ ନୂତନତ୍ୱ ରଖି, ଯେତେ ପରୀକ୍ଷା କରି ନାଟକଟେ କଲେ ମଧ୍ୟ ତାର ପ୍ରଚାରପ୍ରସାର ଅଭାବରୁ ନାଟ୍ୟ ଜଗତର ମୁଖ୍ୟସ୍ରୋତକୁ ଆସି ପାରୁନାହିଁ । ଠିକ୍ ସେହିପରି ଆଲୋଚକ ମଧ୍ୟ ପ୍ରୋତ୍ସାହନ ଅଭାବରୁ ଏହାକୁ ଅଯଥା କାମ ଭାବି ଆଲୋଚନାରେ ହାତ ଦେଉ ନାହାନ୍ତି । ଫଳରେ ଜାତୀୟ ପ୍ରେକ୍ଷାପଟରେ ଓଡ଼ିଆ ନାଟ୍ୟ ସାହିତ୍ୟ ଓ ସମାଲୋଚନା ସାହିତ୍ୟ ଅତ୍ୟନ୍ତ ଦୁର୍ବଳ ।


ମୋ ନାଟ୍ୟ ଜୀବନର ଆଦ୍ୟ କାଳରେ ଖବର କାଗଜ ମାଧ୍ୟମରେ ନୂତନ ଆଲୋଚନା ଇତ୍ୟାଦି ହେଉଥିଲା ଖବରକାଗଜ ଆଞ୍ଚଳିକ ହୋଇଗଲା ପରେ ଯାହା ପ୍ରକାଶ ପାଇଲା ସେହି ଅଂଚଳରେ ସୀମିତ ହୋଇ ରହି ଯାଇଛି । ତେଣୁ ବିଜ୍ଞ ଲୋକମାନେ ନାଟକ ଉପରେ ଆଉ ଆଲୋଚନାରେ ଅଂଶ ଗ୍ରହଣ କରୁନାହାନ୍ତି । ନିଜେ ଲେଖିଦେଲେ ତାହା ପ୍ରକାଶିତ ହେଉଛି, ତେଣୁ ନାଟକଗୁଡ଼ିକ ଆଲୋଚନା ପରିସର ଭିତରକୁ ଆସିପାରୁନି ।


ଏହି ପରିପ୍ରେକ୍ଷୀରେ ଓଡ଼ିଆ ନାଟକର ପାରଦର୍ଶିତାକୁ ପ୍ରତିପାଦନ କରିବା ନିମନ୍ତେ ମୁଁ ସି.ଡି. ମାଧ୍ୟମରେ ସଂପ୍ରତି ୟୁ-ଟ୍ୟୁବ ଚ୍ୟାନେଲ ମାଧ୍ୟମ ଓଡ଼ି ନାଟ୍ୟ ସାହିତ୍ୟ ଉପରେ ଚର୍ଚ୍ଚା ଓ ନାଟକ ପ୍ରଯୋଜନା କରିବାରେ ମନୋନିବେଶ କରିଛି । ତଥାପି ସନ୍ତୁଷ୍ଟ ହୋଇ ପାରିନି, ମୁଁ ଚିନ୍ତା କଲି ଏତେଗୁଡ଼ିଏ ନାଟକ ଲେଖି, ମଂଚସ୍ଥ କରି, ପ୍ରକାଶିତ କରି ଯଦି ଆଲୋଚନା ପରିସର ଭିତରକୁ ଯାଇ ନପାରିଲି, ତାହେଲେ ଆଉ କଣ କଲେ ମୋ ନାଟକର ଗୁରୁତ୍ୱକୁ ଲୋକମାନେ ଉପଲବ୍ଧି କରିବେ ?

ଏହି ଦୃଷ୍ଟିରୁ ମୁଁ ଆରମ୍ଭ କରିଛି ମୋ ଭାଷାରେ ମୋ ନାଟକର ଆଲୋଚନା । ଆଶା କରେ ମୁଁ କେଉଁ ପରିପ୍ରେକ୍ଷୀରେ କେଉଁ ସମସ୍ୟା ଉପରେ ଏବଂ କେଉଁ ଶୈଳୀକୁ ଆଧାର କରି ନାଟକ ଲେଖିଛି, ତା'ର ପ୍ରଭାବ କେମିତି ପଡ଼ିଛି, ସେ ନାଟକର ବିଶେଷତ୍ୱ କଣ ଅଛି, ଏସବୁ ଆଲେଚନା ମାଧ୍ୟମରେ ପଚାଶ ବର୍ଷ ତଳର କୀର୍ତ୍ତି ଆଜିର ସମାଜ ହାତରେ ଅଜାଡ଼ି ଦେବାର ପ୍ରଯତ୍ନ କରୁଛି, ଆଶା ସହଯୋଗ ଓ ସହାନୁଭୂତି ପାଇବି । (କ୍ରମଶଃ)


+ ନାଟ୍ୟକାର, ନିର୍ଦ୍ଦେଶକତଥା ସଂପାଦକ ରଂଗମଞ୍ଚ
ସୁନହଟ, ବାଲେଶ୍ୱର-୨, (ମୋ) ୯୮୬୧୩୫୦୯୫୧


ଧାରାବାହିକ ଉପନ୍ୟାସ

# ଉଚ୍ଛଳ ଉପତ୍ୟକା

ଭାଗ-୪

(ପୂର୍ବ ପ୍ରକାଶିତ ଉତ୍ତାରୁ..)


ସୁକାନ୍ତି ନନ୍ଦ
♥ ଗୁଡ଼ିଆ ସାହି, ପୁରୀ-୭୫୨୦୦୧
ମୋ : ୮୩୩୯୦୦୨୬୫୮




**ସତରେ ଗୋଳମାଳିଆ ଲାଗୁଛି...ଏ ସମୟ । ଭାଗ୍ୟ କି ଭଗବାନ... କାହା ଉପରେ ଆସ୍ଥା ରଖିହେଉନି । ଦୁଇଟି ପ୍ରିୟ ମଣିଷଙ୍କ ଛିନ୍ନଛତ୍ର ପରିସ୍ଥିତିକୁ ଭାବିଲେ ଛିଃ ଲାଗୁଛି ଘର...ସଂସାର, ଭାଗ୍ୟ ଓ ଭବିଷ୍ୟତ । ଆତ୍ମ ବିଶ୍ୱାସ ତ ଧୂମେଇ ଗଲାଣି । ଭଗବତ୍ ବିଶ୍ୱାସ ଉପରେ ବି ଆଉ ଆସ୍ଥା ନାହିଁ । ଯାହା ଘଟିବ...ପୂର୍ବ ଭଳି ହିଁ ଘଟିବ । ଲୁହ ଭିଜା ଆଖି ଆଉ କୋହ ଭର୍ତ୍ତି ଛାତିରେ ସବୁ ଅଭାବବୋଧକୁ ଜାକି ନେଇ ଚୁପ୍‌ଚାପ୍ ରହିବାକୁ ପଡ଼ିବ ।**

ଅଖିଲ୍ କିଛିଟା ଭାବପ୍ରବଣ ଲାଗିଲେ ।

ଦୁଃଖୀତ ବି ହେଲେ ଲେଖା ପାଇଁ ସେ କିଛି କରିପାରୁନାହାନ୍ତି ବୋଲି । ହୁଏତ ସେ ଭାବୁଛନ୍ତି ଆଉ କିଛିଦିନ ପୂର୍ବରୁ ଆସିଥିଲେ...ଲେଖା ପାଇଁ ଅନେକ କିଛି କରି ପାରିଥାନ୍ତେ ।

ଏବେ ତା ପାଇଁ ତ ସମସ୍ତଙ୍କ ମୁହଁ ଥମ୍‌ଥମ୍ ତ' ଆଖି ଓଦାଓଦା । କେହି କାହାକୁ ନଜହିଁ ନକହି ଭିତରେ ଭିତରେ ନୀରବ ପ୍ରାର୍ଥନା କରୁଥାନ୍ତି । ମା'ତ ଅଧିଆ ପଡ଼ିଲା ପରି ଚୁପ୍‌ଚାପ୍ ବସି ରହିଥାନ୍ତି ଠାକୁର ଘରେ । ହାତଯୋଡ଼ି ପ୍ରାର୍ଥନା କରୁଥାନ୍ତି । ଆଖିରୁ ଲୁହ ଗଡ଼ି ଯାଉଥାଏ । ଛାତି କୋହରେ ଧପ୍‌ଧପ୍ ହେଉଥାଏ । କିଭଳି ଅସହ୍ୟ ପରିସ୍ଥିତି ଏ, ଆମକୁ ସ୍ଥିର ନିସ୍ତବ୍ଧ କରିଦେଇଛି । ସମୟର ଗତି ପ୍ରକୃତିକୁ ମାପିବା ଛଡ଼ା ଆମ ପାଖରେ ଆଉ କୌଣସି ରାସ୍ତା ନାହିଁ । ସତରେ ବି ଏ ସମୟ ଖୁବ୍ ବଳବାଦ ତ' ଧୋକାବାଜ୍ । କାହିଁକି ନା ଲେଖା ପାଇଁ ସେ କୌଣସି ସୁଯୋଗ ଡିଆରି ଲାନି ବରଂ ଲୁଚେଇଲୁଚେଇ ନିଧାର୍ଯ୍ୟ କରିଦେଲା ତା'ର ଶେଷ ତିଥି ଓ ତାରିଖକୁ ।

ହଠାତ୍ ଦେବା ଆସି ଡାକିଲା - ନାନୀ ଆସ ଚ ପିଇବ ।

ଝାଉଁଳି ପଡ଼ିଲା ଭଳି ଲାଗୁଛି ତା' ମୁହଁ । ଭୟ ଓ ଆତଙ୍କରେ ଡାଙ୍କି ହେଇଯାଇଛି ତା ଦେହ । ନିବିଡ଼ ସମ୍ପର୍କର ଶିକୁଳିଟିଏ ଖଣ୍ଡ ଖଣ୍ଡ ହେଇ ଛିଣ୍ଡିଯିବାର ସୂଚନାରେ ସେ ତ୍ରସ୍ତ ସନ୍ତପ୍ତ କି ? ଦେବା ମୋ ଭାଇଟା ଖୁବ୍ ସରଳ । ଛନ୍ଦ ମନ୍ଦ ଜାଣେନି ସେ । ମା'ଙ୍କ ଲୁଗାକାନୀ ଧରି ଚାଲୁଥାଏ ସବୁବେଳେ । କୁଟା କାଠିକୁ ବି' ସାମନାରେ ଦେଖିଲେ ଚମକି ପଡ଼େ । ମା' ବେଳେବେଳେ ବିରକ୍ତ ହେଇ ତାକୁ କୁହନ୍ତି- ପୁଅ ପିଲା ଏତେ ଭୟାଳୁ ହେଲେ ସଂସାର ଚାଲିବ କେମିତି ! ଆଜିକାଲିକା ନନ୍ଦରଛନ୍ଦର ଦୁନିଆରେ ଏ ସରଳିଆ ଟୋକାଟା କଣ କରିବ କେଜାଣି ?

ଦେବାକୁ ନେଇ ସେଦିନପରି ଅଭିଯୋଗ ହୁଏତ ଏବେ ଆଉ ମା' କରୁନଥିବେ । ଅସନ୍ତୁଷ୍ଟ ବି ହେଉନଥିବେ ତା ଉପରେ । ସ୍ତ୍ରୀ ପୁଅକୁ ନେଇ ତା ସଂସାର ତ ଠିକ୍ ଠିକଣାରେ ଚାଲିଛି । ବାପା ମା'ଙ୍କ ପ୍ରତି ସ୍ନେହ ମମତା ଓ ଭକ୍ତିଭାବ ତାଠାରେ ଊଣା ହେଲା ଭଳି ଜମାରୁ ଲାଗୁନି । ମୋ ଭାଇଟା - ସୁନା ମୁଣ୍ଡାଟେ । ବାପା ମାଙ୍କର ସୁବିଧା ଅସୁବିଧା କଥା ଭଲ ଭାବରେ ବୁଝୁଥିବ ସେ । ସ୍ତ୍ରୀ ତ ତାର ସାକ୍ଷାତ ଲକ୍ଷ୍ମୀ ପ୍ରତିମା । ଘର ଓ ବାହାରକୁ ତା ଚଳାକିପଣରେ ସେ ଖୁବ୍ ସମ୍ଭାଳେ । ମା'ତ ସବୁ ଦାୟିତ୍ୱ ନିଜ ମୁଣ୍ଡରୁ ଓହ୍ଲେଇ ତାକୁ ସମର୍ପି ଦେଇଛନ୍ତି । ବାପାଙ୍କର ତ ବୋହୂ ପ୍ରାଣ ଧନ । ମାନସୀ ମୋ ବୋହୂ ନୁହେଁ, ସେ ମୋ ସାନ ଝିଅ ।

ମୁଁ ତ ଖୁବ୍ ଦୂରରେ ରୁହେ ଏମାନଙ୍କଠାରୁ । ସମସ୍ତେ ଯଦିଓ ଯୋଗାଯୋଗ ରଖନ୍ତି, ମାନସୀ ସବୁବେଳେ ମୋ ଭଲ ମନ୍ଦ ସୁଖ ଦୁଃଖକୁ ମନ ଧ୍ୟାନ ଦେଇ ବୁଝେ ଓ ଦରକାର ପଡ଼ିଲେ ସଠିକ୍ ଦାୟିତ୍ୱ ତୁଲାଏ । ଯାହାହେଉ ବୋହୂଟି ପାଇଁ ବାପା ମା' ଗର୍ବିତ ଓ ଆନନ୍ଦିତ । କେବଳ ସେମାନେ କାହିଁକି ଆଜିକାଲିକା ଦୁନିଆର ହାଲ୍‌ଚାଲ୍ ଦେଖି ମୁଁ ବି' ମୋ ଭାଉଜ ଉପରେ ଢେର ଖୁସୀ । ସନ୍ତୁଷ୍ଟ ବି । ଆରେ ମାନସୀ କଥା ମନେ ପଡ଼ିଲା ତ ଚ'ନେଇ ଆସି ସେ ଆମ ସାମନାରେ ହାଜର । ଓଃ ଅଦା ଗୋଲମରିଚ ଦିଆ ଚ କେତେ ସ୍ୱାଦିଷ୍ଟ... ନାଁ ରେ ଦେବା ?

: ହଁ ନାନୀ, ଚ'ର ଭଲ ଟେଷ୍ଟ ଅଛି । ହେଲେ ୟା ସାଙ୍ଗକୁ ଗରମ ଗରମ ମୁଢ଼ି କିଛି ଦରକାର ଥିଲା ।

: ଦରକାର ହେଲେ ବି ଇଚ୍ଛା କଣ ହେଉଛି ନିଜ ଚାହିଦା ମୁତାବକ ଖାଇବା ପାଇଁ । କାଠ ଗଣ୍ଡିଟେ ଭଳି ଲେଖାଟା' ପଡ଼ିଛି । ସହି ହଉନିରେ...।

: ଠିକ୍ କଥା ନାନୀ... କେତେ ସୁନ୍ଦର ଜୀବନ ଆମେ ଜୀଉଁଥିଲେ । ଲେଖା ନାନୀ ସବୁବେଳେ ଚାଲି ଆସୁଥିଲେ ଏଠାକୁ, ପିଉସୀ ମା ମନା କରିବା ସତ୍ତ୍ୱେ ।

: ଧେତ୍ ତୁ ତ ସେତେବେଳେ ଖୁବ୍ ସାନ । ସୁଧୀର ସୁଦୀପ ଦି'ଟା ଭାରି ଦୁଷ୍ଟ ଥିଲେ । ଲେଖା ଓ ମୁଁ ଏକାଠି ଖେଳିଲାବେଳେ ତତେ ଜମାରୁ ସୁଯୋଗ ଦେଉନଥିଲୁ ଆମ ସହିତ ଖେଳିବା ପାଇଁ । ତୁ ଜୋରରେ କାନ୍ଦୁଥିଲୁ । ମା' ମତେ ଆକଟ କରି କହୁଥିଲେ, ଛୋଟ ଭାଇଟା ତମ ଖେଳରେ ତାକୁ ମିଶଉନ କାହିଁକି ? ମୁଁ ଜମାରୁ ତାଙ୍କ କଥା ଶୁଣୁନଥିଲି । କିନ୍ତୁ ଲେଖା ଦୌଡ଼ିଆସି ତୋ ଲୁହ ପୋଛି ଦେଉଥିଲା । କହୁଥିଲା ଚିତ୍ରା କଥା ତୁ ଜମାରୁ ଶୁଣୁନା । ଆଚ୍ଛା ଆମେ ଲୁଚକାଳି ଖେଳିବା କି ?

: ହଁ...ହଁ ଖେଳିବା ।

: ତୁ ଚୋର ହେଇ ଯଦି ଧରା ପଡ଼ିବୁ କାନ୍ଦିବୁନି ତ ?

: ନା, ନା ମୁଁ କାନ୍ଦିବିନି । ଜମାରୁ କାନ୍ଦିବିନି ।

ଏମିତି ୟାଡୁ ସ୍ୟାଡୁ କଥା କହି ଲେଖା ତତେ ଆନମନା କରିଦିଏ । ଏବେ ତ ବିଧାତା ତା ସହିତ ଖେଳୁଛିରେ । କେତେବେଳେ କି ପ୍ରକାର ଦୁର୍ଘଟଣା ଆମ ସାମନାରେ ଘଟିଯିବ, ଭାବିଲା ମାତ୍ରେ ଶୀତେଇ ଉଠୁଛି ଦେହ । ହଁରେ ଦେବା ତତେ ଗୋଟେ ପ୍ରଶ୍ନ ମୋର ପଚାରିବାକୁ ଅଛି । ବଡ଼ ଭଉଣୀ ସାଂଘାତିକ ଅବସ୍ଥାରେ ଟଳମଟଳ ଅଥଚ ଭାଇ ଦି'ଟା ତା ପାଖରେ ନାହାନ୍ତି । ଏ କେମିତିକା ସମ୍ପର୍କ । ବାପା ମା ଚାଲିଗଲା ପରେ ସେଇମାନେ ତ ଭଉଣୀ ପାଖରେ ରହିଥାନ୍ତେ । ତା ହାଲ୍‌ଚାଲ୍ ବୁଝିଥାନ୍ତେ । ଅଣ୍ଟାଭିଡ଼ି ଆକାଶ ପାତାଳ ଖେଦି ଥାନ୍ତେ ତା'ର ଚିକିତ୍ସା ପାଇଁ । ହେଲେ ସେମାନେ ଏକବାର ଚୁପଚାପ ! ଆଚ୍ଛା ପିଉସୀମା'ଙ୍କ ଘରେ କଣ ଏବେ କେହି ରହୁନାହାନ୍ତି ? ତାଲା ପଡ଼ିଯାଇଛି କି ସେ ଘରେ ? କାହା ଆଡୁ ଦୋଷ ରହିଗଲା ଯେ ସେ ପିଲା ଦି'ଟା ରକ୍ତମୁଖା ହେଇ ସାରା ପରିବାରକୁ ଏତେ ଶାସ୍ତି ଦେଲେ । ଯୋଉ ଭଉଣୀ ପାଠ ପଢ଼େଇ ଯୋଗ୍ୟ ଶିକ୍ଷିତ ରୋଜଗାରକ୍ଷମ କରିବାରେ ସାହାଯ୍ୟ କଲା ତ ସମାଜରେ ମୁଣ୍ଡଟେକି ଚାଲିବାର ଅଧିକାର ଦେଲା - କାହିଁକି ସେମାନଙ୍କର ତା ପ୍ରତି ଏତେ ଘୃଣା ଆଉ ଅବିଚାର । ସ୍ୱର୍ଗରେ ଥାଇ ପିଇସା, ପିଇସୀ ମା' ସବୁ ଦେଖି କ୍ଷମା ଦେଇ ପାରିବେକି ସେମାନଙ୍କୁ ? ଏଭଳି ଅବିଶ୍ୱାସୀ ମାନଙ୍କୁ ଭଗବାନବି ତ' କ୍ଷମା ଦେବେନି ।

: ତମେ ଠିକ୍ କହୁଛ ଯେ ନାନୀ...ହେଲେ ମା' ବାପା ଲେଖା ନାନୀର ଏ ଅବସ୍ଥା ପାଇଁ ମାମୁ ମାଇଁଙ୍କୁ ଦୋଷୀ ସାବ୍ୟସ୍ତ କରୁଛନ୍ତି ।

: ହେଲେ କାହିଁକି ? ତାଙ୍କର ଦୋଷ କ'ଣ ? ଲେଖାର ଦୟନୀୟ ପରିସ୍ଥିତି ପାଇଁ ସେମାନେ କାହିଁକି ଦାୟୀ ହେବେ ? ଏଡ଼େ ହତଭାଗା ଯେ ମାମୁ ମାଇଁ ହୀରା ଭଳି ଜକ୍‌ଜକ୍ କରୁଥିବା ରୂପର ଗୁଣର ପୁଅକୁ ଦୂରେଇ ଏବେ ତ ସାରାଦିନ କାନ୍ଦୁଥିବେ । ଲୁହ ତ ବୋହୁ ନଥିବ ତାଙ୍କ ଆଖିରୁ - ବରଂ ରକ୍ତ ଜମାଟ ବାନ୍ଧି ଯାଇଥିବ । ତଥାପି ମା' କାହିଁକି ତାଙ୍କ ଉପରେ ଖଡ଼ଗହସ୍ତ !

: ଏତେ କଥା ମୁଁ ଜାଣିନି । ହେଲେ ମା ଶପଥ କରିଛନ୍ତି - ମାମୁ ମାଇଁଙ୍କଠୁ ସେ ସମସ୍ତ ସମ୍ପର୍କ ତୁଟେଇଦେବେ । ଦେବେ କଣ ସଞ୍ଜୟ ଭାଇର ମୃତ୍ୟୁ ପରଠାରୁ ମିଳାମିଶା ବନ୍ଦ୍ କରିସାରିଲେଣି ମା ।

: ଓଃ, କଣ ପାଇଁ ଯେ । କାହିଁକି ବାପା ମା ସେମାନଙ୍କ ପ୍ରତି ଏତେ ଅନ୍ୟାୟ କଲେ ? ପୁତ୍ରହରା ତ ଆସ୍ଥାହରା ମା' ବାପା ଭାବେ ତାଙ୍କୁ ଆମେମାନେ ସାନ୍ତ୍ୱନା ଦେବା କଥା, ଅଥଚ ଏତେ ଘୃଣା କଣ ପାଇଁ ! କିଏ କଣ ଜାଣିଜାଣି ନିଜ ପୁଅକୁ ମାରିଦିଏ ?

: ସେ କଥା ନୁହେଁ...। ଘଟଣାର ମୋଡ଼ ବୁଲିଗଲା ବୋଲି, ପରିସ୍ଥିତି ବଦଳିଗଲା । ନିର୍ଦ୍ଦିଷ୍ଟ କିଛି କାରଣକୁ ନେଇ ଆମେ ସମସ୍ତେ ବି ହତୋତ୍ସାହ । ଛାଡ଼ ସେ ସବୁ କଥାକୁ । ଜାଣିଛନା ନାନୀ କାଲି ପିଇସୀଙ୍କର ଶ୍ରାଦ୍ଧଦିବସ । ଭୋରରୁ ମୁଁ ଓ ମା ମନ୍ଦିରକୁ ଯିବୁ । ତମେ ଯିବକି ଆମ ସାଙ୍ଗରେ ?

: ବାପା କାହିଁକି ଯିବେନି ତମମାନଙ୍କ ସହିତ ?

: ତାଙ୍କ ଅବସ୍ଥା କଣ ତମେ ଦେଖିପାରୁନ ? ସେ ତ ଠିକ୍ ଭାବେ ଚାଲିପାରୁନାହାନ୍ତି ।

: ହଁ ରେ, ଠିକ୍ କଥା ତୁ କହୁଛୁ । ସେ ବା ଯାଇ ସେଠି କଣ କରିବେ । ମନ୍ଦିର ବେଢ଼ାରେ ତ' ନଈକୂଳରେ ବସି ଭଉଣୀର ସ୍ମୃତି ମନ୍ଥନ କରି ଲୁହ ଢାଳିବେ । ଠିକ୍ ଅଛି ମୁଁ ତମମାନଙ୍କ ସାଙ୍ଗରେ ଯିବି ।

: ସତରେ ତମେ ଯିବ ? ଗଲେ ନା ଖୁବ୍ ଭଲ ହେବ । ଶ୍ରାଦ୍ଧ ଦେବା ସମୟରେ କିଛି ନକରିଲେ ବି ଟୋପାଏ ଅଶ୍ରୁତର୍ପଣ କଲେ ଯୋଉଠି ଥାନ୍ତୁ ପିଇସୀ ଭାରି ଖୁସିହେବେ । ବାପା ପିଇସୀଙ୍କୁ ପ୍ରାଣଠୁ ଅଧିକ ଭଲ ପାଉଥିଲେ । ସେଥିପାଇଁ ତ ଜେଜେମା' ନେହୁରା ହେଇ କହୁଥିଲେ - ଚରଣରେ ମୋ ସୁଭଦ୍ରାକୁ କେବେ ଅବହେଳା କରିବୁନି । ତୋ ବାପା ଚାଲିଗଲା ପରେ ମୋ ଝିଅ ମୁଣ୍ଡ ଉପରୁ ତାଙ୍କ ଓଲଟା ପାପୁଲିର ଛାଇ ଦୂରେଇ ଯାଇଛି । ତୁ ହିଁ ତ ମୋ ଆଶା ଭରସାରେ...। ତୋ ବାପାଙ୍କ ମନସ୍କାମନାକୁ ପୂର୍ଣ୍ଣ କରିବାର ଦାୟିତ୍ୱ ତୋର ।

ବାପା କଥା ରଖିଥିଲେ ଜେଜେମା'ଙ୍କର । ନିଜ ଚାକିରୀ ସହ ଘରବାଡ଼ିର ରକ୍ଷଣାବେକ୍ଷଣ ଖୁବ୍ ସୁନ୍ଦର ଓ ଶୃଙ୍ଖଳାମୟ କରିପାରିଥିଲେ ସେ । ଜେଜେବାପା ତାଙ୍କ ଅମଳରେ ଅନେକ କିଛି କରିଯାଇଥିଲେ - ପୁଅ ଝିଅ ଦି'ଟିଙ୍କ ପାଇଁ । ସେମାନେ କେବେ ଦୁଃଖ କଷ୍ଟ ନଭୋଗନ୍ତୁ ସେନେଇ ସେ ଚିନ୍ତିତ ଥିଲେ କାଳେକାଳେ । ଅତିଶୀଘ୍ର ପୁଅ ପାଇଁ ବୋହୂଟିଏ ନେଇଆସିଲେ ତାଙ୍କ କର୍ତ୍ତବ୍ୟ ଯେ ପୂର୍ଣ୍ଣ ହେଇଯିବ ସବୁବେଳେ ଏଇ ଚିନ୍ତାରେ ରହୁଥିଲେ ସେ । ଝିଅ ସୁଭଦ୍ରା ତ ଛୋଟ...ଏଣୁ ଭାଇ ତାର ସବୁ ଦାୟିତ୍ୱ ନିଶ୍ଚିନ୍ତ ଭାବରେ ନେବ- ଏ ଆଶା ଓ ଭରସା ରଖିଥିଲେ ସେ ।

ହେଲେ ମଣିଷର ଭାବନାକୁ ତ ଈଶ୍ୱର ନିୟନ୍ତ୍ରଣ କରନ୍ତି । କେତେବେଳେ ଯୋଡ଼ନ୍ତି ତ ପୁଣି କେତେବେଳେ ଭାଙ୍ଗନ୍ତି । କଣ୍ଢେଇ ଭଳି ନଚାନ୍ତି ଅହରହ । ସେ କଣ୍ଢେଇ ବି ବେଳେବେଳେ ଭାଙ୍ଗିଯାଏ । ଯେମିତି ଭାଙ୍ଗିଗଲା ପିଇସୀଙ୍କ ଆଶା ଆକାଂକ୍ଷାର ସୁଉଚ୍ଚ ମଖମଲି ଦୁର୍ଗ । ଜିତିବାର ପାହି ମୁଣ୍ଡରୁ ହିଁ ସେ ହାରିଗଲେ । ହଜିଗଲେ କିଟ୍‌କିଟ୍ ଅନ୍ଧାରର ସୁଡ଼ଙ୍ଗ ଭିତରେ । ଏ ସବୁ କହୁକହୁ ମା' କାନ୍ଦି ପକାନ୍ତି ।

ପିଇସୀ ମା'ଙ୍କ ନଣନ୍ଦ ଥିଲେ ବି ପ୍ରାଣର ବାନ୍ଧବୀ ଭଳି ଚଳୁଥିଲେ ଦୁହେଁ । ସମବୟସୀ ଯେହେତୁ ସେମାନଙ୍କ ଭିତରେ ଥିଲା ସ୍ନେହ ପ୍ରେମ ତ' ଅଫୁରନ୍ତ ଆଶା ଓ ବିଶ୍ୱାସ । ବାପାଙ୍କ ବାହାଘର ପରେପରେ ପିଇସୀଙ୍କ ପାଇଁ ଖୋଜାହେଲା ବରପାତ୍ର । ହେଲେ ଉପଯୁକ୍ତ ବନ୍ଧୁଟିଏ ମିଳିବା କଷ୍ଟକର ହେବାରୁ ଜେଜେମା' ଦବି ଯାଉଥିଲେ । ବେଳେବେଳେ ଜିଦ୍ କରି ବାପାଙ୍କୁ କହୁଥିଲେ - କୋଉ ଜନ୍ମର ପାପ ଯୋଗୁଁ ସ୍ୱାମୀଙ୍କି ହରେଇଲି । ଆଉ କଣ ସବୁ ଲେଖା ଅଛି ମୋ ଭାଗ୍ୟରେ, ମୁଁ ତ ଜାଣିନି । ମତେ କିଛି ବି ଭଲ ଲାଗୁନିରେ ଚରଣ । ଦୁର୍ଭାଗ୍ୟର କଳା ଅନ୍ଧାର ଯେମିତି ମତେ ଢାଙ୍କି ଦେଉଛି - ସେଇଭଳି ଅନୁଭବ କରୁଛି ମୁଁ ।

ବାପା ବୁଝାନ୍ତି, ନେହୁରା ହେଇ କୁହନ୍ତି ତମେ କଣ ଚାହୁଁଛ ? କାହିଁକି ଏତେ ଦୁଃଖ ଶୋକରେ ବତୁରୁଛ ତମେ ? ବାପାଙ୍କ ଅଭାବ ମତେ କଣ ଘାରୁନି ? ସୁଭଦ୍ରାର ଦାୟିତ୍ୱ ନେବାକୁ ମୁଁ କଣ ମନା କରିଛି କି ତମକୁ ?

ଏକା ପିଇସୀଙ୍କର ନୁହେଁ ସମସ୍ତଙ୍କ ଦାୟିତ୍ୱ ନେଇ ଠିକ୍ ଠାକ୍ ଥିଲେ ବାପା । ବହୁ ଖୋଜାଖୋଜି ପରେ ପିଇସୀଙ୍କ ବାହାଘର ବି ସରିଗଲା । ଜେଜେମା' ଶାନ୍ତିରେ ନିଃଶ୍ୱାସ ମାରି କହିଲେ - ସବୁତ ପୂର୍ଣ୍ଣ କଲେ ମହାପ୍ରଭୁ, ହେଲେ ଶେଷ ଇଚ୍ଛାଟି ପୂରଣ ହେବ କି ନାହିଁ ଜାଣି ପାରୁନି ।

ବାପା ତଟସ୍ଥ...ଆଶ୍ଚର୍ଯ୍ୟ ବି !

ଡରିମରି ପଚାରିଲେ - ପୁଅ ଝିଅଙ୍କ ବାହାଘର ପାଇଁ ତମେ ବ୍ୟସ୍ତ ହେଉଥିଲ । ସେ ବ୍ୟସ୍ତତା ତ' ଦୂର ହେଇଗଲା । ଆଉ ପୁଣି କଣ ଚାହୁଁଛ ତୁମେ ! ମା' ତମେ ଶାନ୍ତିରେ ରହିଲେ ସିନା ମୁଁ ଖୁସିରେ ରହିପାରିବି...।

: ମୋର ଶ୍ରେଷ୍ଠ ଆଶା ଆକାଂକ୍ଷା ପୂର୍ଣ୍ଣ କରି ମତେ ଖୁସି ଦେଇ ପାରିବୁ ତୁ ! ଯୋଉ ଆଶା କେବଳ ମୋର ନାହିଁ ତୋ ବାପାଙ୍କର ଥିଲା ବି ।(କ୍ରମଶଃ)

## ପ୍ରତିଶୋଧ

ଅଣୁ ଗଳ୍ପ




■ ପ୍ରଫୁଲ୍ଲ ବାରିକ


ଟେଲିଫୋନ ହଜେଇ ଦେଇଛି ନିଦ । ସଞ୍ଜବେଳୁଟା ଜମୁଥିଲା ତାସ୍‌ରେ । ଦି 'ଦିନ ହବ ଠପ । ବିଚାର ବସୁଛି ସଞ୍ଜବେଳୁ । ନାନାକଥା, ନାନାଯୁକ୍ତି ଭିତରେ ପହଂଚି ହଉନି ସିଦ୍ଧାନ୍ତରେ । କେହି କହୁଛନ୍ତି ଯେସାକୁ ତେସା । କରୋନା ବେଳର ବାଘଘୋଷରା ଦାଗ ଏଯାକେ ନିଭିନି ମନରୁ । ଏଇ ବିକାଶ ଭାଇ ସେତେବେଳେ ମୁଖ୍ୟହେଇ ତଡିଥିଲେ ଗାଁ 'ରୁ । ଆମ ଦୁର୍ଦ୍ଦିନରେ ଯେବେ ସାହା ନହେଇ ଶତ୍ରୁ ସାଜିଲେ, ତାଙ୍କ ଭଲମନ୍ଦକୁ ଆମେ କାଇଁକି ? ସେ ହାରନ୍ତୁ କି ଜିତନ୍ତୁ, ଆମର ଯାଏ ଆସେ କଣ ? ପୁଣି କିଏ କହୁଛି, ବିକାଶ ଭାଇ ହାରିଗଲେ ଅନ୍ୟ ପ୍ରାର୍ଥୀ ଜିତିବେ ଅନ୍ୟ ଗାଁ 'ରୁ । ଗାଁ 'ଇଜ୍ଜତର ଦ୍ୱାହି ଦେଇ ଭାଇ ନିଜେ ଫୋନ କରିଛନ୍ତି । କହିଛନ୍ତି, ହାତରୁ ଦେଇ ଆସ । ଫେରିବା ବେଳେ ଉଭୟ ପଟର ଭଡା ମୁଁ ଚୁକେଇ ଦେବି । ଭାଇଙ୍କୁ କ୍ଷମା ଦିଆ ଯାଉ । ହଁ, ନାଁ ଭିତରେ ବିତିଲାଣି ଦି 'ଦିନ ।

ସୁରଟରୁ ପାଞ୍ଚ କିଲୋମିଟର ଦୂରରେ ଗୋଟେ ଜନାକୀର୍ଣ୍ଣ ସ୍ଥାନରେ ପଚିଶ ଏକର ଜାଗା ଆବୋରି ହେଇଚି ସୂତା ମିଲ । ପାଖାପାଖି ଆଠଶ ଶ୍ରମିକ ମିସ୍ତ୍ରୀଙ୍କୁ ଲଗେଇ କାର୍ଯ୍ୟ ରତ । ମିଲ ପାଖକୁ ଲାଗି ଟିଣ ଛପର କୋଠରୀମାନ । ସେଇଠି ଶ୍ରମିକମାନଙ୍କ ଡେରା । ଦିନସାରା ଡିଉଟି । ସଞ୍ଜ ବିତେ ମସ୍ତିରେ । ଆପଣା ଆପଣା କୋଠରୀରେ ଚାଲେ ତାସ ମାଡ଼ । ଦଶଟାକୁ ରୋଷେଇ । ମିଳିମିଶି ସାରି, ଖାଇ ଶୋଇ ଯାଆନ୍ତି ।

ଚାନ୍ଦବାଲି ବ୍ଲକ ଭାଟପଡା ପଞ୍ଚାୟତର ଚନ୍ଦନବିନ୍ଧା ଗାଁ । ଗୋଟିଏ ଗାଁ'ରୁ ଆଠଜଣ କାମ କରନ୍ତି ସୁରଟ ସୂତାମିଲରେ । ରହନ୍ତି ବି ମିଳିମିଶି ଗୋଟେ କୋଠରୀରେ । ଆଠବର୍ଷ ତଳେ ସେମାନେ ଗାଁ ଛାଡିଚନ୍ତି । ଖାଇପିଇ ବେଶ ଦି 'ପଇସା ପଠାନ୍ତି ଘରକୁ । କରୋନାର ପ୍ରଥମ ଲହରରେ ଯେବେ ମିଲ ବନ୍ଦ ହେଲା, ବହୁ କଷ୍ଟ ସହି ସେମାନେ ଫେରିଥିଲେ ଗାଁ 'କୁ । ଏଠି ଆସି ଦେଖନ୍ତି ତ ଅବସ୍ଥା ଆକାଶରୁ ପଡି ଖଜୁରୀ ଗଛରେ ଲଟକିବା । ଗାଁ 'କୁ ଦେଲେନି ପଶିବାକୁ । ବ୍ୟବହାର ଇମିତି ଥିଲା, ଯିମିତି ସେମାନେ ସନ୍ତ୍ରାସବାଦୀ । କରୋନା ମାରଣାସ୍ତ୍ର ନେଇ ଆସିଛନ୍ତି ଗାଁ କୁ । ଦୂରଦୂର ମାରମାରରେ ସମସ୍ତଙ୍କ ମନରେ ଥିଲା ତାଙ୍କ ପ୍ରତି ଘୃଣା ଓ ଭୟ । ଯୁବନେତା ବିକାଶ ଦାସ ସେତେବେଳେ ଦଳପତି । ତାଙ୍କୁ ତଡି ପଠେଇଥିଲା କ୍ୱାରେଣ୍ଟିନକୁ । ଏକୋଇଶି ଦିନ ବିତିଥିଲା ନଜର ବନ୍ଦୀରେ । ସେତେବେଳର ସେ ଦୁଃଖ ବଳେଇ ଯାଇଥିଲା କରୋନା କଷ୍ଟକୁ ।

ଏବେ ସେଇ ବିକାଶ ଦାସ ଠିଆହେଇଚି ସରପଞ୍ଚ ପ୍ରାର୍ଥୀ ହେଇ ତାଙ୍କ ପଞ୍ଚାୟତରେ । ତାଙ୍କରି ଗାଁ'ର ମଣିଷ । ନେତା । ଟେଲିଫୋନ କରି କହିଛନ୍ତି, ତମେ ସବୁ ଯିମିତି ହେଲେ ଆସି ମୋତେ ଭୋଟ ଦବ । ଆଠ ଖଣ୍ଡ ଭୋଟର ମୂଲ୍ୟ ମୋପାଇଁ ବହୁତ । ତମେ ମାନେ ମୋ ଗାଁ'ର, ମୋ ଭାଇ ପରିକା ।

ଦି'ଦିନ ଧରି ଚାଲିଛି ବିଚାର ବିକାଶ ଭାଇଙ୍କ ପ୍ରସ୍ତାବ ଉପରେ । ଯିବେ, କି ନାଇଁ ସହମତି ମିଳୁନି । କିଏ ଦେଖଉଚି ବିକାଶ ଭାଇଙ୍କ କରୋନା କାଳୀନ ରୂପକୁ, ତାଙ୍କ ନିର୍ଦ୍ଦୟତାକୁ, ତ କିଏ କହୁଛି, ଭାଇ ଫୋନ କରିଛନ୍ତି ଯେତେବେଳେ ଯିବା ଉଚିତ ହେବ । ନାଇଁତ ଯେବେହେଲେ ଗାଁ'କୁ ଗଲେ ତାଙ୍କୁ ମୁହଁ ଦେଖେଇବା କିମିତି ? ସପକ୍ଷରେ ଯୁକ୍ତି କମ ଥିବା ବେଳେ ବିପକ୍ଷରେ ଅଧିକା । ବିକାଶ ଭାଇ ପାଆନ୍ତୁ ପାନେ ତାଙ୍କ କରିଥିବା କର୍ମର ବୋଲି ଅଧିକଙ୍କ ମତ ।

ଜଣେ ବାହାରି କହିଲେ, ଦେଖ ଭାଇ, ଉଭୟଙ୍କ ଯୁକ୍ତି ଶତପ୍ରତିଶତ ଠିକ । ଯିବା ଉଚିତ, ନ ଯିବାବି ଉଚିତ । ତେବେ ନଯିବା ସପକ୍ଷରେ ନିଜ ନିରାପତ୍ତା ପାଇଁ ପ୍ରସ୍ତାବଟିଏ ମୋର । ଶୁଣି ଚିନ୍ତା କରିବ ଓ ଠିକ ଭାବିଲେ କରିବ । ପ୍ରସ୍ତାବ ହେଲା, ଭାଇଙ୍କୁ ଟେଲିଫୋନ କରାଯାଉ,ଏଇଆ କହିଯେ ଗୋଟା ସୁରଟ ଏବେ କରୋନା କବଳରେ । ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି ନିଇତି । ମିଲରେ ଅଧିକାଂଶ ଶ୍ରମିକ କରୋନାଗ୍ରସ୍ତ । ଆମ ଆଠଜଣରୁ ଦି 'ଜଣଙ୍କୁ ଦି 'ଦିନରୁ ଜ୍ୱର । ପରୀକ୍ଷା ହେଲେ ଜଣା ପଡିବ ଅବସ୍ଥା । ସୌଭାଗ୍ୟରୁ ମିଲ ବନ୍ଦ ନହେଇ ଚାଲିଛି । ଏ ଅବସ୍ଥାରେ ଯାଇ ଗୋଟେ ସୁସ୍ଥ ଗାଁ'କୁ କରୋନାଗ୍ରସ୍ତ କରିବାକୁ ଚାହୁଁନୁ ଆମେ । ଗଲେବି କୋଉ ଭୋଟ ଦେବାର ନିଶ୍ଚିତତା ଅଛି, ଯେହେତୁ ଆମେ ସୁରଟ ଫେରନ୍ତା । ଇଚ୍ଛା ଥାଇବି ନଯାଇ ପାରୁଥିବାରୁ ଦୁଃଖିତ ଆମେ । ଆମକୁ କ୍ଷମା ଦବ ଭାଇ । ଆପଣ ଜିତନ୍ତୁ, ଆମର ଶୁଭେଚ୍ଛା ରହିଲା ।

ପ୍ରସ୍ତାବ ଏଡ଼େ ସୁନ୍ଦର ଓ ପ୍ରାସଙ୍ଗିକ ଥିଲା, ଶୁଣୁ ଶୁଣୁ ପାଇଗଲା ସମସ୍ତଙ୍କ ମନକୁ । ଅଧୀର ହେଇ ଫୋନ ଲଗାହେଲା ଭାଇଙ୍କୁ ସବୁ କଥା ଜଣେଇ । ପ୍ରତ୍ୟୁତ୍ତରରେ ଭାଇ କହିଲେ, ମୋ ଭାଗ୍ୟ.., ମୋ କର୍ମ..

ହୋ ହୋ ହସରେ ଦି'ଦିନ ଧରି ବନ୍ଦଥିବା ତାସ୍ ପାକେଟ ତତକ୍ଷଣାତ ଖୋଲା ହେଲା ଓ ନିରବତାକୁ ଭାଙ୍ଗି ମୁଖରିତ ହେଲା ମଧୁର ସନ୍ଧ୍ୟା ।


♥ ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ.୯୨୩୮୯୨୦୪୦୫.

## ବହି ଆଲୋଚନା



**ଡ. ରାଧାରଂଜନ ପଟ୍ଟନାୟକ**

# ଶବ୍ଦର ବେଗ ଠାରୁ ଆହୁରି ତୀବ୍ର : ନନ୍ଦଦାସର ଆତ୍ମଲିପି (୪)



(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଜଣେ ପ୍ରତିକ୍ରିୟାତ୍ମକ କବି ହିଁ ଏମିତି କଥା ଚିନ୍ତା କରିପାରେ । କବି ରାଉତ ଙ୍କ କାବ୍ୟପୁରୁଷ ଠାରୁ ବେଶ ବାରିହୋଇ ପଡେ ।

କବିଟିଏ ସ୍ୱପ୍ନ ଦେଖେ । 'ସ୍ୱପ୍ନର ସଂକଳ୍ପ'ରେ ନୂଆ ସାମ୍ରାଜ୍ୟ ଗଢିବାକୁ ଆହ୍ୱାନ କରେ । ଶବ୍ଦର ମହକୁମା ଭିତରେ ସେ ଦେଖେ ମଣିଷ ମାନଙ୍କ ମଧରେ ଥିବା କେଇଜଣ ନିଷ୍ଠାବାନ ଶବ୍ଦର ପୂଜାରୀ ମାନଙ୍କୁ । ସେଇମାନଙ୍କ ପାଇଁ ଏ ସମାଜ ରେଖାଙ୍କିତ ହେଉଛି ଆଲୋକର ପର୍ବରେ ।

କବି ରାଉତ ନନ୍ଦଦାସ ର ସ୍ମୃତି ଭିତରେ ସତେ ଯେମିତି ଆତ୍ମ ଗୋପନ କରି ସ୍ମରଣ କରିଛନ୍ତି ପୂର୍ବଜ ମାନଙ୍କୁ । ହୁଏତ ସେମାନେ ଯେଉଁ ରାସ୍ତା ଦେଖାଇଛନ୍ତି, ତାହା ଥିଲା ପଥର ଯୁଗର । ତାଙ୍କର ଅନୁଗ୍ରହ ତଥା ଦୟା ବିନା ନନ୍ଦ ଦାସଙ୍କର ସ୍ଥିତି ଯେ ମୂଲ୍ୟହୀନ, ତାହା ନିଃସଙ୍କୋଚରେ ପ୍ରକାଶ କରିଛନ୍ତି । କାରଣ ଅତୀତକୁ ଛାଡି ବର୍ତ୍ତମାନର ତୁଳନା କରାଯାଇ ନପାରେ । ଏ ସବୁ ସତ୍ତ୍ୱେ ନନ୍ଦଦାସ ସମସ୍ତ ପ୍ରକାର ପରମ୍ପରା ଗତ ବାଧାବନ୍ଧନ ଓ କୁଟୀଳ ଚକ୍ରାନ୍ତକୁ ଭୃକ୍ଷେପ ନକରି ସେ ଚାହିଁଛନ୍ତି ସେ ତିଆରିବ ନୂଆ ଏକ ପଥ ପାଷାଣର ଛାତି ଚିରି । କାରଣ ପରିବର୍ତ୍ତନ ଶୀଳ ଏ ସମାଜ । ପଥର ଯୁଗରୁ ସେଟଲାଇଟ ଯୁଗ ଯାଏଁ ଏହାର ଗତି । ସୁତରାଂ ଆମକୁ ସମୟ ସହ ପାଦ ରଖି ଚାଲିବାକୁ ପଡିବ ।ନୂଆ ଏକ ସମ୍ଭାବନା ମୟ ପୃଥିବୀ ସର୍ଜନା କରିବାକୁ ପଡିବ । ଏମିତି ଏକ ଇଚ୍ଛାଶକ୍ତି ଜାଗ୍ରତ ହୋଇଛି ନନ୍ଦ ଦାସଙ୍କର ।

କବି ରାଉତ ଙ୍କ ଜୀବନ ଦର୍ଶନ 'ଏଠି ଅଛି ଏଠି ନାହିଁ'କବିତା ରେ ଆତ୍ମ ପ୍ରକାଶ କରିଛି । ମୋର ତ ମନେ ହୁଏ ଭାଗବତ ରଚନାକାର ଜଗନ୍ନାଥ ଦାସ ଙ୍କ ଅଦୃଶ୍ୟ ପ୍ରଭାବ ପଡିଛି କବିଙ୍କ ଉପରେ ।

ନିଜ ଭୁଲକୁ କେହି ସ୍ୱୀକାର କରେନା । ନିଜକୁ ସର୍ବଦା ଠିକ ବୋଲି ବିବେଚନା କରନ୍ତି ଅନେକ । ଆତ୍ମ ପ୍ରସଂଶାର କ୍ରେଜରେ ଉଲ୍ଲସିତ ହୁଅନ୍ତି ଏମାନେ । କିନ୍ତୁ ନନ୍ଦଦାସ ଏହାର ବ୍ୟତିକ୍ରମ ଚରିତ୍ର । ଏକ ଜିଦିଆ । ଯାହା ବୁଝିଥିବ ସେଇଆ କରିବ ।ଏଠାରେ କବି ପ୍ରତିଟି ମଣିଷର ଅନ୍ତର୍ଚେତନାର ଗବାକ୍ଷ ଉନ୍ମୁକ୍ତ କରିବାର ପ୍ରୟାସ କରିଛନ୍ତି । ଏ ସମାଜ ରେ ଏମିତି ମହମାନ୍ୟମାନେ ଅଛନ୍ତି, ଯେଉଁମାନେକି ନିଜକୁ ଚାଲାକ ବୋଲି ଭାବି କୁଆର ଭାଗ୍ୟ ନେଇଥାନ୍ତି । ସୁତରାଂ ଏମିତି ଜୀବନ ର ଅର୍ଥ କଣ ଅଛି ବୋଲି ନନ୍ଦ ଦାସ ବିଚାର କରିଛନ୍ତି । ଯେଉଁଥିପାଇଁ କବି କଣ୍ଠ ତୋଳିଛି-'ଜୀବନ ଥାଇବି ନିର୍ଜୀବ ପାଷାଣ ମୂର୍ତ୍ତି ପରି/ଅନ୍ୟ ର ଇଂଗୀତ ରେ ପରିଚାଳିତ ହେବା/ଜୀବନ ପ୍ରତି ଉପହାସ ନୁହେଁ ତ ଆଉ କଣ ?'

ଅସ୍ଥିର ଏ ଜୀବନ । ପାଣି ଫୋଟୋକା ପରି ଆୟୁଷ । ନାନା ଝଡଝଞ୍ଜା ସହ ସମ୍ନା କରୁଥିବା ନନ୍ଦଦାସ ଜୀବନର ଅସାରତା ବିଷୟରେ ଖୁବ ସଚେତନ । ଟେନିସଙ୍କ ଶବ୍ଦରେ An Open scroll, ଏଠି ଭେଟି ହେବ କେବଳ ଗୋଟେ ଅଥୟ ଆୟୁଷ, ସ୍ୱାର୍ଥର ବିକୃତ କିଛି ମଣିଷଙ୍କ ଦମ୍ଭିଲା ବିଶ୍ୱାସ । Good and ill ର ଉପସର୍ଗକୁ ବିଶ୍ଳେଷଣ କରିଛନ୍ତି କବି । ବୋଧ ହୁଏ ସେଇଥିପାଇଁ ସେ ଧରିଛନ୍ତି କଲମ । ଯଦି ଏ ସମାଜରେ ସଭିଏଁ କାଳର ଦାସ, ତେବେ କାହିଁକି ଏତେ ଆସ୍ୱର୍ଧା ?

କବି କିନ୍ତୁ, ଯାହା ସତ୍ୟ ଓ ବାସ୍ତବ ତାହାକୁ ଜୀବନର ମାଳା କରି ପିନ୍ଧିଛନ୍ତି । ଆସ୍ଥାୟୀ ସଂସାର ପ୍ରତି କାହିଁକି ଏତେ ମୋହ ! କାହିଁକି ଏତେ ଅନୁରାଗ ? ସମ୍ଭବତଃ ଏଥିପାଇଁ କବି କହନ୍ତି-

'ଜାଣେ ପାଣି ଫୋଟୋକା ପରି ଜୀବନ ମୋର/ଏଇ ଅଛି,ଏଇ ନାହିଁ/କେବେ ଖରା ତ କେବେ ଛାଇ ।' ବାସ୍ତବରେ କବି ରାଉତଙ୍କ କବିତାରେ ଅନୁଧ୍ୟାନ (Speculation) ରମାତ୍ରା ଅଧିକ । କବି ପ୍ରତିଟି ମୁହୂର୍ତ୍ତକୁ ଅନୁଧ୍ୟାନ କରିଛନ୍ତି । ପରଖିଛନ୍ତି । ସମାଲୋଚନା (Critisism)ବି କରିଛନ୍ତି । ଜଣେ ଅଙ୍ଗେନିଭା ବାସ୍ତବ ବାଦୀ ଶିଳ୍ପୀ ବ୍ୟତୀତ ଆଉ କିଏ କରି ପାରିବ ଯେ ! ଯାହା ଲେଖିବାର ସତ ସାହସ କରିଛନ୍ତି ସେ ।

କବି ରାଉତଙ୍କର ଅନ୍ୟ ଏକ ବିଶେଷତଃ ହେଲା ପ୍ରତିଟି କବିତାର ସମ୍ପନ୍ଵୟ (Co-relation)ରକ୍ଷା କରିବା । ଯେମିତି ଜୀବନ ସମ୍ପର୍କରେ ଲେଖୁ ଲେଖୁ 'ପରୁଆନା' ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଏକ ବାସ୍ତବ କାହାଣୀର ଚିତ୍ରପଟ୍ଟକୁ ନେଇ ଏ କବିତାର skeliton ନିର୍ମାଣ କରାଯାଇଛି । ଆଖି ପରସା କଥା ହିଁ ଏଇ କବିତାର ଅନ୍ତଃସ୍ୱର ।

କବି ରାଉତ ଏଇମିତି ସମାଜର କଥା କହୁ କହୁ ଅଟକି ଯାଇଛନ୍ତି କାନ୍ଥ ଚଢା ଝିଟିପିଟି ପାଖରେ । ଝିଟିପିଟି ତ ଏକ ପ୍ରତୀକ ମାତ୍ର । ଜୋର ଯାର ମୂଲକ ତାର ନୀତିରେ ଚାଲିଥିବା ଅଦର୍ଶ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି କବି । ଏକ ଟେଲିଭିଜନ ଦେଖା ଘଟଣାରୁ ଆରମ୍ଭ ହୋଇଛି ଏଇ କବିତାର ଆତ୍ମିକ ଆବେଗ ।

ଟେଲିଭିଜନ ପର୍ଦାରେ ଚାଲୁଥିଲା ଏକ ରୋମାଣ୍ଟିକ ଦୃଶ୍ୟ । ଜମିଥିଲା ଗୀତର ଆସର । ପ୍ରେମିକ ପ୍ରେମିକା ଗୀତ ଓ ନୃତ୍ୟର ତାଳେ ତାଳେ ଥିଲେ ରସ ମନସ୍କ । ନିମଗ୍ନ ଚିତ୍ତରେ ଦେଖି ଚାଲିଥିଲେ ନନ୍ଦଦାସ । ଏଇମିତି ଏକ ମୁହୂର୍ତ୍ତରେ ତାଙ୍କର ନଜର ପଡିଛି ଜଳୁଥିବା ଦୀପ ଶିଖାର ଚତୁଃପାଶ୍ୱରେ ଉଡୁଥିବା ଏକ ପୋକ ଉପରେ । ଯାହାକୁ ଧରିବା ପାଇଁ ଝିଟିପିଟି ତାର କଳା ଓ କୌଶଳ ପ୍ରୟୋଗ କରିଛି । ମାତ୍ର କ୍ଷୁଦ୍ର ପୋକଟି ଝିଟି ପିଟି କବଳରୁ ମୁକ୍ତି ପାଇବା ପାଇଁ ଯଥା ସମ୍ଭବ ଚେଷ୍ଟା କରିଛି । କିନ୍ତୁ ହାରି ଯାଇଛି ସେ । ଜୀବନ ଜୀଇଁବାର ମହା ସଂଗ୍ରାମରେ କ୍ଳାନ୍ତ ହୋଜ ପଡିଛି । ଝିଟିପିଟି କିନ୍ତୁ ଛକାପଞ୍ଝା ଖେଳ ଭିତରେ ପୋକ ଟିକୁ ଆହାର କରିଛି ପୋକ ଆସନ୍ନ ମୃତ୍ୟୁ ଜାଣି ମଧ ବଂଚିବା ପାଇଁ ଛାଟି ପିଟି ହୋଇଛି ।

ଏଠାରେ ଏକ ତାତ୍ତ୍ୱିକ ଦର୍ଶନର ବାଣୀ ଶୁଣାଇଛନ୍ତି କବି ।

ଯୁଗେ ଯୁଗେ have and have notsଙ୍କ ଭିତରେ ଚାଲିଛି ଲଢ଼େଇ । ବିଚରା ନଥିଲା ବାଲାର ଦୁର୍ବଳତାକୁ ପୁଞ୍ଜିକରି ଥିଲା ବାଲା ତାଉପରେ ଦାଉ ସାଜିଛି । ହୋଇ ପାରେ ସମାଜିକ, ସାଂସ୍କୃତିକ ଅବା ଅର୍ଥନୈତିକ କ୍ଷେତ୍ରରେ । ଏପରିକି ଭିଟା ମାଟି ତାର ହୋଇଛି ଉଚ୍ଛନ୍ନ । ସେ ହୋଇଛି ବାସ ହରା । ଏଠାରେ ଝିଟିପିଟି ପୁଞ୍ଜିବାଦୀ ମଣିଷର ପ୍ରତିନିଧିତ୍ୱ କରୁଥିଲା ବେଳେ ପୋକ ସର୍ବହରା ମଣିଷର କା'ପାଲଟିଛି । ହୁଏତ ଏଇ ଝିଟିପିଟି ଓ ପୋକର ସମ୍ପର୍କ କଥା କହିବା ପ୍ରସଙ୍ଗରେ କବି କଣ୍ଠର ଆତ୍ମନେପଦୀ-'ଚଳ ଚଞ୍ଚଳ ହେଉଥିବା ସେ ପୋକ/ଏବଂ ନିଭୃତରୁ ଝପଟି ଆସି କିଏ ଯେପରି/ ତାଙ୍କୁ ଆକଣ୍ଠ ଗ୍ରାସ କରିବାକୁ ଉଦ୍ୟତ ସବୁବେଳ । ତାଙ୍କର ଅସ୍ତିତ୍ୱ ହଜିଯାଇଛି ମୁହୂର୍ତ୍ତକରେ/ପରୁଆନା ଧରି କିଏ ଯେମିତି/ତାଙ୍କ ପଛେ ପଛେ ଝିଟିପିଟି ପରି ଆଗାଉଛି ସବୁକାଳେ'

କବି ରାଉତ ଏଠାରେ ବି ମହାକାଳ ସମ୍ପର୍କରେ ସୂଚନା ଦେଇଛନ୍ତି । ମହାକାଳ ଆଉ କିଏ ହୋଇ ପାରେ ! ସ୍ୱୟଂ ମୃତ୍ୟୁ ।

ମୃତ୍ୟୁ ହିଁ ବାସ୍ତବରେ ମିଠା ସତ୍ୟ । କେଉଁ ସମୟରେ ସେ ପରୱାନା ଧରି ପହଂଚି ଯିବ, ଏକଥା କିଏ କହିବ । ଯାହା କବି ରତ୍ନାକର ଉପଲବ୍ଧି କରିଛନ୍ତି । ଜନ୍ମ ମୃତ୍ୟୁ ର ନିତିଦିନିଆ ସମ୍ବାଦକୁ ନେଇ ନନ୍ଦଦାସ ଅଙ୍କିଛନ୍ତି 'ଗୋଟେ ଜଗୁଆଳି ର ଜୀବନ' ଚିତ୍ର । ସତରେ ଯେଉଁ ବ୍ୟକ୍ତି ପ୍ରତି ମୁହୂର୍ତ୍ତରେ ଜୀଇଁ ଥାଉଥାଉ ମରୁଛି ପୁଣି ମରୁମରୁ ବଞ୍ଚୁଛି, ତା'ପାଖରେ ମୃତ୍ୟୁ ତ ନିମିତ୍ତ ମାତ୍ର ।

ପ୍ରକୃତରେ ଯେଉଁ ବ୍ୟକ୍ତି ମୃତ୍ୟୁର ସଂଜ୍ଞା ଜାଣିଛି, ସେ ହିଁ କେବଳ ଅଂଚିବାର କଳା ଶିଖିଛି । ନନ୍ଦଦାସ ସାଜିଛନ୍ତି ଜଣେ ଜଗୁଆଳି । ଏଠାରେ ଜଗୁଆଳି ଶବ୍ଦଟି ପ୍ରତ୍ୟେକ ମଣିଷ ପାଇଁ ପ୍ରୟୋଗ କରାଯାଇଛି । ଯେଉଁ ମୂଲ୍ୟବାନ ପଦାର୍ଥ କୁ ମଣିଷ ନିଜର ବୋଲି ଭାବେ, ଯାହାକୁ ସାରା ଦିନ ଜଗିରହିଥାଏ, ତାର ମୃତ୍ୟୁ ପରେ ସେଗୁଡିକୁ ଜଗିବା କିଏ ? କିଏ ହେବ ତାର ଅଧିକାରୀ ? ? ଏସବୁ ଜାଣି ମଧ ଭିତରେ ଭରିରହିଛି କୃପଣପଣ

କବିଙ୍କ ଭାଷାରେ-'ସେ ପିଢ଼ାରେ କୁଆ ବସେଇ ଦେଉନାହିଁ/କୃପଣର ବିତ୍ତ ପରି ଜଗି ରହିଛି ସାରା ଆୟୁକାଳ ।'

(କ୍ରମଶଃ)

♥ ସଲଟ ରୋଡ଼, କାଦ୍ରାବାଦ, ବାଲେଶ୍ୱର -୨

# ଗାଁ ଗୀତ

**(ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)**

ଭାଗ-୮

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖି...ଲେଖି...ଲେଖିରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



**ଉମାକାନ୍ତ ରାଉତ(ଅରୂପ)**

♥ ପ୍ଲଟ ନମ୍ବର-୭୬୨,
ପ୍ରଥମ ମହଲା, ନିଳାଦ୍ରି ବିହାର,
ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

ସଂସାରେ କେ' ଅଛି ବର୍ଣ୍ଣିବ କୁହ
ଗାଆଁର ମରମ କଥା
ଯେତେ ବାସି ହୁଏ ସେତେ ବାସୁଥାଏ
ଅଦୃଶ୍ୟ ସେ ନିବିଡ଼ତା ।୭୧ ।

ଧାଡ଼ିଏ ଦୁଃଖର ହାତରେ ସେଦିନ
ଛାଡ଼ିଥିଲି ଯେଉଁ ଗାଆଁ
ଆଖି ଲୁହ ଆଜି ବୁଝଉଛି ମୋତେ
ଗାଁ ନୁହେଁ ସେ ତୋ' ମାଆ ।୭୨ ।

ଗୁଣ୍ଠୁଚି ପିଠିରେ ଖରା ବୋହିଆଣେ
ଆମ ଗାଆଁର ସକାଳ
ସ୍ନାୟୁ ସୈନିକଙ୍କୁ ସତେଜ କରାଏ
ବଡ଼ ମା' ବାସି ପଖାଳ ।୭୩ ।

ପରଜାପତିର ତରକା ଡେଣାରେ
ଫୁଲ ରଙ୍ଗଦିଏ ବୋଲି
କଙ୍କିର ଛଲାଙ୍ଗ ବ୍ୟତିବ୍ୟସ୍ତ କରେ
ଅବୋଧ ଶିଶୁଙ୍କ ମେଳି ।୭୪ ।

କବିପାଇଁ ଗାଆଁ ସବୁଜ ତୀର୍ଥ
ମନ୍ଦ୍ର ମଧୁଝରା ଗୀତ
କବିତା ରଙ୍ଗର ଝିଲିମିଲି ଖରା
ସକଳ ସାଧନା ବ୍ରତ ।୭୫ ।

ଚଉଁରା ମୂଳରେ ସ୍ନିଗ୍ଧ ସେନେହ
ତଇଳ ଦୀପର ରୁଖା
ମନ ମନ୍ଦିର ଅନ୍ତର ତଳେ
ଦିବ୍ୟ କଣର ରେଖା ।୭୬ ।

ସଚ୍ଚିର କଣ୍ଠରେ କଥା ଭରିଥିଲା
ଯା' ଫୁଲ ଶାଗୁଆ ଲତା
ସେ ଉଦାସ ଆଖି ସୁନୀଳ ଛାତିରେ
ନାଆଁ ତାର ତନୁଲତା ।୭୭ ।

ନଈର ଓଠରେ ମିଠାସ୍ ଶ୍ରାବଣ
ଦାଣ୍ଡ ପିଣ୍ଡାରେ ବୁଢ଼ୀ ମା'
ଝାଟିମାଟି ଘର ମହ ମହ ବାସ୍ନା
ହାତଠାରି ଡାକେ ଆଁ ।୭୮ ।

ମିଛ ମାଟି ଘୋଡ଼ା ପିଠିରେ ସବାର
ସତ ଗାଁ ଠାକୁରାଣୀ
ନାରଣ ଯୋଗୀର କେନ୍ଦେରା ଗୀତରେ
ଶହେ ରାଣୀଙ୍କ କାହାଣୀ ।୭୯ ।

ଦାସିଆ ପୁଅକୁ କାଳିସୀ ଲାଗିଲେ
ହନୁମନ୍ତ ପରି ଡିଏଁ
ବାତ୍ୟା ମହାମାରୀ ହଟେଇ ଦେବାକୁ
ଘସି ଝୁଣା ଧୂଆଁ ପିଏ ।୮୦ ।( କ୍ରମଶଃ)





> କଲମ ଆଜ୍ ଉନକୀ ଜୟ ବୋଲ୍,
> ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
> ଲିୟେ ବିନା ଗରଦନ୍ କା ମୋଲ୍,
> ସାକ୍ଷୀ ହେଁ ଜିନକୀ ମହିମା କେ
> ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
> କଲମ ଆଜ୍ ଉନକୀ ଜୟ ବୋଲ୍ ...
>
> - ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'

# ବମ୍ ତୁଲ୍ ବୁଖାରା



୨୧

**ଦୀପକ ରଂଜନ ମିଶ୍ର**

## ॥ କଳାପାଣିରେ ଗଦର ବାହିନୀ ॥

ଇଂଲଣ୍ଡ ଓ ଜର୍ମାନୀ ଭିତରେ ଘମାଘୋଟ୍ ଲଢ଼େଇ ଚାଲିଥାଏ । ଜର୍ମାନ ଯୁଦ୍ଧପୋତ ଗୁଡ଼ିକର ଭାରତୀୟ ଉପକୂଳରେ ଉପସ୍ଥିତି ଖୁବ୍ ଭୟ ସୃଷ୍ଟିକରେ ଭାରତୀୟଙ୍କ ମନରେ । ବ୍ରିଟିଶ୍ ଅଧିକାରୀମାନେ ମଧ୍ୟ ପ୍ରମାଦ ଗଣନ୍ତି । ଏଇ ସମୟରେ ଏମ୍‌ଡେନ୍ ନାମକ ଜର୍ମାନ ଯୁଦ୍ଧପୋତ ଆଣ୍ଡାମାନ୍ ଚାରିପଟେ ବାରମ୍ବାର ଚକ୍କର କାଟିବାକୁ ଲାଗେ । ପୋର୍ଟବ୍ଲେୟରରେ ସାଧାରଣ ଲୋକେ କଥାବାର୍ତ୍ତା ହୁଅନ୍ତି ବିନାୟକଙ୍କୁ ଜେଲ୍‌ରୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ଏଇ ଜାହାଜ ଆସିଛି ବୋଲି । କୁଆଡ଼େ ବିନାୟକଙ୍କୁ ଉଡ଼ାଜାହାଜ ସାହାଯ୍ୟରେ ଜେଲ୍ ଭିତରୁ ଉଠାଇ ନେବାର ଯୋଜନା କରୁଛି ଜର୍ମାନୀ । ଏସବୁ ହୁଏତ ଉଡ଼ା ଖବର ହୋଇପାରେ କିନ୍ତୁ ତାହା ଶୁଣି ଜେଲ୍‌ର ଅଧିକାରୀମାନେ ବେଶ୍ ସକ୍ରିୟ ହୋଇଉଠନ୍ତି । ବିନାୟକଙ୍କୁ ତାଙ୍କ କୋଠରୀ ଭିତରୁ ଆଉ ବାହାରକୁ ଛଡ଼ାଯାଏ ନାହିଁ । ତାଙ୍କ ଚାରିପଟେ ଚବିଶ ଘଣ୍ଟିଆ ପହରା ବସାଇ ଦିଆଯାଏ । ଜର୍ମାନ ଜାହାଜଗୁଡ଼ିକର ଉପସ୍ଥିତି ଯୋଗୁଁ ବର୍ମା, କଲିକତା କିମ୍ବା ମାଡ୍ରାସ୍‌ରୁ ଖାଦ୍ୟ ସାମଗ୍ରୀ ପହଞ୍ଚି ପାରୁ ନଥିବାରୁ ଘୋର ଖାଦ୍ୟ ସଂକଟ ଦେଖାଦିଏ ଆଣ୍ଡାମାନ୍‌ରେ । ଏଭଳି ପରିସ୍ଥିତି ଲାଗିରହେ ପ୍ରାୟ ତିନିମାସ ପର୍ଯ୍ୟନ୍ତ । ତା'ପରେ ଧୀରେ ଧୀରେ ପରିସ୍ଥିତି ସୁଧୁରିବାକୁ ଲାଗେ । ଆଣ୍ଡାମାନରେ ପୁଣି ନୂଆ ଚାଲାଣ ଆସି ପହଞ୍ଚେ । ଏଥର ପ୍ରାୟ ଚାଳିଶ ପଚାଶ ଜଣ ଶିଖ୍ ଆସିଥାନ୍ତି ସେଲ୍ୟୁଲାର ଜେଲ୍‌କୁ ଆଜୀବନ ଜେଲ୍‌ଦଣ୍ଡ ଭୋଗିବାକୁ । ଏମାନେ ସମସ୍ତେ ଥାଆନ୍ତି ଗଦର କ୍ରାନ୍ତିର ଅଭିଯୁକ୍ତ । ଆମେରିକାରୁ ସଂଗଠିତ ହୋଇ ଏମାନେ ଆସିଥିଲେ ଦେଶ ମାତୃକାକୁ ଫିରଙ୍ଗୀଙ୍କ କବଳରୁ ମୁକ୍ତ କରିବା ଉଦ୍ଦେଶ୍ୟରେ । କିନ୍ତୁ କୃପାଲସିଂହ ନାମକ ଦେଶଦ୍ରୋହୀ ଲାଗି ତାଙ୍କର କ୍ରାନ୍ତି ଯୋଜନା ସମ୍ପୂର୍ଣ୍ଣ ବିଫଳ ହେବାସହ ସମସ୍ତେ ଗିରଫ୍ ହୋଇଯାଇଥାନ୍ତି । ଅନେକଙ୍କୁ ଫାଶୀ କିମ୍ବା ଆଜୀବନ କାରାଦଣ୍ଡରେ ଦଣ୍ଡିତ ହେବାକୁ ପଡ଼ିଥାଏ ।

ଏଇ ଗଦର କ୍ରାନ୍ତିର ଅଭିଯୁକ୍ତମାନଙ୍କ ସହ ଆସିଥାନ୍ତି ପ୍ରଫେସର ପରମାନନ୍ଦ । ଇୟେ ମୁଖ୍ୟତଃ ଜଣେ ଆର୍ଯ୍ୟସମାଜୀ ପ୍ରଚାରକ ହୋଇଥିବାରୁ ୟାଙ୍କୁ 'ଭାଇ ପରମାନନ୍ଦ' ବୋଲି ସମସ୍ତେ ସମ୍ବୋଧନ କରିଥାନ୍ତି । ୟାଙ୍କ ସହ ବିନାୟକଙ୍କର ପୂର୍ବରୁ ଲଣ୍ଡନ୍‌ରେ ରହୁଥିବା ସମୟରୁ ଥାଏ ପରିଚିତି । ଏହି ବିଷୟରେ ବ୍ରିଟିଶ୍ ଅଧିକାରୀମାନେ ପୂର୍ବରୁ ଜାଣିଥିବାରୁ ଜେଲ୍ ଭିତରେ ଉଭୟଙ୍କୁ ଅନେକ ଦିନ ପର୍ଯ୍ୟନ୍ତ ଅଲଗା ରଖାଯାଇଥିଲା । ହେଲେ ହଠାତ୍ ଦିନେ ଉଭୟଙ୍କର ସାକ୍ଷାତ ହୋଇଯାଏ କାମ କରିବା ଜାଗାକୁ ଯାଉଥିବା ସମୟରେ । ଗଦର କ୍ରାନ୍ତିର ଅଭିଯୁକ୍ତମାନେ ପ୍ରାୟ ସମସ୍ତେ ପୂର୍ବରୁ ବିନାୟକଙ୍କୁ ଜାଣିଥାନ୍ତି । ଅନେକେ ତାଙ୍କ ରଚିତ ପୁସ୍ତକ ତଥା ଆଲେଖ୍ୟ ପଢ଼ି କ୍ରାନ୍ତିକାରୀ ହେବାକୁ ମନସ୍ଥ କରିଥାନ୍ତି । ତେଣୁ ବିନାୟକଙ୍କୁ ଆଣ୍ଡାମାନ୍‌ରେ ଦେଖି ସେମାନେ ସମସ୍ତେ ତାଙ୍କୁ ସମ୍ମାନ ଜଣାଇବା ସହ ସବୁ କ୍ଷେତ୍ରରେ ତାଙ୍କର ମତାମତ ଲୋଡ଼ନ୍ତି । ଏହା ବିଟିଶ୍ ଅଧିକାରୀମାନେ ଆଦୌ ପସନ୍ଦ କରନ୍ତି ନାହିଁ । ବିନାୟକଙ୍କୁ ଏମାନଙ୍କ ଠାରୁ ସବୁବେଳେ ଅଲଗା ରଖିବାକୁ ଯେତେ ଉଦ୍ୟମ କଲେ ବି ତାହା ସମ୍ଭବ ହୋଇପାରେନାହିଁ । ଜଣେ ଶିଖ୍ ଯୁବକ ପ୍ରଥମ ସାକ୍ଷାତ୍ ବେଳେ ବିନାୟକଙ୍କର ପାଦଛୁଇଁ ଜୁହାର କରେ । ସେ ଆମେରିକାରେ ଥିଲାବେଳେ ଖୁବ୍ ରଙ୍ଗୀଲା ସ୍ୱଭାବର ଥିଲା । କିନ୍ତୁ ହଠାତ୍ ଦିନେ ବିନାୟକଙ୍କ ରଚିତ '୧୮୫୭- ପ୍ରଥମ ସ୍ୱାଧୀନତା ସଂଗ୍ରାମ' ବହିଟି ପାଇ ସେ ପଢ଼ିବା ଆରମ୍ଭ କରେ । ଯେତେ ଯେତେ ଆଗକୁ ବଢ଼ୁଥାଏ ସେତେ ସେତେ ତା' ଭିତରେ ଏକ ପରିବର୍ତ୍ତନ ଦେଖାଦେବାକୁ ଲାଗେ । ବହି ପଢ଼ି ସାରିବା ବେଳକୁ ସେ ବନିଯାଇ ସାରିଥାଏ ଏକ କ୍ରାନ୍ତିକାରୀ । ସେ ଯୋଗଦିଏ ଗଦର ପାର୍ଟିରେ । ସେଇମିତି ଆଉଜଣେ ଯୁବକ ଆମେରିକାରେ ପ୍ରକାଶିତ ଗୋଟେ ଖବରକାଗଜରେ ବିନାୟକଙ୍କ ତେଲଘଣାରେ ଯୋଚା ହୋଇଥିବାର ଏକ ରେଖାଚିତ୍ର ଦେଖେ । ସେ ଚିତ୍ର ତା ଭିତରେ ଆଣେ ଏକ ଅଦ୍ଭୁତ ପରିବର୍ତ୍ତନ । ଏତେ ବଡ଼ ବିଦ୍ୱାନ୍, ଦେଶପ୍ରେମୀ ଯଦି ଆପଣା ଦେଶମାତୃକାର ଉଦ୍ଧାର ଲକ୍ଷ୍ୟରେ ଶେଷରେ ଯାଇ ଆଣ୍ଡାମାନ୍‌ରେ କଳାପାଣି ଦଣ୍ଡ ଭୋଗୁଛନ୍ତି ତଥା ଆପଣା ଜୀବନକୁ ତିଳ ତିଳ କରି ଜାଳୁଛନ୍ତି ତେଲଘଣାରେ ଯୋଚାହୋଇ ତେବେ ସେ କାହିଁକି କିଛି କରି ପାରିବନି ଯେ ଆପଣା ଦେଶମାତୃକା ପାଇଁ ? ସେଇ ରେଖାଚିତ୍ର ଅନେକଙ୍କ ମନରେ ଭାବାନ୍ତର ସୃଷ୍ଟି କରିବାରେ ସମର୍ଥ ହୋଇଥିଲା । ସେମାନେ କାଳକ୍ରମେ ଜଣେ ଜଣେ କ୍ରାନ୍ତିକାରୀ ବନିବାକୁ ମନସ୍ଥ କରି ଗଦର ପାର୍ଟିରେ ଯୋଗ ଦେଇଥିଲେ । ଚାଲାଣରେ ଆସିଥିବା ନୂଆ ବନ୍ଦୀମାନଙ୍କ ପାଖରୁ ଏସବୁ ଶୁଣି ବିନାୟକ ଭାବନ୍ତି ଜେଲ୍ ଭିତରେ ତାଙ୍କ ହାଡ଼ଭଙ୍ଗା ପରିଶ୍ରମ ନିଶ୍ଚିତ ରୂପେ ବ୍ୟର୍ଥ ଯାଇନାହିଁ । ତେଲଘଣାରୁ ଥପ୍ ଥପ୍ ପଡୁଥିବା ବିନ୍ଦୁ ବିନ୍ଦୁ ତେଲ ତେବେ ଥିଲା ରାଷ୍ଟ୍ରର ସ୍ୱାଧୀନତା ନିମନ୍ତେ କରାଯାଉଥିବା ଯଜ୍ଞାନୁଷ୍ଠାନ୍‌ରେ ଗୋଟିଏ ଗୋଟିଏ ଆହୁତି ସଦୃଶ । ଏସବୁ ବିନାୟକଙ୍କ ଭିତରେ ଆତ୍ମତୃପ୍ତି ଆଣି ତାଙ୍କୁ ଆହୁରି ଚଳଚଞ୍ଚଳ କରିଥିଲା ।





ନୂଆ ଆସିଥିବା ଚାଲାଣରେ ଥିଲେ ଜଣେ ତେଜସ୍ୱୀ ଯୁବକ । ତାଙ୍କ ନାଁ ବି ଥାଏ ପରମାନନ୍ଦ । ବାରୀ ସାହେବ୍‌ଙ୍କ ସହ ସାକ୍ଷାତ୍ ସମୟରେ ସିଧା ହୋଇ ଠିଆ ନହେବାରୁ ବାରୀ ତାଙ୍କୁ ସମସ୍ତଙ୍କ ଉପସ୍ଥିତିରେ ବଡ଼ ଅସଭ୍ୟ ଭାଷାରେ ଗାଳିଗୁଲଜ୍ କରନ୍ତି । ପୁରୁଣା ବନ୍ଦୀମାନଙ୍କର ଏଭଳି ଗାଳି ଦେହସୁହା ହୋଇଯାଇଥିବା ବେଳେ ଯୁବକ ଜଣକ କେବେ କାହାଠାରୁ ସେଭଳି ଶୁଣି ନଥିବାରୁ ଖୁବ୍ ରାଗିଯାଇ କଚେରୀ ଭିତରେ ହିଁ ବାରୀଙ୍କ ଗାଲରେ ବ୍ରହ୍ମ ଚାପୁଡ଼ାଟିଏ ବସେଇ ଦିଅନ୍ତି । ଦିନବେଳା ତାରା ଦେଖାଯିବା ସହ କିଛି ସମୟ ବାରୀ ସାହେବ୍‌ଙ୍କ ମୁଣ୍ଡ କାମ କରିବା ବନ୍ଦ କରିଦିଏ । ଅଧସ୍ତନମାନେ ଯୁବକକୁ ଭଲକରି ଉତ୍ତମ ମଧ୍ୟମ ଦେଇ ଲହୁଲୁହାଣ କରିପକାନ୍ତି । କଥା ପର୍ଯ୍ୟବେକ୍ଷକଙ୍କ ପାଖକୁ ଯାଏ । ଜେଲର୍‌ଙ୍କୁ ଚାପୁଡ଼ା ମାରିବା କ'ଣ ଏମିତି ସେମିତି କଥା ହୋଇଛି ? ଉପଯୁକ୍ତ ଦଣ୍ଡ ବିଧାନ କରିବାକୁ ଯାଇ ତାଙ୍କୁ ତିରିଶ ବେତ ପ୍ରହାରର ନିଷ୍ପତ୍ତି ନିଆଯାଏ । ତାଙ୍କୁ ତିନିକାଠିଆରେ ଶକ୍ତ ଭାବରେ ବାନ୍ଧି ବେତମାଡ଼ ଦିଆହୁଏ । ପିଠି ତଥା ନିତମ୍ବର ଚମଡ଼ା ଫାଟି ମାଂସ ଟୁକୁଡ଼ା ଟୁକୁଡ଼ା ଛିଟ୍‌କି ପଡ଼େ ପ୍ରତି ପ୍ରହାରରେ । ହେଲେ ଯୁବକଙ୍କ ପାଟିରୁ ଶବ୍ଦଟିଏ ସୁଦ୍ଧା ବାହାରେନି । ପଥର ଭଳି ଦୃଢ଼ ରହି ସେ ସହିଯାଆନ୍ତି ସବୁକଷ୍ଟ । ମାଡ଼ ପରେ ପ୍ରାଥମିକ ଚିକିତ୍ସା ପାଇଁ ଡାକ୍ତରଙ୍କ ପାଖକୁ ନେବା ପରିବର୍ତ୍ତେ ତାଙ୍କୁ ଜେଲ୍ କୋଠରୀ ଭିତରେ ପକେଇ ଦେଇ କବାଟ ବନ୍ଦ କରିଦିଆଯାଏ । ଆଣ୍ଡାମାନ୍‌ରେ ରାଜବନ୍ଦୀମାନଙ୍କ ଉପରେ ବେତମାଡ଼ର ଏଇଟା ଥିଲା ପ୍ରଥମ ଘଟଣା । ଏଇ ମାଡ଼ ପାଇଁ ପରମାନନ୍ଦଙ୍କୁ ଆଦୌ ଦୁଃଖ ଲାଗେନି । କାରଣ ସେ ନିଜେ ପ୍ରଥମେ ବାରୀ ସାହେବ୍‌ଙ୍କୁ ପିଟିଥାନ୍ତି । ଏହାଦ୍ୱାରା ରାଜବନ୍ଦୀମାନଙ୍କ ପ୍ରତିଷ୍ଠାରେ ବୃଦ୍ଧି ହୁଏ । ସେମାନେ ବାରୀଙ୍କ ଅଭଦ୍ର ଗାଳିଗୁଲଜ୍ ବିରୁଦ୍ଧରେ ହରତାଳ ତଥା କାର୍ଯ୍ୟବନ୍ଦ କରିବାକୁ ନିଷ୍ପତ୍ତି ନିଅନ୍ତି । ପର୍ଯ୍ୟବେକ୍ଷକ ସେମାନଙ୍କୁ ଆସି ବୁଝାଇବା ସହ ବାରୀଙ୍କୁ ଆଉ ସେଭଳି ଭାଷାରେ ଗାଳି ନଦେବା ପାଇଁ ତାଗିଦ୍ କରନ୍ତି । ରାଜବନ୍ଦୀଙ୍କୁ କହନ୍ତି ଯାହାଦ୍ୱାରା ଯେତିକି କାମ ସମ୍ଭବ ସେତିକି କରିବା ପାଇଁ । କାର୍ଯ୍ୟବନ୍ଦ କରିବା ଉଚିତ୍ ନୁହେଁ । ବୁଝାମଣା ଫଳରେ ପୁଣି ଜେଲ୍‌ରେ ପରିସ୍ଥିତି ସାମାନ୍ୟ ହେବାକୁ ଲାଗେ ।

ଗଦର କ୍ରାନ୍ତିର ଅଭିଯୁକ୍ତମାନଙ୍କ ଆସିବା ପରେ ଜେଲ୍ ଭିତରେ ବିନାୟକଙ୍କର ପ୍ରତିଷ୍ଠାର ବୃଦ୍ଧି ବାରୀ ସାହେବ୍‌ଙ୍କୁ ଖୁବ୍ ଅସହଜ ମନେହୁଏ । ସେଥିରେ ଲଗାମ୍ ନଲଗାଇଲେ ଜେଲ୍‌ରେ ବିଶୃଙ୍ଖଳା ଦେଖାଦେବା ସୁନିଶ୍ଚିତ । ସେଥିପାଇଁ ସେ କଳେ ବଳେ କୌଶଳେ ବିନାୟକଙ୍କୁ କାବୁ କରିବାକୁ ଚେଷ୍ଟା କରନ୍ତି । ଜେଲ୍ ଭିତରେ ଘଟୁଥିବା ପ୍ରତ୍ୟେକ ଅଘଟଣ ପଛରେ ବିନାୟକଙ୍କ ହାତ ଥିବାକଥା କହି ସେ ବିନାୟକଙ୍କୁ ବଦନାମ୍ କରିବାକୁ ଚେଷ୍ଟା କରନ୍ତି । ବାରୀଙ୍କ ନିର୍ଦ୍ଦେଶରେ ଥରେ ଜଣେ ଗୋଟେ ଛୁରୀ ଆଣି ବିନାୟକଙ୍କ ଗାଧୁଆ ଜାଗାରେ ଲୁଚାଇ ରଖିଦିଏ ତଥା ଜଣେ ହିନ୍ଦୁ ବନ୍ଦୀକୁ ସାକ୍ଷୀ ଦେବାପାଇଁ ପ୍ରେରିତ କରେ ଯେ ବିନାୟକ ଜେଲ୍‌ର କୌଣସି ଅଧିକାରୀଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ସେଇ ଛୁରୀଟି ସଂଗ୍ରହ କରି ଲୁଚାଇ ରଖିଛନ୍ତି । କିନ୍ତୁ ହିନ୍ଦୁ ବନ୍ଦୀ ଜଣକ ଭିତରେ ଭିତରେ ବିନାୟକଙ୍କୁ ଶ୍ରଦ୍ଧା କରୁଥିବାରୁ ତା' କଥାରେ ହଁ କୁ ହଁ ମାରି ସବୁ ଆସି ବିନାୟକଙ୍କୁ କହିଦେବାରୁ ବାରୀଙ୍କ ଯୋଜନା ପଣ୍ଡ ହୋଇଯାଏ ।

ବାରୀ ସାହେବ୍ ଥିଲେ ଜେଲ୍‌ର ପରମେଶ୍ୱର । ସବୁ ବନ୍ଦୀମାନଙ୍କ ପାଇଁ ଗୋଟେ ବଡ଼ ଆତଙ୍କ । ତାଙ୍କ ନାଁ ଶୁଣିଲେ ବଡ଼ ବଡ଼ ଅପରାଧୀ ମଧ୍ୟ ଭୟରେ ଥରି ଯାଉଥିଲେ । ସେ ଥିଲେ ସ୍ୱଭାବତଃ ଖୁବ୍ ନିଷ୍ଠୁର । ସେଭଳି ହେବା ମଧ୍ୟ ସ୍ୱାଭାବିକ୍ । ଚୋର, ଡାକୁ, ବଦମାସ୍ ତଥା ହତ୍ୟାକାରୀଙ୍କୁ ନିଜ ଦେଶରେ ରଖିବା ଅସମ୍ଭବ ମନେ ହେବାରୁ ସେମାନଙ୍କୁ ଦେଶାନ୍ତର ଦଣ୍ଡରେ ଦଣ୍ଡିତ କରି ଆଣ୍ଡାମାନ୍‌କୁ ଅଣାଯାଇଥାଏ । ସେମାନଙ୍କୁ ସେଠିକା ଜେଲ୍ ଭିତରେ ସମ୍ଭାଳିବା କିଛି ସାଧାରଣ କଥା ନଥିଲା । ବର୍ଷ ବର୍ଷ ଧରି ସେଇମାନଙ୍କ ଗହଣରେ ରହି ରହି ସେ ସେମିତି ନିଷ୍ଠୁର ବନିଯାଇଥାନ୍ତି । ତାଙ୍କ ପତ୍ନୀ କିନ୍ତୁ ଥିଲେ ଖୁବ୍ ସ୍ନେହୀ ତଥା ଧର୍ମପରାୟଣା । ବନ୍ଦୀଙ୍କ ସହ ଏଭଳି ନିଷ୍ଠୁର ଆଚରଣ ନକରିବା ପାଇଁ ସେ ସବୁବେଳେ ଆପଣା ସ୍ୱାମୀଙ୍କୁ ପ୍ରବର୍ତ୍ତାଉଥିଲେ । କେବେ କେମିତି ଫଳ କି ମିଠା ନେଇ ସେ ତାଙ୍କ ପରିଚିତ ବନ୍ଦୀମାନଙ୍କୁ ଦେଖା କରିବାକୁ ଆସୁଥିଲେ । ବାରୀ ସାହେବ୍‌ଙ୍କର ଥିଲା ଗୋଟିଏ ମାତ୍ର ଝିଅ । ଖୁବ୍ ବୁଦ୍ଧିମତୀ । ରେଙ୍ଗୁନ୍‌ରେ ମେଟ୍ରିକ୍ ପାଶ୍ କରିବା ପରେ ସେ ସେଠାରେ ଗୋଟିଏ ସ୍କୁଲରେ ଶିକ୍ଷକତା କରୁଥାଏ । ବାପାମା'ଙ୍କୁ ଦେଖାକରିବାକୁ ଆଣ୍ଡାମାନ୍ ଆସିଲେ ସେ ସେମାନଙ୍କୁ ସାଙ୍ଗରେ ନେଇ ବିନାୟକଙ୍କୁ ଭେଟିବାକୁ ଆସେ । ତାଙ୍କ ସହ ବିଭିନ୍ନ ବିଷୟରେ ଘଣ୍ଟା ଘଣ୍ଟା ଆଲୋଚନା କରେ । ତାଙ୍କ ରଚିତ ଇଂରାଜୀ କବିତାଗୁଡ଼ିକ ଖୁବ୍ ମନଯୋଗର ସହ ଶୁଣେ । ପରିବାର ସହିତ ଆସିଥିବା ବେଳେ ବାରୀ ସାହେବ୍‌ଙ୍କ ବ୍ୟବହାର ଥାଏ ଖୁବ୍ ବନ୍ଧୁତ୍ୱପୂର୍ଣ୍ଣ ।

୧୯୧୫ ମସିହା ପରେ ବିନାୟକଙ୍କ ସ୍ୱାସ୍ଥ୍ୟରେ ଅବନତି ଦେଖାଦିଏ । ଜେଲ୍ ଭିତରର ଅସ୍ୱାସ୍ଥ୍ୟକର ପରିବେଶ, ଅତ୍ୟଧିକ ଶାରୀରିକ ପରିଶ୍ରମ ତଥା ଦରସିଝା ଖାଦ୍ୟ ଯୋଗୁଁ ତାଙ୍କ ହଜମ୍ ଶକ୍ତି ଖୁବ୍ କମିଯାଏ । ରୁଟି ଭାତ କିଛି ବି ହଜମ୍ ନହେବାରୁ ଅନେକ ଦିନ ସେ ପେଜ ପିଇ ଜୀବନଧାରଣ କରନ୍ତି । ପ୍ରାୟ ନାଳଝାଡ଼ା ଲାଗିରହେ । ମଝିରେ ମଝିରେ ତହିଁରେ ରକ୍ତ ମଧ୍ୟ ପଡ଼େ । ସେଠାରେ ମଳତ୍ୟାଗରେ କଟକଣା ଥିବାରୁ ପେଟ ମୋଡ଼ି ହୋଇ ବାରମ୍ବାର ତଲବ୍ ଦେଖାଇବା ଦ୍ୱାରା ସେ ଘୋର ଅସୁବିଧାର ସମ୍ମୁଖୀନ ହୁଅନ୍ତି । ବନ୍ଦୀର ରୋଗ ଅତ୍ୟଧିକ ବଢ଼ିଲେ ଯାଇ ତାକୁ ଡାକ୍ତର ଦେଖା କରିବାକୁ ଆସନ୍ତି । ସେତେଦିନ ଯାଏ ବନ୍ଦୀକୁ ଅପେକ୍ଷା କରିବାକୁ ପଡ଼େ । ବିନାୟକ ଠାକୁରଙ୍କୁ ମନେ ମନେ ପ୍ରାର୍ଥନା କରନ୍ତି ଯେ ଡାକ୍ତରଙ୍କ ଉପସ୍ଥିତିରେ ଶୌଚ କଲାବେଳେ ଯେମିତି ସେଥିରେ ନାଳ ଓ ରକ୍ତ ପ୍ରଚୁର ମାତ୍ରାରେ ପଡୁ । ନାଳ କି ରକ୍ତ ନଦେଖିଲେ ଡାକ୍ତର ବନ୍ଦୀ ଜଣକ ବାହାନା କରୁଛି ଭାବି ଚିକିତ୍ସା ନକରି ଚାଲିଯିବ । ସେତେବେଳେ ତାଙ୍କ ବଡ଼ଭାଇଙ୍କୁ ତାଙ୍କ ନିଜ ଖାଦ୍ୟ ନିଜେ ପ୍ରସ୍ତୁତ କରିବାକୁ ଅନୁମତି ମିଳିସାରିଥାଏ । ତାଙ୍କ ସହ ବାମନ୍‌ରାଓ ଯୋଶୀ ମଧ୍ୟ ମିଶିକରି ରୋଷେଇ କରୁଥାନ୍ତି । ତାତ୍ୟାର ଦେହ ଭଲ ନଥିବା ଶୁଣି କେବେ କେମିତି ବଡ଼ଭାଇ ତାଙ୍କ ପାଇଁ ଲୁଚେଇ କରି ନଡ଼ିଆ ଶଢ଼େଇରେ ଡାଲି କିମ୍ବା ତରକାରୀ ଟିକିଏ ପଠାଇ ଦିଅନ୍ତି । ତାହା ବିନାୟକଙ୍କୁ ଅମୃତ ଭଳି ମନେ ହେଉଥିଲା । ହାତ ଚାଟି ଚାଟି ଖାଉଥିବା ବେଳେ ଲୁହ ଦି'ଠୋପା ଝରି ପଡୁଥାଏ ଚଟାଣରେ । ଉପଯୁକ୍ତ ଚିକିତ୍ସା ଅଭାବରେ ଦିନକୁ ଦିନ ତାଙ୍କ ସ୍ୱାସ୍ଥ୍ୟରେ ଆହୁରି ଅବନତି ଦେଖାଦିଏ, ଜ୍ୱର ଲାଗିରହେ । ତଥାପି ଔଷଧ ମୁନ୍ଦିଏ ଥାଏ ସ୍ୱପ୍ନ ।

ଏଇ ସମୟରେ ଗଦର କ୍ରାନ୍ତିର ଜଣେ ମୁଖ୍ୟ ଅଭିଯୁକ୍ତ ବାବା ଭାନ୍‌ସିଂହଙ୍କ ସହ ଅଘଟଣ ଘଟିଯାଏ । ବୟସାଧିକ୍ୟ ଯୋଗୁଁ ସେ ଜେଲ୍ ଭିତରେ କଠିନ କାର୍ଯ୍ୟ କରିବାକୁ ଥାନ୍ତି ଅସମର୍ଥ । ସେଇ କାରଣ ଦର୍ଶାଇ ସେ କାମ କରିବାକୁ ସ୍ପଷ୍ଟ ମନା କରିଦିଅନ୍ତି । ବୃଦ୍ଧ ଶିଖ୍ ଜଣଙ୍କର ଏଭଳି ରୋକ୍‌ଠୋକ୍ ବ୍ୟବହାରରେ ଭୀଷଣ ରାଗିଯାଆନ୍ତି ବାରୀ ସାହେବ୍ । ଜେଲ୍ କୋଠରୀ ଭିତରକୁ ପଶିଆସି ଖୁବ୍ ଗାଳି ଗୁଲଜ୍ କରନ୍ତି । ଜେଲର୍ ବୋଲି କେତେ ବା ମୁଣ୍ଡ ପୋତି ଜଣେ ନିଜ ମାଁ ଭଉଣୀଙ୍କ ବିଷୟରେ ଅପଶବ୍ଦ ଶୁଣିବ ? ଶେଷକୁ ସେ ମଧ୍ୟ ଉତ୍ୟକ୍ତ ହୋଇ ଗାଳି ଦେବା ଆରମ୍ଭ କରନ୍ତି । ପଞ୍ଜାବୀ ଗାଳି ମାନେ ଠୋ ଠୋ ଗାଲରେ ଚାପୁଡ଼ା ବାଜିଲା ଭଳି । କାନମୁଣ୍ଡା ଝାଇଁ ଝାଇଁ କରିବ ଶୁଣୁଥିବା ଲୋକର । ବନ୍ଦୀର ଏଭଳି ଦୁଃସାହସ ଦେଖି ବାରୀ ପାଖରେ ଥିବା ୱାର୍ଡ଼ର ମାନଙ୍କୁ ତାକୁ ଠିକ୍ କରିଦେବା ପାଇଁ ଆଦେଶ ଦିଅନ୍ତି । ଠିକ୍ କରିବା ମାନେ ଜେଲ୍ ଭାଷାରେ ପ୍ରଚୁର ମାଡ଼ ଦେବା । ଆଠ ଦଶଜଣ ୱାର୍ଡ଼ର ଠେଙ୍ଗା ବାଡ଼ି ଧରି ଭାନ୍‌ସିଂହଙ୍କ କୋଠରୀ ଭିତରକୁ ପଶିଯାଆନ୍ତି । ବୃଦ୍ଧ ଜଣକ କିଭଳି ବା ପ୍ରତିରୋଧ କରିପାରିବେ ଏମିତି ସାମୁହିକ ଆକ୍ରମଣର ? ସେମାନେ ସହଜରେ ତାଙ୍କୁ କାବୁ କରି ନିର୍ଘାତ୍ ପିଟନ୍ତି । ନାକ, କାନ, ମୁଣ୍ଡ କିଛି ବି ବାକି ରହେନି । ପ୍ରଚୁର ରକ୍ତସ୍ରାବ ହୁଏ ତାଙ୍କ ଶରୀରରୁ । ତାଙ୍କ କରୁଣ ଚିତ୍କାରରେ ସେଲ୍ୟୁଲାର ଜେଲ୍‌ର ନିର୍ଜୀବ ଇଟା ପଥରର କାନ୍ଥ ମଧ୍ୟ ଥରିଉଠେ । ହେଲେ ସାମାନ୍ୟ ଟିକିଏ ପ୍ରତିକ୍ରିୟା ମଧ୍ୟ ନଥାଏ ବାରୀ ସାହେବ୍‌ଙ୍କର । ସାତଦିନ ପର୍ଯ୍ୟନ୍ତ ସେଇମିତି କୋଠରୀ ଭିତରେ ବନ୍ଦୀ ଅବସ୍ଥାରେ ପଡ଼ି ରହନ୍ତି ବାବା ଭାନ୍‌ସିଂହ । ଶେଷକୁ ପରିସ୍ଥିତି ଅତ୍ୟଧିକ ଗୁରୁତର ହେବାରୁ ତାଙ୍କୁ ଜେଲ୍ ଭିତରେ ଥିବା ରୁଗ୍‌ଣାଳୟକୁ ଅଣାଯାଏ । ହେଲେ ସେତେବେଳକୁ ଅନେକ ବିଳମ୍ବ ହୋଇ ସାରିଥାଏ । ସେ ବେହୋସ ଅବସ୍ଥାରେ କିମ୍ବା ଅର୍ଦ୍ଧଚେତନ ଅବସ୍ଥାରେ ପଡ଼ିରହୁଥାନ୍ତି । ସେଇ ସମୟରେ ଅତ୍ୟଧିକ ଜ୍ୱରରେ ପୀଡ଼ିତ ହୋଇଥିବା ଯୋଗୁଁ ବିନାୟକଙ୍କୁ ମଧ୍ୟ ରୁଗ୍‌ଣାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ତିନି ଚାରିଦିନ ପରେ ବିନାୟକଙ୍କୁ ସେଠାରୁ ପୁଣି ଜେଲ୍‌ର କୋଠରୀ ଭିତରକୁ ସ୍ଥାନାନ୍ତରିତ କରାହୁଏ । ଭାନ୍‌ସିଂହଙ୍କ କିନ୍ତୁ ଆଉ କୋଉଠିକୁ ସ୍ଥାନନ୍ତରଣର ସମ୍ଭାବନା ହିଁ ଆସେନି । ସେଇମିତି ଅଚେତ୍ ଅବସ୍ଥାରେ ପ୍ରାୟ ମାସେ କାଳ ରୁଗ୍‌ଣାଳୟରେ ପଡ଼ି ପଡ଼ି ଶେଷକୁ ଶହୀଦ୍ ହୋଇଯାଆନ୍ତି । ତାଙ୍କ ଦେହାନ୍ତ ଯୋଗୁଁ ଖୁବ୍ ଉଦାସ ହୋଇଯାଆନ୍ତି ବିନାୟକ । ରାଜବନ୍ଦୀମାନେ ବାରୀଙ୍କ ଏଭଳି ବ୍ୟବହାର ବିରୁଦ୍ଧରେ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ହରତାଳ ତଥା କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ସ୍ଥିର କରନ୍ତି । କିନ୍ତୁ ସମସ୍ତେ ଆନ୍ଦୋଳନରେ ସାମିଲ୍ ହେଲେ ସେମାନଙ୍କ ଖବର ଭାରତରେ ପହଞ୍ଚେଇବାର ବ୍ୟବସ୍ଥା କରିବ କିଏ ? ବିନାୟକ ପୁଣି ଅତ୍ୟଧିକ ଦୁର୍ବଳ ହୋଇପଡ଼ିଥାନ୍ତି ସେତେବେଳେ । ତେଣୁ ସେ ନିଜକୁ ଆନ୍ଦୋଳନରୁ ଯଥାସମ୍ଭବ ଦୂରେଇ ରଖି ଖବର ପ୍ରେରଣ କରିବା କାର୍ଯ୍ୟରେ ନିଜକୁ ନିୟୋଜିତ କରନ୍ତି ।

କ୍ରମଶଃ.....

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୧ ମଇ, ୨୦୨୨

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ଶ୍ରମ ଓ ଶ୍ରମିକ ଦିବସ

## ଜୟଶ୍ରୀ ପଟ୍ଟନାୟକ



ବସୁଧୈବ କୁଟୁମ୍ବକମ୍ ଧାରାରେ ସମାଜର ସବୁ ମନୁଷ୍ୟଙ୍କୁ ସମାନ ଦୃଷ୍ଟିରେ ଦେଖିବା ସବୁ ମନୁଷ୍ୟଙ୍କ ପ୍ରତି ସଦ୍ଭାବନା ପୋଷଣ କରିବା ଦ୍ୱାରା ଦେଶର ପ୍ରଗତି ଓ ସଂହତି ବାଧାପ୍ରାପ୍ତ ହୁଏ ନାହିଁ। ସୁଶୃଙ୍ଖଳିତ ଶାସନ ବ୍ୟବସ୍ଥା, ସମାନତାର ଦୃଷ୍ଟି ଏବଂ କର୍ତ୍ତବ୍ୟନିଷ୍ଠ ମାନବ ହିଁ ଦେଶ ଉନ୍ନତିରେ ସହାୟକ ହୋଇଥାନ୍ତି। ପ୍ରତ୍ୟେକ ମଣିଷ, ମଣିଷ ପରି ବଂଚିବାକୁ ଚାହେଁ। ତାର ଅଧିକାରରୁ ତାକୁ ବଂଚିତ କରିବାର ଅଧିକାର ଅନ୍ୟ କାହାର ନାହିଁ। ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ବିଶ୍ୱାସ କରୁଥିବା ପ୍ରତିଟି ମଣିଷ ଏହା ହିଁ ବିଶ୍ୱାସ କରେ। ନିଜ ଅଧିକାରକୁ ଯଥୋଚିତ ରୂପେ ସାବ୍ୟସ୍ତ କରିବା, ଧନୀ, ଦରିଦ୍ର ନିର୍ବିଶେଷରେ ସମାନ ଭାବରେ ବଂଚିବା, ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମାନ ସୁଯୋଗ ଓ ସୁବିଧା ଲାଭ କରିବା ହିଁ ମଣିଷର ସର୍ବଶ୍ରେଷ୍ଠ ଅଧିକାର।

ସେଦିନ ଥିଲା ବିଶ୍ୱ ଇତିହାସରେ ଏକ ଲୋମହର୍ଷଣକାରୀ ବେଦନାସିକ୍ତ ଅଧ୍ୟାୟ। ସମଗ୍ର ଶ୍ରମିକ ଶ୍ରେଣୀ ପାଇଁ ଏକ ଅଭିଶପ୍ତ କଳଙ୍କ କାଳିମାଘେରା ଅସରନ୍ତି କାହାଣୀ। ସମୟ ଉନବିଂଶ ଶତାବ୍ଦୀର ମଧ୍ୟଭାଗ ୟୁରୋପ ଓ ଆମେରିକାର ପୁଂଜିପତି ମାଲିକ ମାନେ କଳ କାରଖାନାରେ କାମ କରୁଥିବା ଶ୍ରମିକ ମାନଙ୍କୁ ଅତ୍ୟନ୍ତ ନିର୍ମମ ଭାବରେ ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କିମ୍ବା ତା ଠାରୁ ଅଧିକ ସମୟ ପର୍ଯ୍ୟନ୍ତ କଠୋର ଶ୍ରମ କରିବା ପାଇଁ ବାଧ କରୁଥିଲେ। ଏପରିକି ନିରୀହ ଶ୍ରମିକ ମାନେ ଦିନର ସୂର୍ଯ୍ୟାଲୋକରେ ନିଜର ପ୍ରିୟତମା ପତ୍ନୀ କିମ୍ବା ସନ୍ତାନ ମାନଙ୍କର ମୁଖ ଦର୍ଶନରୁ ବଂଚିତ ହେଉଥିଲେ। ଶ୍ରମିକ ମାନଙ୍କର କଷ୍ଟ ଅର୍ଜିତ ମୂଲ୍ୟକୁ ଲୁଣ୍ଠନ କରି ପୁଂଜିପତି ମାଲିକ ମାନେ ଆୟସରେ ଦିନ କାଟୁଥିଲେ। 'ଖଟ ଆହୁରି ଖଟ' ରକ୍ତକୁ ପାଣି କରି କାମ କରିବା ଥିଲା ମାଲିକ ମାନଙ୍କର ଏକନିଷ୍ଠ ସ୍ଲୋଗାନ। କଠୋର ପରିଶ୍ରମ ସାଙ୍ଗକୁ ମାଲିକ ମାନଙ୍କର ଅତ୍ୟାଚାର ଶ୍ରମିକ ମାନଙ୍କର ସମସ୍ତ ଜୀବନକୁ ଦୁର୍ବିସହ କରି ପକାଇଲା। ମଇ ମାସ ୧ ତାରିଖ, ୧୮୮୬ ମସିହା ଯାହା ଶ୍ରମିକ ଜୀବନର ଏକ ମହାନ ସ୍ମରଣୀୟ ଦିବସ। ଏକ ମାଇଲ ଖୁଂଟ। ଯେଉଁଦିନ ସମସ୍ତ ବାଧାବିଘ୍ନକୁ ପଛକରି ସମସ୍ତ ପରଂପରାକୁ ଭଙ୍ଗ କରି ଶ୍ରମିକ ମାନେ ପ୍ରଚଳିତ ଅମାନୁଷିକ, ଅକଥନୀୟ, ନିର୍ମମ ଅତ୍ୟାଚାରର ପ୍ରତିବାଦରେ ଧର୍ମଘଟର ଡାକରା ଦେଲେ। ସେମାନଙ୍କର ମୂଖ୍ୟ ଦାବି ହେଲା ୮ ଘଂଟା ଶ୍ରମ ଦିବସ, ଅଧିକ ମଜୁରୀ, ପୁଣି ଶ୍ରମିକ ଅବସ୍ଥାର ଉନ୍ନତି।

ପ୍ରତ୍ୟେକ ଶ୍ରମିକ ସ୍ୱରକୁ ସ୍ୱର ମିଶାଇ ସେମାନଙ୍କର ଦାବିକୁ ଜଣାଇଲେ। କିନ୍ତୁ ପୁଂଜିପତି ମାଲିକମାନେ ଶ୍ରମିକ ମାନଙ୍କର ଦାବିକୁ ଅଗ୍ରାହ୍ୟ କଲେ ଏବଂ ଆରମ୍ଭ କରିଦେଲେ ଦମନଲୀଳା। ହଜାର ହଜାର ଶ୍ରମିକ ଛଟେଇ ହେଲେ। ନେତାମାନେ ମଧ୍ୟ ଗିରଫ ହେଲେ। ଖାଲି ସେତିକି ନୁହେଁ, ଅନ୍ୟ ଉପାୟ ନ ପାଇ ପୋଲିସର ସହାୟତା ନେଲେ। ସେହି ଧର୍ମଘଟରେ ଆମେରିକାର ଛଅ ଲକ୍ଷ ଶ୍ରମିକ ଅଂଶ ଗ୍ରହଣ କରିଥିଲେ। ଚିକାଗୋ ସହରର ସାଢ଼େ ତିନି ଲକ୍ଷ ଶ୍ରମିକ ଅଂଶ ଗ୍ରହଣ କରିଥିଲେ। ଚିକାଗୋ ଟ୍ରେଡ୍ ୟୁନିଅନ ବାମପନ୍ଥୀ ଆନାର୍କୋ ସିଣ୍ଡିକାଲିଷ୍ଟ କମ୍ପାନୀ ନେତୃତ୍ୱରେ ଥିବାରୁ ସେମାନେ ଅଧିକ ଶକ୍ତିଶାଳୀ ହେଲେ। ସବୁଆଡେ ଧର୍ମଘଟ ଅଭୁତପୂର୍ବ ଭାବେ ସଫଳତା ଲାଭ କଲା। ମାଲିକ ମାନଙ୍କର ସମସ୍ତ ଦମନ ଲୀଳା ସତ୍ତ୍ୱେ ଶ୍ରମିକ ମାନଙ୍କୁ ଧର୍ମଘଟରୁ ନିବୃତ୍ତ କରିବାରେ ଅସଫଳ ହୋଇ ଶ୍ରମିକ ତଥା ନେତା ମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାର କଲେ। ମେ ୩ ତାରିଖରେ ମ୍ୟାକ୍ କର୍ମିକ ହାରଭେଷ୍ଟିଂ କମ୍ପାନୀର ୭ ଜଣ ଶ୍ରମିକଙ୍କୁ ହତ୍ୟା କରାଗଲା। ସେହି ହତ୍ୟାକାଣ୍ଡ ନିଆଁରେ ଘିଅ ଢ଼ାଳିଲା ପରି ଆନ୍ଦୋଳନକୁ ତୀବ୍ରତର କରିଦେଲା। ଶ୍ରମିକ ମାନେ ଏକତ୍ର ହୋଇ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା ଆରମ୍ଭ କଲେ 'ହେ ମାର୍କେଟ ସ୍କୋୟାର' ଠାରେ। ସଭାକାର୍ଯ୍ୟ ଚାଲିଥିଲା ବେଳେ ଏକ ବୋମା ପଡିବା ଫଳରେ ୭ ଜଣ ପୋଲିସ କର୍ମଚାରୀ ସମେତ କେତେକ ଶ୍ରମିକଙ୍କର ମଧ୍ୟ ମୃତ୍ୟୁ ହେଲା। ପୋଲିସ କର୍ମଚାରୀ ମାନଙ୍କର ମୃତ୍ୟୁରେ ପୋଲିସ ବାହିନୀ ଅତ୍ୟନ୍ତ ଉତ୍ୟକ୍ତ ହୋଇ ଆଖିବୁଜା ଗୁଳି ବର୍ଷଣ କରିବା ଫଳରେ ରକ୍ତ ରଂଜିତ ହେଲା ହେ ସ୍କୋୟାର ଶ୍ରମିକ ମାନଙ୍କର ତାଜା ରକ୍ତରେ। ଆଉ ସେହି ରକ୍ତଭିଜା ଶ୍ରମିକଙ୍କର ପୋଷାକରୁ ଜନ୍ମ ନେଲା ଆଜିର ଲାଲଝଣ୍ଡା ବା ଲାଲ ପତାକା- ଶ୍ରମିକ ମାନଙ୍କର ମୁକ୍ତି ନିଶାଣ ମଇ ଦିବସ ବା ଶ୍ରମିକ ଦିବସ।

ଶ୍ରମିକ ଦିବସ ଶ୍ରମିକ ମାନଙ୍କୁ ୮ ଘଂଟା ଶ୍ରମ ଦାନ ନିମନ୍ତେ ପାଳନ କରିବାର ଏକ ସୂତ୍ର ଥିଲା। ଯେଉଁଠି ଶ୍ରମିକ ମାନେ ୧୦ ରୁ ୧୬ ଘଂଟା କାମ କରି ବିପଦ ସଂକୁଳ ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ ରହୁଥିଲେ ମୃତ୍ୟୁ, ଦୁର୍ଘଟଣା ଜନିତ କ୍ଷତି ପୂରଣ ଏବଂ ଜୀବନ ହାନୀ ଘଟିବା ପରି ପରିସ୍ଥିତି ପାଇଁ ଶ୍ରମିକ ମାନେ ସମଗ୍ର ବିଶ୍ୱରେ ୮ ଘଂଟା ଶ୍ରମଦାନ ପାଇଁ ଘୋଷଣା କଲେ। ପୁରୁଷ, ସ୍ତ୍ରୀ ସର୍ବୋପରି ଶିଶୁମାନେ ଯେଉଁମାନେ ବିପଦ ସଂକୁଳ ଶିଳ୍ପାୟନରେ କାମ କରୁଥିଲେ ସେମାନେ ମଧ୍ୟ ୮ ଘଂଟା ପରିଶ୍ରମ ପାଇଁ ସ୍ୱର ଉତୋଳନ କରିଥିଲେ ଫଳରେ ଆମେରିକାନ ଫେଡରେସନ ରିପବ୍ଲିକ ଗୋଟିଏ ବୈଠକରେ ଘୋଷଣା କଲେ ହେ ମାର୍କେଟରେ ସୃଷ୍ଟି ଶ୍ରମିକ ବିଦ୍ରୋହର ବର୍ତ୍ତମାନ ଓ ଅନାଗତ ଭବିଷ୍ୟତ ପାଇଁ ଶ୍ରମିକ ମାନଙ୍କର ଦାବୀର ସୂତ୍ରପାତ କରାଗଲା। ୧୮୮୬ ମଇ ପହିଲାର ଏହି ବିଦ୍ରୋହ ଶ୍ରମିକ ମାନଙ୍କର ସର୍ବପ୍ରଥମ ପଦକ୍ଷେପ ନୁହେଁ ତାହା କେବଳ ସଂଗଠିତ, ସୁପରିଚାଳିତ ତଥା ସୁପରିକଳ୍ପିତ ପ୍ରଥମ ବିଦ୍ରୋହ। କାର୍ଲମାକ୍ସ ତାଙ୍କର ଅନବଦ୍ୟ କମ୍ୟୁନିଷ୍ଟ ମ୍ୟାନିଫେଷ୍ଟୋ ବିଶ୍ୱର ସକଳ ନିର୍ଯ୍ୟାତିତ ସର୍ବହରା ଶ୍ରମିକ ମାନଙ୍କୁ ଡାକରା ଦେଇଥିଲେ। 'ବିଶ୍ୱର ଶ୍ରମଜୀବୀ ଶ୍ରେଣୀ ଏକଜୁଟ ହୁଅ। ବନ୍ଧନର ଶିକୁଳି ଛିଡାଇବା ବ୍ୟତୀତ ହରାଇବାକୁ ତୁମର ଅନ୍ୟ କିଛି ନାହିଁ। ତୁମକୁ ଏହି ବିଶ୍ୱକୁ କରାଗତ କରିବାକୁ ହେବ'। ମାର୍କସ ତାଙ୍କର ମହାନ୍ ଗ୍ରନ୍ଥ କ୍ୟାପିଟାଲ ରେ ଲେଖିଲେ ଥିଓରି ଅଫ୍ ସରପ୍ଲସ ଭ୍ୟାଲୁ ତାହାକୁ ଆଧାର କରି ସାରା ବିଶ୍ୱର ଶ୍ରମିକ ଶ୍ରେଣୀ ଅଧିକ ମଜୁରୀ ପାଇଁ ଉତ୍ପାଦନ ସମ୍ପର୍କରେ ଉନ୍ନତି ଆଣିବା ପାଇଁ ସର୍ବୋପରି ୧୫ ରୁ ୧୬ ଘଂଟା କାର୍ଯ୍ୟ କରିବା ପରିବର୍ତ୍ତେ ଦୈନିକ ୮ ଘଂଟା ପରିଶ୍ରମ କରିବା ପାଇଁ ଦାବୀ ଉଠାଇଲେ।

ପ୍ରତିବର୍ଷ ମଇ ମାସ ୧ ତାରିଖକୁ ଆନ୍ତର୍ଜାତିକ ଶ୍ରମିକ ଦିବସ ଭାବେ ପାଳନ କରାଯାଏ। ୧୮୮୮ ମସିହା ମଇ ମାସ ୧ ତାରିଖ ଦିନ ବିଶ୍ୱରେ ପ୍ରଥମ ଶ୍ରମିକ ଦିବସ ପାଳନ କରା ଯାଇଥିଲା। ଏହି ଦିବସ ପ୍ରଥମେ ଆମେରିକାର ଚିକାଗୋ ସହରରେ ପାଳିତ ହୋଇଥିଲା। ଏହି ଦିବସର ପ୍ରଥମ ଉଦ୍ଦେଶ୍ୟ ଥିଲା ସମସ୍ତ ଶ୍ରମିକ ଏକଜୁଟ ହେବା, ନିଜର ସ୍ୱାର୍ଥ ଓ ସମୃଦ୍ଧି ପାଇଁ ମିଳିତ ଭାବେ ସଂଗ୍ରାମ କରିବା, ନିଜର ସମୃଦ୍ଧି ସହିତ ଅନୁଷ୍ଠାନର ସମୃଦ୍ଧି କରିବା ଥିଲା ଏହି ଦିବସର ମୂଖ୍ୟ ଲକ୍ଷ୍ୟ। କିମ୍ବଦନ୍ତୀ ଅନୁସାରେ ଆମେରିକାର ଶ୍ରମିକ ମାନେ ପ୍ରତିଦିନ ୮ ଘଂଟା କାର୍ଯ୍ୟ କରିବା ପାଇଁ ସରକାରଙ୍କ ଆଗରେ ଦାବି ଉପସ୍ଥାପନ କରି ଆସୁଥିଲେ। ସେମାନଙ୍କର ଏହି ଦାବୀକୁ ଆମେରିକା ସରକାର ୧୮୮୮ ମସିହା ମେ ୧ ରେ ପୂରଣ କରିଥିଲେ। ଏଣୁ ଏହି ଦିନକୁ ମନେ ରଖିବା ପାଇଁ ପ୍ରତିବର୍ଷ ଶ୍ରମିକ ଦିବସ ପାଳନ କରାଯାଉଅଛି। ୧୮୮୯ ମସିହାରେ ପ୍ୟାରିସରେ ମେ ୧ ତାରିଖକୁ ଶ୍ରମିକ ଦିବସ ପାଳନ ପାଇଁ ନିଷ୍ପତି ନେଲେ। ୧୮୯୦ ମସିହାରୁ ଏହି ଦିବସକୁ ବିଶ୍ୱ ଶ୍ରମିକ ଦିବସ ରୂପେ ପାଳନ କରାଯାଉଛି। ସେଦିନ ଠାରୁ ବିଶ୍ୱର କୋଣ ଅନୁକୋଣରେ ଶ୍ରମିକଙ୍କ ନ୍ୟାୟୋଚିତ ଦାବି ହାସଲ ପାଇଁ ଅନେକ ସଂଘର୍ଷ ଘଟିଛି ଓ ଅନେକ ଶହୀଦ ହୋଇଛନ୍ତି ସେମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବା ଏହି ଦିବସର ତାତ୍ପର୍ଯ୍ୟ।

ଆମ ଦେଶରେ ୧୯୨୩ ମସିହା ଠାରୁ ଏହି ଦିବସ ପାଳିତ ହୋଇ ଆସୁଅଛି। ସେହି ଦିନ ଠାରୁ ଏହି ଦିବସକୁ ଆନ୍ତର୍ଜାତିକ ଶ୍ରମିକ ଦିବସ ରୂପେ ପାଳନ କରା ଯାଉଅଛି। ଶ୍ରମିକ ମାନଙ୍କର ସାର୍ବଜନୀନ ସୁବିଧା ଯୋଗାଇଦେବା ଏବଂ ଶ୍ରମିକ ମାନଙ୍କର କଥା ଶୁଣିବା ଏହି ଦିବସ ପାଳନର ଲକ୍ଷ୍ୟ। ଶ୍ରମିକ ମାନଙ୍କର ଏକତା ଓ ସୁରକ୍ଷା ପ୍ରତି ଧ୍ୟାନ ଦେବା, ସଚେତନତା ରକ୍ଷା କରିବା ସହିତ ପ୍ରତ୍ୟେକ ଶ୍ରମିକ ମାନଙ୍କୁ ସ୍ୱାଧୀନ ଅଧିକାର ଦେବା ହେଉଛି ଏହି ଦିବସର ଲକ୍ଷ୍ୟ। ମାର୍ଟିନ ଲୁଥର କିଙ୍ଗ ଜୁନିଅର ଙ୍କ ମତରେ ଶ୍ରମିକ ମାନେ ମାନବ ଜାତିର କଲ୍ୟାଣ କରନ୍ତି ସେମାନଙ୍କର ଯନ୍ତ୍ରଣାହୀନ ଜୀବନ ଜିଇଁବାପାଇଁ ଗୁରୁତ୍ୱ ଏବଂ ମହତ୍ୱ ରହିଛି। ହେନରୀ ଜର୍ଜ ଙ୍କ ମତରେ- ସାରା ବିଶ୍ୱରେ ଖୁବ୍ କମ ଦରମା ପାଉଥିବା ଶ୍ରମିକ ହେଉଛନ୍ତି ଦରିଦ୍ର ଶ୍ରମିକ। ସାଧାରଣତଃ ଦିନ ମଜୁରିଆ ପରିବାରର ଶିଶୁ ମାନେ ଶ୍ରମିକ ରୂପେ କାର୍ଯ୍ୟ କରି ଥାନ୍ତି। ଶିଶୁ ଶ୍ରମିକ ମାନଙ୍କର ନିରାକରଣ ପାଇଁ ସରକାରୀ ସ୍ତରରେ ପ୍ରଯତ୍ନ ହେବା ଜରୁରୀ। ମଜୁରିଆଙ୍କୁ ପ୍ରତ୍ୟେହ କାର୍ଯ୍ୟ ଦେଇ ସେମାନଙ୍କର ଆର୍ଥିକ ମାନଦଣ୍ଡକୁ ସ୍ୱଛଳ କଲେ, ଆଇନକୁ କଡାକଡି କଲେ, ଜନ ସାଧାରଣଙ୍କ ଗଣତାନ୍ତ୍ରିକ ଅଧିକାରକୁ ସମ୍ମାନ ଦେଲେ ଶ୍ରମିକ ମାନଙ୍କର ସ୍ଥିତି ସୁଧୁରିଯିବ। ସମାଜ ବିଜ୍ଞାନୀଙ୍କ ଦୃଷ୍ଟିରେ ବନ୍ଦ ଓ ଧର୍ମଘଟର ଯେଉଁସବୁ ସାଧାରଣ କାରଣ ରହିଛି ତାହାର ସୂଚନା ଅନୁସାରେ-୧. ଉଭୟେ ସରକାରୀ ଏବଂ ବେସରକାରୀ କର୍ମଚାରୀ ମାନଙ୍କର ବେତନ ହାରରେ ତାରତମ୍ୟ ଯୋଗୁଁ ଅସନ୍ତୋଷ ୨. ଟ୍ରେଡ ୟୁନିଅନ ବିବାଦ ୩. ତୁରନ୍ତ ନୂତନ ବେତନ ଲାଗୁ ହେବା ୪. ଶ୍ରମିକ ଓ କର୍ମଚାରୀଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ବିବାଦ ଏବଂ ବିପ୍ଲବ ୫. ଉପରିସ୍ଥ ପଦାଧିକାରୀ ମାନଙ୍କର ଅଧସ୍ତନ କର୍ମଚାରୀଙ୍କ ପ୍ରତି ଦୁର୍ବ୍ୟବହାର୬. ନିଯୁକ୍ତିଦାତାଙ୍କ ଘରୋଇ ବା ଆପଣାର ଲୋକଙ୍କ ଦ୍ୱାରା ନିଯୁକ୍ତ ସ୍ୱଳ୍ପ ବେତନଭୋଗୀ କର୍ମଚାରୀ ମାନଙ୍କ ଉପରେ ଶାରୀରିକ ଅତ୍ୟାଚାର ୭. କର୍ମଚାରୀଙ୍କ ମହଙ୍ଗାଭତା, ଗ୍ରାଚ୍ୟୁଇଟି, ପେନ୍‌ସନ ଏବଂ ଅନ୍ୟାନ୍ୟ ସୁଯୋଗ ତଥା ସୁବିଧା ପ୍ରଦାନରେ ଘୋର ବିଳମ୍ବ ୮. ସରକାରୀ ଅଧିକାରୀ ଏବଂ କମ୍ପାନୀ ଅଧିକାରୀ ମାନଙ୍କର ଅଧସ୍ତନ କର୍ମଚାରୀ ବା ଶ୍ରମିକ ମାନଙ୍କ ପ୍ରତି ନ୍ୟାୟ ପ୍ରଦାନରେ ଟାଳଟୁଳ ନୀତି। ୯. ଉପରିସ୍ଥ ଅଧିକାରୀଙ୍କର ଆକ୍ରୋଶ ମୂଳକ ମନୋଭାବ। ଏସବୁ କାରଣର ନିରାକରଣ ବା ସଂଶୋଧନ କରିବା ନିମନ୍ତେ ସଂବିଧାନରେ ବ୍ୟବସ୍ଥା ରହିଛି। ବେଳେବେଳେ ଧନୀ ଏବଂ କ୍ଷମତାଶାଳୀ କମ୍ପାନୀ ମାନେ ଶକ୍ତିଶାଳୀ ଟ୍ରେଡ ୟୁନିଅନକୁ ଥରହର କରି ଦେଇଥାନ୍ତି। ଫଳରେ ଶ୍ରମିକ ଅଶାନ୍ତି ତେଜିଉଠେ ବନ୍ଦ ଓ ଧର୍ମଘଟ ହୁଏ। ଏହି ଧର୍ମଘଟ ଶିଳ୍ପ କାରଖାନା, ସରକାରୀ କଳର ବ୍ୟବସ୍ଥା ବିପକ୍ଷରେ ସେମାନଙ୍କର ଦାବି ହାସଲ ହେବା ନିମନ୍ତେ ଚାଲୁ ରହିଥାଏ। ଗଣତାନ୍ତ୍ରିକ ଆଇନ୍ ବଳରେ ସ୍ୱାଧୀନ ଚିନ୍ତାଧାରା ଏବଂ ମାନବିକ ଅଧିକାରର ଜୟ ହେଉଛି। ଜନ ପ୍ରତିଫଳିତ ରୂପ ଧାରଣ କରି ଶକ୍ତିଶାଳୀ ହୋଇ ଉଠୁଛି। ଭାରତରେ ବହୁ ପଛରେ କମ୍ୟୁନିଷ୍ଟ ଆନ୍ଦୋଳନ ମୁଣ୍ଡ ଟେକିଲା। କିନ୍ତୁ ମହାତ୍ମା ଗାନ୍ଧି ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯେ କି ପ୍ରଥମେ ହରତାଳ ଓ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଥିଲେ। ପ୍ରତ୍ୟେକ ମଣିଷ ଶ୍ରମିକ ହୁଅନ୍ତୁ କି କୃଷକ ଅବା ଦିନ ମଜୁରିଆ ସମସ୍ତଙ୍କର ନିଜ ରୁଚି ଅନୁଯାୟୀ ବଂଚିବାର ଅଧିକାର ରହିଛି ସାମାଜିକ ଜୀବ ଭାବେ ଅନ୍ୟର ରୁଚିବୋଧ ଓ ଇଚ୍ଛାକୁ ସମ୍ମାନ ଦେବା ମଣିଷର କର୍ତ୍ତବ୍ୟ। ମଇ ଦିବସ ସମସ୍ତ ମୁକ୍ତିକାମୀ ମାନବ ଜାତିର ଶାନ୍ତି ସମୃଦ୍ଧିର ଛୁଟୀ ଦିବସ। ଆସନ୍ତୁ ଏହି ଦିବସର ମହତ୍ୱ ବୁଝିବା ସମସ୍ତ ଶ୍ରମିକ ମାନଙ୍କର ଗୌରବମୟ ଏକତା ଓ ସଂଗ୍ରାମର ଇତିହାସକୁ ମନେ ପକାଇବା।

+ ଭୁବନେଶ୍ୱର, ୭୯୭୮୧୧୦୪୭୪

ସ୍ମୃ ତି ଶ ତ ଦ ଳ

୨୩୯

# ଯେବେ ତନ୍ଦ୍ରା ଆସିବ ଘେରି



ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସଂଗୀତର ସମ୍ମୋହନ ତଥା ସମ୍ବେଦନଶୀଳତା ମଣିଷର ମନ, ହୃଦୟ ତଥା ସମଗ୍ର ଶରୀରକୁ ଏକ ସ୍ୱର୍ଗୀୟ ଆନନ୍ଦରେ ଭରି ଦେଇଥାଏ। ମୃତ ସଂଜୀବନୀ ମନ୍ତ୍ର ଭଳି ଏହା ନିଷ୍ଫଳ ଶରୀରରେ ଜୀବନ ସଂଚାର କରେ। ଦୀପକ ରାଗରେ ପୁଣି କେତେବେଳେ ଅଗ୍ନି ସଂଚାର କରେ ତ ମେଘ ମହ୍ଲାର ରାଗରେ ଆଷାଢ, ଶ୍ରାବଣ ଓ ଭାଦ୍ରବର ଭୀରୁ ବର୍ଷା ଜଳରେ ସମସ୍ତଙ୍କୁ ଅନନ୍ୟ ଏକ ଶିହରଣରେ ଓଦା କରିଦିଏ। ସଂଗୀତକୁ ଯିଏ ଭଲପାଇଛି ତା ଭିତରେ ଥିବା ଅତୁଳନୀୟ ଶକ୍ତିକୁ, ଅଚିନ୍ତନୀୟ ମହନୀୟତାକୁ ମଧ୍ୟ ଚିହ୍ନିପାରିଛି, ତେବେ ସଂଗୀତର ଚମତ୍କାର ସ୍ୱର, ଭାବ, ଭାଷା, ରାଗ, ଲୟ, ତାଳ ଓ ଧ୍ୱନି ସହ ଲିରିକ୍ ବା ଗୀତିକବିତା ଖୁବ୍ ଅଙ୍ଗାଙ୍ଗୀ ଭାବେ ଜଡିତ। ଯେଉଁ ଗୀତିକବିତାର ଭାବ ଓ ଭାଷା ଯେତିକି ମନୋହର ଓ ମନୋମୁଗ୍ଧକର ସେଇ ସଂଗୀତଟି ହୋଇଥାଏ ସେତିକି ଶ୍ରୁତି ମଧୁର। ଏମିତିକି ପୁରୁଣା ହିନ୍ଦୀ ଓ ଓଡିଆ ଗୀତର ଲିରିକ୍ ଖୁବ୍ ସୁନ୍ଦର ଓ ଭାବଗର୍ଭକ ହୋଇଥାଏ। ଏମିତି ଗୋଟିଏ ଗୋଟିଏ ସୁନ୍ଦର ଲିରିକ୍ ଥିବା ସୁମଧୁର ଗୀତ ଗୁଡିକୁ ଦିନରାତି ଗୁଣ୍ ଗୁଣେଇବାକୁ ଇଚ୍ଛା ହୋଇଥାଏ।

ଠିକ୍ ଏହିଭଳି ସଂଗୀତ ଓ ସାହିତ୍ୟର ସୁନ୍ଦର ଯୁଗଳବନ୍ଦୀ ସ୍ୱରଟିଏ ଉତ୍ତାଳ ତରଙ୍ଗରେ ତରଙ୍ଗାୟିତ ହୋଇଥିଲା ସେଦିନ ଅନୁଗୁଳରେ ହୋଇଥିବା କବି ସମ୍ମିଳନୀରେ, ଯେଉଁ ଉତ୍ତାଳ ସ୍ୱରର ତୀକ୍ଷଣ ତରଙ୍ଗ ପ୍ରତିଧ୍ୱନିତ ହୋଇଥିଲା, ଗିରି, ବନ, ପାହାଡ ଅତିକ୍ରମ କରି ସୁଦୂର ଆକାଶର ଦିଗ୍‌ବଳୟରେ। ପ୍ରାୟ ପ୍ରତିବର୍ଷ ଅଲ ଇଣ୍ଡିଆ ରେଡିଓ ତରଫରୁ ଅଗଷ୍ଟ ୯ ତାରିଖ ଭାରତ ଛାଡ ଆନ୍ଦୋଳନ ଦିନ ସଂଧ୍ୟାବେଳେ ବିଭିନ୍ନ ଜିଲ୍ଲାରେ କବି ସମ୍ମିଳନୀ ହୋଇଥାଏ। ଥରଟିଏ ଅନୁଗୁଳରେ ନାଲକୋ ଓ ଅଲଇଣ୍ଡିଆ ରେଡିଓର ମିଳିତ ଆନୁକୁଲ୍ୟରେ କବି ସମ୍ମିଳନୀ ହୋଇଥିଲା। ମୋର ସୌଭାଗ୍ୟ ମୁଁ ପ୍ରାୟ ପ୍ରତିବର୍ଷ ଓଡିଶାର ବିଭିନ୍ନ ସ୍ଥାନକୁ ଯାଇ ଅଲ୍ଇଣ୍ଡିଆ ରେଡିଓ ଷ୍ଟେସନ ଦ୍ୱାରା ମନୋନୀତ ହୋଇ କବିତା ଆବୃତ୍ତି କରୁଥିଲି। ସେଥରକ ସନ୍ଧ୍ୟା ୭ଟା ବେଳକୁ ସମୟ ଧାର୍ଯ୍ୟ ହୋଇଥିଲା। ହଠାତ୍ ରେଡିଓ ଷ୍ଟେସନ୍‌ରୁ ଖବର ଆସିଲା- 'ଆଜ୍ଞା, ଆମ ଅନୁଷ୍ଠାନ ତରଫରୁ ଖୁବ୍ ସକାଳୁ ଗାଡି ବାହାରିବ, ନାଲ୍‌କୋକୁ, ସେଠି କବିମାନଙ୍କ ପାଇଁ ନାଲ୍‌କୋ ଗେଷ୍ଟ ହାଉସ୍ ବୁକ୍ ହୋଇଛି। ସେଠାରେ ପହଞ୍ଚି ଫ୍ରେସ୍ ଅପ୍ ହୋଇ ଚା ଓ ଜଳଖିଆ ଖାଇବେ, ତା ପରେ ଦିନ ୨ଟା ବେଳେ ଲଂଚ ଖାଇ ବିଶ୍ରାମ ନେବେ ଓ ସନ୍ଧ୍ୟାରେ ଚା ଖାଇ କବିତା ସଭାକୁ ଯିବେ। ଆପଣ ଆସିଲେ ସବୁ କବିଙ୍କୁ ନେଇ ଗାଡି ବାହାରିବ।'

ମୋ ମୁଣ୍ଡରେ ଚଡକ ପଡିଲା। ସେତେବେଳକୁ ୧୫-୨୦ ଜଣ ରୋଗୀ ବସିଛନ୍ତି। ବାଧ ହୋଇ କହିଲି, 'ଆଜ୍ଞା, ମୋର ସେ ସୌଭାଗ୍ୟ କାହିଁ? ଆପଣମାନେ ଯାଆନ୍ତୁ। ମୁଁ ମୋ ନିଜ ଗାଡିରେ ଯିବି। ଏପଟେ ଆସି ରମାରମଣଙ୍କୁ ଅନୁରୋଧ କଲି, ରୋଗୀ ଦେଖିସାରି ମତେ ଅନୁଗୁଳ ନେଇ ଯିବାକୁ, କିନ୍ତୁ ଦୀର୍ଘ ୩-୪ ଘଣ୍ଟାର ରାସ୍ତା, ସେ ତ ପ୍ରଥମେ ବିରକ୍ତ ହେଲେ, ମୁଁ କିନ୍ତୁ ଶୀଘ୍ର ଶୀଘ୍ର ରୋଗୀଙ୍କ କାମ ସାରି, ଲଂଚ ଖାଇ ବାହାରିଲି। ମୋ ଜୀବନରେ ବୋଧେ ବିଶ୍ରାମ ବା ରିଲାକସେସନ୍ ଠାକୁର ଲେଖିନାହାନ୍ତି, ତେଣୁ ସବୁ ଜିନିଷ ତରତରରେ ହେଉଛି। ଯାହେଉ ପ୍ରଭୁଙ୍କ କୃପାରୁ ରମାରମଣ ମତେ ଠିକ୍ ସମୟରେ ନାଲକୋ ଗେଷ୍ଟ ହାଉସରେ ପହଂଚାଇ ଦେଲେ। ଅଲଇଣ୍ଡିଆର ଡାଇରେକ୍ଟର ଓ ପ୍ରଯୋଜକ ଖୁବ୍ ଖୁସିହେଲେ କନ୍ତୁ ଗେଷ୍ଟ ହାଉସ ଭିତରକୁ ଯାଇ ମୁଁ ଆକାଶରୁ ଖସିପଡିଲି। ଏତେ ସୁନ୍ଦର ସାଜସଜ୍ଜା, ବିରାଟ ଅଡୋଟୋରିୟମ୍ ଓ ବିରାଟ ମଂଚ। ସଭାକାର୍ଯ୍ୟ ଆରମ୍ଭ ହେବା ଆଗରୁ ପ୍ରଦୀପ ପ୍ରଜ୍ୱଳନ ଏବଂ ସଂଗୀତ କାର୍ଯ୍ୟ 'ଦୀପଂ ଜ୍ୟୋତି ପରଂବ୍ରହ୍ମ, ଦୀପଂ ଜ୍ୟୋତି ଜନାର୍ଦ୍ଦନ' କାର୍ଯ୍ୟକ୍ରମ ମନକୁ ଛୁଇଁଗଲା। ତାପରେ ଆରମ୍ଭ ହେଲା କବିତା। ଗୋଟିଏ କବିତା ଆଗରୁ ତିନି ତିନୋଟି ମନଜୀଣା ସଂଗୀତ, ପୁରୁଣା ଗୀତିକାର, ମନଛୁଆଁ ସ୍ୱରରେ, ଆମ ସମସ୍ତଙ୍କର ଅତି ପ୍ରିୟ ଗୀତିକାର, ଗୁରୁକୃଷ୍ଣ ଗୋସ୍ୱାମୀ, ନାରାୟଣ ପ୍ରସାଦ ସିଂ ଓ ଜୀବନାନନ୍ଦ ପାଣିଙ୍କ ରଚନାରୁ ଗୀତ ଗାଇଥିଲେ। ସଂଗୀତ ପରେ ପରେ କବିମାନେ କବିତା ପଢୁଥିଲେ। ମୋର କବିତା ଆଗରୁ ଦୁଇ ଜଣ ସଂଗୀତଜ୍ଞ ଅତି ଲଳିତସ୍ୱରରେ ଜୀବନାନନ୍ଦ ପାଣିଙ୍କ ରଚନାରୁ ଗାଇଲେ 'ଝରିଯିବ ଯେବେ ବୟସର ଫୁଲ, ତନ୍ଦ୍ରା ଆସିବ ଘେରି, ତୋଳିନିଅ ବୁକେ, ଏଇ ଗୀତି ମମ, ନୟନେ ସ୍ୱପ୍ନ ଭରି,' ବାସ୍ ମୋ ଆଖିକୁ ସେଦିନ ସନ୍ଧ୍ୟାରେ ତନ୍ଦ୍ରା ଘେରି ଆସିଥିଲା ଓ ମୁଁ ତନ୍ଦ୍ରାଚ୍ଛନ୍ନ କଣ୍ଠରେ କବିତାଟି ଆବୃତ୍ତି କରିଥିଲି। କବିତା ପାଠ ପରେ ପରେ ସଭା ସରିଲା ଏବଂ ଆମେ କଟକ ଫେରି ଆସିଥିଲୁ। କିନ୍ତୁ ତନ୍ଦ୍ରାଚ୍ଛନ୍ନ ସେ ସଂଗୀତ ସେ କବିତା ଓ ସେ ସଂଧ୍ୟା ମତେ ତାର ସ୍ନେହରେ ଆଚ୍ଛନ୍ନ କରି ରଖିଥିବ ଚିରକାଳ। (କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ...(୫ମ ଭାଗ)

# ଶୁଖିଲା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ






ଅନୁସୃଜନ– ନମିତା ପାଇକରାୟ

(ପ୍ରଥମ ଖଣ୍ଡ)

### ମନମୋହନ

ମନମୋହନଙ୍କର ପ୍ରଗାଢ଼ ପ୍ରଭାବ ମୋ ଉପରେ ଥିଲା। ତାଙ୍କର ଗୋଟିଏ ଗୋଟିଏ କଥାକୁ ମୁଁ ଅନୁକରଣ କରିବା ପାଇଁ ଗର୍ବ ଅନୁଭବ କରୁଥିଲି। ମୋ ଚାଲିବା ଶୈଳୀ ତାଙ୍କ ପରି ହୋଇଯାଇଥିଲା। ମୁଁ ବି ତାଙ୍କ ପରି ମୁଣ୍ଡରେ ହାତ ପୁରେଇ ବାଳ ସାଉଁଳାଏ ଏପଟେ ସେପଟ ମୁହଁ କରି ଛାପ ପକାଏ। କଥା କଥାକେ ଢଗ ଢମାଳି କହେ ହସି ହସି। ମିଠା ଆଉ ଶାନ୍ତ ସ୍ୱରରେ ଠିକ ମନମୋହନଙ୍କ ପରି। ଘରେ ଦୁହେଁ ମିଶି ଯୋରଦାର କସରତ କରୁ। ପଂଝା ଲଢ଼େଇ କରିବା ମୋର ପ୍ରତିଦିନର ଅଭ୍ୟାସ ହୋଇ ସାରିଥାଏ। ଆଶାଠାରୁ ଅଧିକ ଭୋଜନ କରି ଲୋକଙ୍କୁ ଚମକାଇବା ମୋତେ ସବୁଠୁ ବେଶୀ ଖୁସିଲାଗେ। ବିଲେଇ କଣ୍ଟାରେ ଖେଳିବା ମୁଷ୍ଟି ମାରି ତାଲା ଭାଙ୍ଗିବା, ଇଟା ଥାକକୁ ମୁଷ୍ଟିରେ ଭାଙ୍ଗିବା। ଡାଳରୁ ଡାଳ ଲଟକି କି ଏ ଗଛରୁ ସେ ଗଛକୁ ଯିବା। ସବୁଥିରେ ମୁଁ ଓସ୍ତାଦ ହୋଇଯାଉଥାଏ। ମନମୋହନ ଯାହା ଯାହା କରୁଥିଲେ ମୁଁ ତାଙ୍କୁ ଅନୁସରଣ କରୁଥିଲି। ଏସବୁ କରି ମୋତେ ଅପାର ସନ୍ତୋଷ ମିଳୁଥିଲା। ଯେମିତି ଲାଗୁଥିଲା ମୁଁ ଅତ୍ୟନ୍ତ ବୁଦ୍ଧିମାନ, ପ୍ରଗତିଶୀଳ, ଦେଶଭକ୍ତ ଏବଂ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ। ଯେମିତି କୌଣସି ଶାପଗ୍ରସ୍ତ ଋଷି ଅନେକ ଯୁଗ ପରେ ଶାପମୁକ୍ତ ହୋଇ ମନୁଷ୍ୟ ଶରୀରରେ ଜନ୍ମ ହୋଇ ସ୍ୱଚ୍ଛନ୍ଦତାର ସହ ବିଚରଣ କରି ନିଜ ପ୍ରଭାବକୁ ପ୍ରସାର କରିବାରେ ଲାଗିଛନ୍ତି। ସେମିତି କିଛି ସ୍ମୃତି ଥିଲା। ମନମୋହନ ମୋତେ ଶାପମୁକ୍ତ କରିଦେଇଛନ୍ତି।

ମନମୋହନଙ୍କ ସାଙ୍ଗ ହେତୁ ସହରୀ ପିଲାଙ୍କ ସଙ୍ଗେ ମୋର ବି ଏବେ ଭଲ ଜମୁଥାଏ। କାହିଁକି ନା ତାଙ୍କ ସହିତ ଏବେ ମୁଁ ବହୁତ ସମୟ କାଟିଥାଏ। ସେ ଏବେ ମୋର ବହୁତ ଅଧିକ ଭଲମନ୍ଦ ଦାୟିତ୍ୱ ବୁଝୁ ଥାଆନ୍ତି। ତେଣୁ ତାଙ୍କର ଅନ୍ୟ ବନ୍ଧୁମାନେ ମୋତେ ବହୁତ ଖାତିର କରୁଥିଲେ। ମୋ ପାଖରେ ସେମିତି କିଛି ଅସାଧାରଣ କଥା ଥିଲା। ସେଇଥି ପାଇଁ ମନମୋହନ ପରି ଖ୍ୟାତି ସଂପନ୍ନ ବ୍ୟକ୍ତିତ୍ୱ ମୋତେ ନିଜର ଅତି ଆପଣାର ବନ୍ଧୁ ବୋଲି ସ୍ୱୀକାର କରିଥିଲେ। ଏ କଥା ସମସ୍ତେ ବୁଝୁଥିଲେ। ଅନେକ ଲୋକ ଯିଏ ମନମୋହନ ଓ ମୋ ଭାଇଙ୍କ ସାଙ୍ଗ ଥିଲେ ସେମାନେ ମୋ ସହ କଥା ହେବାକୁ ଗର୍ବ ଅନୁଭବ କରନ୍ତି। ଆଜିକାଲି ସେମାନେ ଆସି ଅନେକ ସମୟ କଥା ହୁଅନ୍ତି ଆଉ ଅନେକ ସମୟ ପର୍ଯ୍ୟନ୍ତ ପଂଝା ଲଢ଼ାଇ ଅଭ୍ୟାସ କରନ୍ତି। ସେମାନଙ୍କ ମଧ୍ୟରୁ ଉମାଶଙ୍କର ଓ ଯମୁନା ବିଶେଷ ଉଲ୍ଲେଖନୀୟ।

ରମାଶଙ୍କର ଲମ୍ବା ଓ ପତଳା ଶରୀରଧାରି ମଣିଷ। ସେମାନେ ମନମୋହନଙ୍କ ସହ ପଢୁଥିଲେ। ଆମରି ଘର ପାଖରେ ସେ ରହୁଥିଲେ। ତାଙ୍କ ଆଙ୍ଗୁଠି ଗୁଡ଼ିକ ବହୁତ ଲମ୍ବା ଲମ୍ବା, ମୋଟା ମୋଟା ଆଉ ନେଡି ବହୁତ ଶକ୍ତିଶାଳୀ। ସେ ଭାରି ସିଧାସାଧା ମଣିଷ ଥିଲେ। ରମାଶଙ୍କର ତାଙ୍କ ଜୀବନରେ କେବେ ବି ମାରପିଟ କରି ନଥିଲେ। କିନ୍ତୁ ସେ ମନମୋହନଙ୍କ ପରି ସଦାସର୍ବଦା କାହାକୁ ମାରପିଟ କରିବା, ତାଲା ଭାଙ୍ଗିବା ଆଉ କୌଣସି ଜାଗାରେ ଖାଇବା ପ୍ରତିଯୋଗିତାରେ ବିଜୟ ହାସଲ କରିଥିବା କଥା ଗପନ୍ତି। ସେ ବି ଦଣ୍ଡବୈଠକ ମାରନ୍ତି। ଇଟା ଠିଆ କରି ଆଙ୍ଗୁଠି ବଳରେ କସରତ କରନ୍ତି। ଯଦିଅ ଅନେକ ଥର ଅବାଗିଆ କି ପଡ଼ି ମୁହଁ କ୍ଷତିଗ୍ରସ୍ତ ହୋଇ ସାରିଛି। ତଥାପି ଏପରି ଚେଷ୍ଟା ସତ୍ତ୍ୱେ ତାଙ୍କ ଶରୀର ଆଶ୍ଚର୍ଯ୍ୟ ଜନକ ଭାବେ ଦୁର୍ବଳ ହୋଇ ଚାଲିଥାଏ। ତାଙ୍କର ଏଥିପାଇଁ ଧ୍ୟାନ ନଥିଲା। ମନମୋହନଙ୍କୁ ଛାଡ଼ି ଦେଲେ ପୃଥିବୀର ସବୁ ବ୍ୟକ୍ତିଙ୍କୁ ସେ ତୁଚ୍ଛ ଓ ନଗଣ୍ୟ ଦୃଷ୍ଟିରେ ଦେଖୁଥିଲେ।

ମନମୋହନଙ୍କ ସହ ମୋର ଘନିଷ୍ଠତା ବଢ଼ିଲା। ପରେ ତାଙ୍କର ମୋ ପ୍ରତି ଥିବା ଅସୂୟାଭାବ ସଂପୂର୍ଣ୍ଣ ଚାଲିଯାଇଥିଲା। ଏବଂ ମୋ ସହ ଗପ କରିବା ସହ ପଂଝା ଲଢ଼େଇ କରିବାକୁ ଭଲ ପାଇଲେ। ଶାରୀରିକ ଭାବେ ଏତେ ମୋଟା ନଥିଲେ ବି ମୋ ପଂଝାକୁ ଉପେକ୍ଷା କରି ହେବନି। ମୁଁ ଭାବୁଛି ରମାଶଙ୍କରଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ ଯେଉଁଦିନ ସେ ମୋ ସହ ପନ୍ଦରରୁ କୋଡ଼ିଏ ମିନିଟ୍ ପର୍ଯ୍ୟନ୍ତ ପଂଝା ଲଢ଼େଇ କରି ହାରିଗଲେ। କିନ୍ତୁ ସେ ତାଙ୍କ ପରାଜୟ କେବେ ସ୍ୱୀକାର କରି ନାହାନ୍ତି। ସେ ମୋ ସହ ପ୍ରତିଦିନ ପଂଝା ଲଢ଼େଇ କରୁଥିଲେ। ପ୍ରତିଦିନ ହାରୁଥିଲେ ତଥାପି ମୋତେ ସେ ଦୁର୍ବଳ ଭାବୁଥିଲେ। ତାଙ୍କର ଏ ପରାଜୟ ପାଇଁ ତାଙ୍କ ଗୋଟେ ସୁପରିଣାମ ମିଳିଲା। ଅବଶ୍ୟ ସିଏ ସାଧାରଣ ଥଣ୍ଡା କାଶରୁ ନେଇ ପ୍ରେମ ପରି ଗୁଢ଼ତମ ବିଷୟ ପର୍ଯ୍ୟନ୍ତ ଅବାଞ୍ଛନୀୟ ସ୍ୱଷ୍ଟବାଦିତା ସହ ମୋ ସହ କଥାବାର୍ତ୍ତା କଲେ।

ଯମୁନା ଭିନ୍ନ ପ୍ରକାରର ମଣିଷ ଥିଲେ। ସେ ବି ମନମୋହନ ସହ ପଢୁଥିଲେ। ପ୍ରାୟତଃ ତାଙ୍କରି ସହ ବୁଲୁଥାଏ। ସେ ଗେଡ଼ା ଥିଲେ କିନ୍ତୁ ମଜଭୁତ ଶରୀର ଥିଲା ତାଙ୍କର। କିନ୍ତୁ ତାଙ୍କ ବୁଦ୍ଧି ଓ ପଂଝା ଶରୀର ସହିତ ତୁଳନା କଲେ କମ୍ ମଜଭୁତ ଥିଲା। ତାଙ୍କର ସବୁ ବେଳେ ମନରେ ଅବଶୋଷ ରହୁଥାଏ କି ଯଦି ତାଙ୍କର ପଂଝା ମଜଭୁତ ହୋଇ ଥାଆନ୍ତା। ତାଙ୍କୁ ମଜଭୁତ କରିବା ପାଇଁ ସବୁ ପ୍ରକାର କୌଶଳ ସେ ପ୍ରୟୋଗ କରୁଥିଲେ। ଗୋଟିଏ ସପ୍ତାହ ପରେ ସେ ହାଲିଆ ହୋଇ ପଡୁଥିଲେ। ଆଉ ବିବ୍ରତିବ୍ୟସ୍ତ ହୋଇ ମୋ ପାଖକୁ ଆସୁଥିଲେ। ନିଃସଙ୍କୋଚରେ ମୋର ଆଙ୍ଗୁଠି ଭିତରେ ଆଙ୍ଗୁଠି ଛନ୍ଦୁ ଥିଲେ ପଂଝା ଲଢ଼ୁଥିଲେ। ପରାଜିତ ହୋଇ ଆତ୍ମ ସନ୍ତୋଷ ଲାଭ କରୁଥିଲେ। ସେଥିରେ ସେ ହତୋତ୍ସାହ ହେଉ ନଥିଲେ। ଛଅସାତ ଦିନ ପରେ ପୁଣି ଉପସ୍ଥିତ ହୋଇ ଯାଉଥିଲେ ରଣ ପ୍ରାଙ୍ଗଣରେ। ଯେମିତି ମଦୁଆ ଜାଣିଥିଲା କି ମଦ ପିଇବା ଖରାପ ଅଭ୍ୟାସ ତଥାପି ମଦ ପିଉଥିଲା। ସେମିତି ସେ ଜାଣିଥିଲେ ପରାଜୟ ତାଙ୍କର ନିଶ୍ଚିତ ତଥାପି ସେ ପଂଝା ଲଢ଼ୁଥିଲେ।

ଏମିତି କେତେ ଲୋକଙ୍କ ସହ ମୋର ପରିଚୟ ହୋଇ ସାରିଥିଲା। କିଛି ଲୋକଙ୍କ ଠାରୁ ମୁଁ ମଜଭୁତ ବି ଥିଲି। କିନ୍ତୁ ଏହା ମହତ୍ତ୍ୱପୂର୍ଣ୍ଣ ନଥିଲା।

ମହତ୍ତ୍ୱପୂର୍ଣ୍ଣ କଥା ଥିଲା କି ଛାତ୍ର ସମାଜରେ ମୋତେ ମାନ୍ୟତା ପ୍ରାପ୍ତ ହୋଇ ସାରିଥିଲା। ଏହାଦ୍ୱାରା ମୁଁ ବହୁତ ଖୁସି ଥିଲି। ମୋ ମନ ଗୁଡ଼ି ପରି ଉଡୁଥିଲା।

ତା'ପରଦିନ ମନମୋହନଙ୍କ କହିବା ଅନୁସାରେ ମୁଁ ତାଙ୍କ ପାଖକୁ ଗଲି। ତାଙ୍କ ଘରକୁ ଯିବା ଏଇଟା ମୋର ପ୍ରଥମ ଥିଲା। ତାଙ୍କ ଘର ଦୁଇ ମହଲା ପକ୍କା ଘର। ଘର ସାମନାରେ ଲୁହାର ଫାଟକ ଥିଲା। ଯାହାକୁ ଖୋଲି ଯିବା ପରେ ବଡ଼ ଅଗଣା ଆସେ। ଘର ବାହାର ପଟେ ଲମ୍ବା ବାରଣ୍ଡା ଥାଏ। ବାରଣ୍ଡାକୁ ଲାଗି ଦୁଇ ପଟେ ଦୁଇ ବଖରା ଘର ଥାଏ। ଡାହାଣ ପଟ ବଖରାରେ ମନମୋହନ ରହୁଥିଲେ।

ମୁଁ ସେ ଘର ପର୍ଯ୍ୟନ୍ତ ପହଞ୍ଚିଲା ବେଳକୁ ମନମୋହନ ଖଟ ଉପରେ ଗୋଟେ ରେଶମର ଚାଦର ବେକଯାକେ ଘୋଡ଼େଇ ହୋଇ ଶୋଇଥିଲେ। କବାଟ ସିଧା କାନ୍ଥ ଉପରେ ଗୋଟେ ବଡ଼ ସାଇଜର ବିବେକାନନ୍ଦଙ୍କ ଫଟୋ ଟଙ୍ଗା ହୋଇଥିଲା। ଖଟ ଗୋଟ ପାଖରେ ଦୁଇଟି ଇଟା ଥୁଆ ହୋଇଥିଲା। ଯା ଛଡ଼ା ଘର ଭିତରେ କିଛି ବି ନଥିଲା। ଘର ଭିତରେ ପୁରା ପରିଷ୍କାର ପରିଚ୍ଛନ୍ନ ଥିଲା।

ମୁଁ ପହଞ୍ଚିଲା ମାତ୍ରେ ସେ ଉଠି ପଡ଼ିଲେ। ମୋ ଆସିବା କେମିତି ଜାଣିଲେ ମୁଁ ଜାଣି ପାରିଲିନି। ସେ ରାଜକୀୟ ଠାଣିରେ ଉଠି ଠିଆ ହେଲେ। ତାଙ୍କ ଦେହରେ କେବଳ ଗୋଟିଏ ସବୁଜ ଲୁଙ୍ଗି ଥିଲା। ଉଠିଲା ମାତ୍ରେ ସେ ଭିତରକୁ ଗଲେ ତୁରନ୍ତ ମୁହଁ ହାତ ଧୋଇ ବାହାରକୁ ବାହାରି ଆସିଲେ। ସାଙ୍ଗେ ସାଙ୍ଗେ ସେ ଲୁଙ୍ଗି ଖୋଲି ଖଟ ଉପରେ ରଖିଲେ। ତାଙ୍କ ଦେହରେ କେବଳ କୌପିନି ଥିଲା। ସିଧା ଠିଆ ହୋଇ ଥରେ ଡାହାଣକୁ ଥରେ ବାଁକୁ ନିଜ ଶରୀରକୁ ଅଦ୍ଭୁତ ଢ଼ଙ୍ଗରେ ମାରିଲେ ଏବଂ ତଳକୁ ଝୁଙ୍କି ଦୁଇଟି ଇଟା ଉପରେ ହାତ ରଖି ଦଣ୍ଡ ବୈଠକ ମାରିବାକୁ ଲାଗିଲେ। ମୋ ନମସ୍କାରର ପ୍ରତି ନମସ୍କାର ମୁଣ୍ଡକୁ ହଲେଇକି ଦବା ଛଡ଼ା ଏ ପର୍ଯ୍ୟନ୍ତ ସେ ମୋ ସହ ଗୋଟିଏ ବି ଶବ୍ଦ କଥାବାର୍ତ୍ତା କରି ନଥିଲେ। ତାଙ୍କର ଏଭଳି କ୍ରିୟା କଳାପ ଦେଖି ମୁଁ ଜାଣିସାରି ଥିଲି କି ଅତ୍ୟନ୍ତ ଗୁପ୍ତ ଓ ମହତ୍ତ୍ୱପୂର୍ଣ୍ଣ କାମ କରିବାର ଅବସର ଆସିଗଲା।

ମୁଁ ଆଶ୍ଚର୍ଯ୍ୟ ଓ କିଛି ଶ୍ରଦ୍ଧା ସହ ତାଙ୍କୁ ଚୁପ୍‌ଚାପ ଦେଖୁଥିଲି। ତାଙ୍କ ଶରୀର କେତେ ସୁସ୍ଥ ଓ ସୁନ୍ଦର ଥିଲା। ମୋ ହୃଦୟରେ ତାଙ୍କ ପ୍ରତି ଗୋଟେ ବିଚିତ୍ର ଓ ଅସ୍ୱଷ୍ଟ ଈର୍ଷାର ଭାବ ଉତ୍ପନ୍ନ ହେଲା। ସେ ଲଗାତର ଦଣ୍ଡ ମାରି ଚାଲିଥାନ୍ତି। ପ୍ରାୟତଃ ପଚାଶ ଷାଠିଏ ଦଣ୍ଡ ସେ ଇଟା ଉପରେ ହାତରେ ପଂଝା ରଖି ମାରି ଚାଲିଥାଆନ୍ତି। ତା' ପରେ ଆଙ୍ଗୁଠିର ଶକ୍ତି ଉପରେ ଦଣ୍ଡ ବୈଠକ ମାରି ଚାଲିଲେ। ପ୍ରାୟତଃ ଶହେ ଥର ହେବ ଦଣ୍ଡବୈଠକ ମାରି ସାରିଲା ପରେ ସିଧା ଠିଆ ହୋଇଗଲେ। ଲଲାଟରେ ଚମକୁ ଥିବା ଝାଳକୁ ହାତରେ ପୋଛିଲେ ଲୁଙ୍ଗି ନେଇ ଭିତରକୁ ପଳେଇଲେ।

ଏବେ ସେ ବାହାରକୁ ଆସିଲେ ଧୋତି ଆଉ କୁରତା ପିନ୍ଧି। ଆଉ ତାଙ୍କ ହାତରେ ଗୋଟେ ବଡ଼ କଂସା ଥିଲା।

କଂସାରେ ଅଧ କଂସା ଲହୁଣି ଥିଲା। ଖଟ ଉପରେ ବସି ପଡ଼ିଲେ ମୋତେ ପାଖକୁ ଡାକିଲେ। 'ଆ ଏଠିକୁ ଆ'। ଯେତେ ବେଳେ ମୁଁ ଆଗକୁ ଗଲି ସେ ମୋତେ ବସିବାକୁ କହିଲେ ଆଉ କହିଲେ, 'ନେ ଖା'। ପୁରା ନିର୍ବିକାର ସ୍ୱରରେ।

ଏହା ମୋ ପାଇଁ ପୁରା ଅତ୍ୟାଚାର ଥିଲା। କଥା କହିବା କି ବାରବାର ଚେଷ୍ଟା କରିବା ସତ୍ତ୍ୱେ ମୁଁ କ୍ଷୀର ପିଇବାକୁ ଭଲ ପାଇ ପାରିଲିନି। ରାବିଡ଼ି କି ଲହୁଣୀ ମୋର ପୁରା ଶତ୍ରୁ ଏବଂ ଯିଏ ଫଟାଫଟ ରାବିଡ଼ି ଲହୁଣୀ ଖାଇ ପାରୁଥିଲେ ମୁଁ ସେମାନଙ୍କୁ ଅଭଦ୍ର ବେହିୟା ଭାବୁଥିଲି।

'ଆପଣ ଖାଆନ୍ତୁ ମୋତେ ବିଲକୁଲ ପସନ୍ଦ ନାହିଁ। 'ମୁଁ ମୋର ଅସୁବିଧା ସବୁ ବତେଇଲି। 'ଖା ଖା' ସେ ସ୍ନେହ ପୂର୍ବକ ଗାଳି ଦେଲେ 'ଏମିତି କଣ କାମ ଚାଲିବ? ଭାତ ଡାଲି ତ ସମସ୍ତେ ଖାଉଛନ୍ତି। କିନ୍ତୁ ଏଥିରେ ଶରୀର ସୁଗଠିତ ହେବ।'

ମୁଁ ବେଶୀ ବିରୋଧ କରି ପାରିଲିନି। ଖାଇଲି, ଭାବିଲି ମୁଁ ଧିରେ ଧିରେ ଖାଇବି ସେ ଶିଘ୍ର ଶିଘ୍ର ଖାଇବେ। କିନ୍ତୁ ମନମୋହନ ବିଲକୁଲ ମାନିଲେନି। ବଡ଼ ଭାଇ ପରି ଗାଳି ଦେଇ ଦେଇ ସ୍ନେହ ପୂର୍ବକ ଭାବେ ମୋତେ ସବୁ ଖୁଆଇଲେ। ବାଧ କରି ମୋତେ ଖୁଆଇବାରୁ ମୋର ମନମୋହନଙ୍କ ପ୍ରତି ବହୁତ କ୍ରୋଧ ଆସିଲା। (କ୍ରମଶଃ)

♥ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

# ଆଜାଦୀ କା ଅମୃତ ମହୋତ୍ସବର ଅଂଶବିଶେଷ ଭାବେ ଓଡିଶାରେ ଆରଇସି ଦ୍ୱାରା 'ବିଜୁଳି ଉତ୍ସବ' ପାଳିତ

ଭୁବନେଶ୍ୱର, ୩୦/୦୪ (ନି.ପ୍ର): ସ୍ୱାଧୀନତାର ୭୫ତମ ବାର୍ଷିକ ଅବସରରେ ପାଳିତ ହେଉଥିବା ଆଜାଦି କି ଅମୃତ ମହୋତ୍ସବର ଅଂଶ ସ୍ୱରୂପ ଓଡିଶାରେ ଆରଇସି ଲିମିଟେଡ ପକ୍ଷରୁ 'ବିଜୁଳି ଉତ୍ସବ' ଆୟୋଜିତ ହୋଇଯାଇଛି । ଆରଇସି ଏକ ରାଷ୍ଟ୍ରାୟତ୍ତ କମ୍ପାନୀ ଏବଂ ଏହା ଶକ୍ତି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଛି । ଏହି ବିଜୁଳିଉତ୍ସବ ପୁରୀ ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ମାଳତୀପାଟପୁର ପଂଚାୟତର ଜାନକାଦେଇପୁର ଠାରେ ଗତକାଲି ଆୟୋଜିତ ହୋଇଥିଲା । ପୁରୀର ବିଧାନସଭା ସଦସ୍ୟ ଶ୍ରୀ ଜୟନ୍ତ କୁମାର ଷଡଙ୍ଗୀ, ପୁରୀ ସଦର ବ୍ଲକର ଅଧକ୍ଷ ଶ୍ରୀ ଦିବାକର ପାତ୍ର, ମାଳତୀପାଟପୁରର ସରପଞ୍ଚ ଶ୍ରୀ ମହେନ୍ଦ୍ର କୁମାର ମହାପାତ୍ର, ଟିପିସିଓଡିଏଲର କାର୍ଯ୍ୟ




ନିର୍ବାହୀ ଯନ୍ତ୍ରୀ ଶ୍ରୀ ଶିବପ୍ରସାଦ ସ୍ୱାଇଁ, ଅରଇସି ଓଡିଶାର ମୁଖ୍ୟ କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ବିଜୟ କୁମାର ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆରଇସି ଓ ଟିପିସିଓଡିଏଲ୍‌ର ଅଧିକାରୀଗଣ ଉପସ୍ଥିତ ଥିଲେ । ବିଧାୟକ ଶ୍ରୀ ଷଡଙ୍ଗୀ ତାଙ୍କ ଉଦ୍‌ବୋଧନରେ ବିଜୁଳିର ଆବଶ୍ୟକତା ଓ ଲାଭ ସମ୍ପର୍କରେ କହିବା ସହିତ ଏହା କିପରି ମଣିଷର ଜୀବନଧାରଣର ମାନ ବଢାଇବାରେ ସହାୟକ ହେଉଛି ତାହା ବୁଝାଇଥିଲେ । ଏହି ଅବସରରେ ସୌଭାଗ୍ୟ ଯୋଜନାର କେତେକ ହିତାଧିକାରୀଙ୍କୁ ମଂଚକୁ ନିମନ୍ତ୍ରଣ କରାଯାଇଥିଲା । ପ୍ରଧାନମନ୍ତ୍ରୀ ସହଜ ବିଜୁଳି ହରଘର ଯୋଜନା ବା ସୌଭାଗ୍ୟ ଯୋଜନାରେ ସେମାନେ କିପରି ଉପକୃତ ହୋଇଛନ୍ତି ସେ ବିଷୟରେ ସେମାନେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ଓଡିଶାର ଗ୍ରାମାଞ୍ଚଳରେ ବିଦ୍ୟୁତ୍‌କରଣ କାର୍ଯ୍ୟ କରିବା ସମୟରେ ସମ୍ମୁଖୀନ ହୋଇଥିବା ସମସ୍ୟା ଓ ଆହ୍ୱାନଗୁଡିକ ବିଷୟରେ ଆରଇସିର ମୁଖ୍ୟ କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ବିଜୟ କୁମାର ମହାନ୍ତି କହିଥିଲେ । ଗ୍ରାମବାସୀଙ୍କ ମନୋରଞ୍ଜନ ପାଇଁ ଏହି ଅବସରରେ ଓଡିଶୀ ଓ ଗୋଟିପୁଅ ନାଚ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସ୍କୁଲ ପିଲାମାନଙ୍କ ମଧ୍ୟରେ ମଧ୍ୟ ତର୍କ ଓ ପ୍ରବନ୍ଧ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ଏଲ୍‌ଇଡି ବଲ୍‌ବ ପୁରସ୍କାର ଆକାରରେ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଧିକ ଜନସମାଗମ ହୋଇଥିବାରୁ କୋଭିଡ ନିୟମ ପାଳନ କରାଯାଇଥିଲା । ସମସ୍ତେ ମାସ୍କ ପରିଧାନ କରିବା ସହିତ ଶାରୀରିକ ଦୂରତ୍ୱ ରକ୍ଷା କରିଥିଲେ । ଆୟୋଜକଙ୍କ ପକ୍ଷରୁ ସମସ୍ତଙ୍କୁ ମାସ୍କ ଯୋଗାଇ ଦିଆଯାଇଥିଲା । ଆରଇସି ଲିମିଟେଡ ସମ୍ପର୍କରେ:- ଆରଇସି ଲିମିଟେଡ ଏକ ଏନ୍‌ବିଏଫସି ବା ଏକ ଅଣବ୍ୟାଙ୍କିଙ୍ଗ୍ ଅର୍ଥ ଲଗାଣକାରୀ କମ୍ପାନୀ । ଏହା ଶକ୍ତି କ୍ଷେତ୍ରରେ ଅର୍ଥଲଗାଣ ଓ ବିକାଶ କାର୍ଯ୍ୟ ଭାରତରେ କରୁଛି । ୧୯୬୯ରେ ପ୍ରତିଷ୍ଠିତ ଏହି ସଂସ୍ଥା ଏ କ୍ଷେତ୍ରରେ ୫୦ବର୍ଷ ପୂରଣ କରିସାରିଲାଣି । ଏହା ରାଜ୍ୟ ବିଦ୍ୟୁତ ବୋର୍ଡ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶକ୍ତି ବିଷୟକ ସଂସ୍ଥା ଓ ଅନୁଷ୍ଠାନକୁ ଆର୍ଥିକ ସହାୟତା ଯୋଗାଇଥାଏ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଶ୍ରମିକଙ୍କ ମଜୁରୀ ବଢାଇଲେ....

କାର୍ଯ୍ୟରତ ଶ୍ରମିକଙ୍କ ନିମନ୍ତେ ଏହି ବର୍ଦ୍ଧିତ ମଜୁରୀ ଲାଗୁ ହେବ । ରାଜ୍ୟ ସର୍ବନିମ୍ନ ମଜୁରୀ ପରାମର୍ଶଦାତା ବୋର୍ଡର ସୁପାରିଶ୍ ଆଧାରରେ ଖାଉଟି ଦର ଇଣ୍ଡେକ୍ସକୁ ଦୃଷ୍ଟିରେ ରଖି ସବୁ ବର୍ଗର ଶ୍ରମିକମାନଙ୍କ ପାଇଁ ବର୍ଷକୁ ୨ଥର ସ୍ୱତନ୍ତ୍ର ଭତା ବୃଦ୍ଧିର ପ୍ରାବଧାନ ରହିଛି । ଏହି ସୁପାରିଶ ଅନ୍ତର୍ଗତ ରାଜ୍ୟ ଶ୍ରମ କମିଶନର ଏନ୍. ଥିରୁମାଳା ନାଏକଙ୍କ ଦ୍ୱାରା ଜାରି ବିଜ୍ଞପ୍ତି ଅନୁସାରେ, ଶ୍ରମିକମାନଙ୍କ ସ୍ୱତନ୍ତ୍ର ଭତା (ପରିବର୍ତ୍ତିତ ମହଙ୍ଗା ଭତା -ଭିଡିଏ)ରେ ଦୈନିକ ୧୧ଟଙ୍କା ବୃଦ୍ଧି କରାଯାଇଛି । ଏହା ୮୯ଟି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସବୁ ବର୍ଗର ଶ୍ରମିକଙ୍କ ନିମନ୍ତେ ଲାଗୁ ହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ।

### ପଟିଆଲା ହିଂସାର ପରେ....

ଓ ପ୍ରଶାସନ ମଧ୍ୟ ବୈଠକ ବସିଛି । ଘଟଣାକୁ ନେଇ ଶନିବାର ହିନ୍ଦୁ ସଂଗଠନ ପଟିଆଲରେ ବନ୍ଦ ଡାକରା ଦେଇଛି । ସେପଟେ ରାଷ୍ଟ୍ରୀୟ ସଂଖ୍ୟାଲଘୁ କମିଶନ ପଂଜାବ ସରକାରଙ୍କଠୁ ଘଟଣା ବାବଦରେ ଜବାବ ମାଗିଛନ୍ତି । ହିଂସା ଘଟଣାରେ ଆମ ଆଦମୀ ପାର୍ଟି କହିଛି ଯେ ଏହା ଦୁଇ ଗୋଷ୍ଠୀ ମଧ୍ୟରେ ନୁହେଁ ବଂର ଦୁଇ ରାଜନୈତିକ ଦଳର ଭିତର ସଂଘର୍ଷ ଥିଲା । ଘଟଣାକୁ ନେଇ ସବୁଠୁ ବଡ ପ୍ରଶ୍ନ ମଧ୍ୟ ଉଠୁଛି । ପଂଜାବରେ କେଉଁଠୁ ଏତେ ସଂଖ୍ୟକ ଖଲିସ୍ତାନୀ ସମର୍ଥକ ଆସିଲେ ? ହିଂସା ପଛରେ ଆତଙ୍କବାଦୀ ସମର୍ଥିତ ସଂଗଠନ ଶିଖ୍ ଫର ଜଷ୍ଟିସର ହାତ ରହିଛି କି ? ପଂଜାବର ମାହୋଲକୁ ଅଶାନ୍ତ କରିବା ପାଇଁ ଏହା ଏକ ଷଡଯନ୍ତ୍ର ଥିଲା କି ?

### ୬ ରେ ବାତ୍ୟା....

ମଧ୍ୟରେ ମୟୂରଭଂଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର , ରାୟଗଡା, ଗଜପତି, ଅନୁଗୁଳ, ଢେଙ୍କାନାଳ, ମାଲକାନଗିରି, କୋରାପୁଟ,ନବରଙ୍ଗପୁର, କନ୍ଧମାଳ ଓ ଗଂଜାମ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି । ଏହାସହ ସମୟ ସମୟରେ ଘଂଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିପାରେ । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

### ମେ ୨ରୁ ସକାଳ ୬ରୁ ....

ସେମାନେ ଏହି ପ୍ଲାନ୍ ଭିତରେ ଯିବେ । ସେହିଭଳି ନୂଆ ଆଡ୍‌ମିଶନ ନେଇଥିବା ଛାତ୍ରଛାତ୍ରୀ ବି ଏଥିରୁ ଉପକୃତ ହେବେ । କରୋନା ଯୋଗୁ ୨ ବର୍ଷ ଧରି ସ୍କୁଲ୍ ଗୁଡ଼ିକ ବନ୍ଦ ରହିଥିବାରୁ ପିଲାଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହୋଇଥିଲା । ଏଥିରୁ ପିଲାମାନେ ଯେଉଁ କ୍ଷତି ସହିତଛନ୍ତି ତାକୁ ପୂରଣ କରିବାକୁ ଓସେପା ପକ୍ଷରୁ ଏଲ୍‌ଆରପି ପ୍ରସ୍ତୁତ କରାଯାଇଛି । ଏଥିପାଇଁ ଚଳିତ ବର୍ଷ ଖରା ଛୁଟିକୁ ସଙ୍କୁଚିତ କରାଯାଇଛି । ଉଲ୍ଲେଖନୀୟ ଯେ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏପ୍ରିଲ୍ ୨୬ ତାରିଖରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମସ୍ତ ସ୍କୁଲ୍ କୁ ଏପ୍ରିଲ୍ ୩୦ ଅର୍ଥାତ୍ ଆଜି ପର୍ଯ୍ୟନ୍ତ ଛୁଟି ଘୋଷଣା କରିଥିଲା ।

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ....

ଧାର୍ଯ୍ୟ କରିଥିଲେ କୋର୍ଟ । ଏହାରି ଭିତରେ ନିର୍ମାଣ ସ୍ଥାନର ଏଏସଆଇ ଯୁଗ୍ମ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ପରେ ମାମଲାର ତ୍ୱରିତ ଶୁଣାଣି ପାଇଁ ଆବେଦନକାରୀ ଅନୁରୋଧ କରିବା ପରେ ପୁଣି ମେ ୯ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି । ଏହାର ୨ ଦିନ ପୂର୍ବରୁ ଅର୍ଥାତ ମେ ୭ ତାରିଖ ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି ।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ବିରୁଦ୍ଧରେ ମୟୁରଭଞ୍ଜ ମୁକ୍ତି ମୋର୍ଚ୍ଚାର ଦାବିପତ୍ର

ବାରିପଦା, ୩୦/୦୪ (ନି.ପ୍ର): ଆଜି ମୟୁରଭଞ୍ଜ ମୁକ୍ତି ମୋର୍ଚ୍ଚା ସଂଗଠନ ଜ଼ିଲ୍ଲା ସଭାପତି ଧରମରାଜ ହାଁସଦାଙ୍କ ନେତୃତ୍ୱ ରେ ଅତିରିକ୍ତ ଜ଼ିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତିଙ୍କୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ରୋଗୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବ୍ୟାଟେରୀ ଚାଳିତ ଗାଡି ଦୀର୍ଘ ଦିନ ହେଲା ଖରାପ ହୋଇ ପଡି ରହିଥିବାରୁ ତାର ମରାମତି କିମ୍ବା ନୂତନ ଗାଡି ହସ୍ପିଟାଲକୁ ପ୍ରଦାନ ନିମନ୍ତେ ଦାବି ପତ୍ର ପ୍ରଦାନ କରାଯାଇଛି । ସଂଗଠନର ଦାବି ମୁତାବକ ମୟୁରଭଞ୍ଜ ଜ଼ିଲ୍ଲାରେ ଦୀର୍ଘ ଦିନ ଆନ୍ଦୋଳନ ପରେ ମେଡିକାଲ କଲେଜ ସ୍ଥାପନ ହେଲା । ମାତ୍ର ବର୍ତମାନ ସୁଦ୍ଧା ଏଠାରେ ଉତମ ସେବା ମିଳିପାରୁ ନାହିଁ । ଦୀର୍ଘ ଦିନ ହେଲା ଗାଡିଟି ଖରାପ ଥିବାରୁ ରୋଗୀ ମାନେ ଯେ କୌଣଷି ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା ପାଇଁ ଟାଣ ଖରାରେ ଚାଲିକି ଯିବା ବା ଷ୍ଟ୍ରେଚର ରେ ବୋହିକି ନେବା ଦ୍ୱାରା ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ମାନେ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ମୟୁରଭଞ୍ଜ ମୁକ୍ତି ସଂଗଠନ ଜ଼ିଲ୍ଲା ସଭାପତି ଧରମରାଜ ହାଁସଦା ଦାବି କରିଛନ୍ତି । ଏହି ଦାବି ପତ୍ର ପ୍ରଦାନ ସମୟରେ ଜ଼ିଲ୍ଲା ସମ୍ପାଦକ ଗୌରାଙ୍ଗ ସୋରେନ, ଭୋଳାନାଥ ଟୁଡୁ, ସନେଲ ମୁର୍ମୁ, ବିଶ୍ୱଜିତ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

## ରିଚାର୍ଜ ପିଟ ଗୁଡିକରେ ନିମ୍ନମାନର ନନ୍ଦ : କର୍ତ୍ତୃ ପକ୍ଷ ଦୃଷ୍ଟି ଦେବାକୁ ଦାବି



ଜଳେଶ୍ୱର, ୩୦/୦୪ (ନି.ପ୍ର): ଜଳେଶ୍ୱର ବ୍ଲକ ଅଧୀନରେ ଥିବା ବିଭିନ୍ନ ପଂଚାୟତ ର ସରକାରୀ ଟିୟୁବେଲ ଗୁଡିକ ନିକଟରେ ରିଚାର୍ଜ ପିଟ (ସବ ପିଟ) ନିର୍ମାଣ କରାଯାଉଛି ଉକ୍ତ ପିଟ ଗୁଡିକ ରେ ନିମ୍ନ ମାନ ର ନନ୍ଦ ଲାଗୁଚି ବୋଲି ଅଭିଯୋଗ ହେଉଛି । ଏଠାରେ ପ୍ରକାଶ ଯୋଗ୍ୟ ଯେ କେ ଏମ ସାହି ପଂଚାୟତ ରେ ଅତି ନିମ୍ନ ମାନର ନନ୍ଦ ଏବଂ ତାର ଢାଙ୍କୁଣୀ ରେ କାର୍ଯ୍ୟ କରାଯାଉଛି । ଉକ୍ତ ରିଚାର୍ଜ ପିଟ ଗୁଡିକ ରେ ବାଲି ଭର୍ତ୍ତି କରି ବାର ନିୟମ ଥିଲେ ମଧ ବାଲି ଭର୍ତ୍ତି କରା ଯାଉ ନାହିଁ ବୋଲି ଅଭିଯୋଗ ହେଉଛି । ରିଚାର୍ଜ ପିଟ କାର୍ଯ୍ୟ ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦିଅନ୍ତୁ ବୋଲି ସାଧାରଣ ରେ ଦାବି ହେଉଛି ।

## ପ୍ରସନଜିତ୍ ମହାନ୍ତି ଏସସିବିର ନୂଆ ଡିନ୍

ଭୁବନେଶ୍ୱର, ୩୦/୦୪ (ନି.ପ୍ର): ବଦଳିଲେ କଟକ ଏସସିବି ଡିନ୍ । ପ୍ରଫେସର ଡା. ପ୍ରସନଜିତ୍ ମହାନ୍ତିଙ୍କୁ ଏସସିବିର ନୂତନ ଅଧ୍ୟକ୍ଷ ତଥା ଡିନ୍ ଭାବେ ନିଯୁକ୍ତି ଦିଆଯାଇଛି । ଅନ୍ୟାଦେଶ ପର୍ଯ୍ୟନ୍ତ ଡା. ମହାନ୍ତି ଏହି ଦାୟିତ୍ୱରେ ରହିବେ । ଡା. ମହାନ୍ତି ବର୍ତମାନ ଏସସିବିର ସ୍କିନ୍ ଭିଡି ବିଭାଗର ମୁଖ୍ୟ ଅଛନ୍ତି ।

## ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଜଳେଶ୍ୱର ୩୦/୪ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଲୁଡା ଗ୍ରାମରେ ଥିବା ଝଗଡେଶ୍ୱର ସଂସ୍କୃତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶିକାନ୍ତ ପ୍ରଧାନଙ୍କର ଆଜି ଅବସର ହୋଇ ଯାଇଛି । ଏଥି ଉପଲକ୍ଷେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଖୁଲୁଡା ମହାବିଦ୍ୟାଳର ପ୍ରଧାନ ଶିକ୍ଷକ ଡ. ଅଜିତ୍ କୁମାର ମହାନ୍ତି ଅଧ୍ୟକ୍ଷତା କରି ଶିକ୍ଷକ ଜୀବନର ଦିନଚର୍ଯ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ବିଷ୍ଣୁ ମୋହନ ମାଝି ଓ ମୁଖ୍ୟ ବକ୍ତା କୁମୁଦରଂଜନ ଜେନା ପ୍ରମୁଖ ଯୋଗ ଦେଇ ଶ୍ରୀଯୁକ୍ତ ପ୍ରଧାନଙ୍କର ନିଷ୍ଠାପରତା, ଛାତ୍ରବତ୍ସଳତା, ଆଦର୍ଶ ଶିକ୍ଷକ ଜୀବନ, ଆଚରଣ ଓ ଶିକ୍ଷାଦାନ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ତାଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ସେ ତାଙ୍କର ଶିକ୍ଷକତା ଜୀବନର ଅବିସ୍ମରଣୀୟ ଘଟଣା ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ହିରା ଟୁଡୁ, କୁମାର ରଂଜନ ଜେନା, ସିଆର୍‌ସିସି କୃଷ୍ଣଚନ୍ଦ୍ର ମାଝି, ଦୁର୍ଗା ଆଚାର୍ଯ୍ୟ, ସନ୍ଧିକ ଜେନା, ଅଜିତ୍ କରଣ, ସୂର୍ଯ୍ୟନାରାୟଣ ମହାନ୍ତି, ଉମାକାନ୍ତ ପ୍ରଧାନ, ସଂଧ୍ୟାରାଣୀ ମହାନ୍ତି, ଅନନ୍ତ ଧଳ, ଆଶାଲତା ଜେନା ପ୍ରମୁଖ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଟ୍ରାକ୍ଟର ଓଲଟି ଚାଳକ ମୃତ

ବାଲିଆପାଳ, ୩୦/୦୪ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ପାଳଚମ୍ପେଇ ଗ୍ରାମରେ ନଳକୂପ ସଫା କରି ଫେରୁଥିବା ବେଳେ କମ୍ପ୍ରେସର ଟ୍ରାକ୍ଟର ଓଲଟି ଚାଳକ ମୃତ୍ୟୁ ବରଣ କରିଛି । ମୃତ ଚାଳକ ଜଣକ ହେଲେ ଜଳେଶ୍ୱର ଥାନା କସିଦା ଗ୍ରାମର ବିଜୟ ଦାସ । ଘଟଣାର ପ୍ରକାଶ ବିଜୟ ଆଜି ପୂର୍ବାହ୍ନରେ ପାଳସାହି ଗ୍ରାମର ଏକ ନଳକୂପ କମ୍ପ୍ରେସର କରିବା ପାଇଁ ଆସିଥିଲେ । କମ୍ପ୍ରେସର ସାରି ଘରକୁ



ଫେରୁଥିବା ବେଳେ ବାଲିଆପାଳ ଥାନା ଅସ୍ତି ଗ୍ରାମପଂଚାୟତ ଅନ୍ତର୍ଗତ ସାନମଇଁଷାଡି ପାଳଚମ୍ପେଇ ରାସ୍ତାରେ ଥିବା ଏକ ୩ ଛକି ନିକଟରେ ରାସ୍ତା ଅଣଉସାରିଆ ଥିବା ଯୋଗୁଁ ଟ୍ରାକ୍ଟର ଟି ଓଲଟି ପଡିଥିଲା । ଚାଳକ ବିଜୟ ଚକ ତଳେ ରହିଯାଇଥିଲେ । ସେହି ସ୍ଥାନରେ କୌଣସି ଲୋକ ନଥିବାରୁ ବିଜୟଙ୍କୁ ଉଦ୍ଧାର କରିବା ବିଳମ୍ବ ହୋଇଥିଲା । ସ୍ଥାନୀୟ ଲୋକ ଖବର ପାଇ ବିଜୟଙ୍କୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବାଲିଆପାଳ ପୋଲିସ ଘଟଣାସ୍ଥଳରେ ପହଂଚି ଶବକୁ ଜବଦ କରିଛି ।

# ଓଡ଼ିଶା ସ୍ୱାଭିମାନ ପରିଷଦର ସଚେତନତା ଶୋଭାଯାତ୍ରା




ବସ୍ତା, ୩୦/୦୪ (ନି.ପ୍ର): ସଦର ବ୍ଲକ ଅଧୀନ ରୂପସାସ୍ଥିତ ଓଡ଼ିଶା ସ୍ୱାଭିମାନ ପରିଷଦ ଆନୁକୂଲ୍ୟରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ଭୂତତ୍ୱ ସ୍ନାତକୋତ୍ତର ବିଭାଗର ସହକାରୀ ପ୍ରାଧାପକ ଡ଼ଃ ଅସୀମ ଅମିତାଭ ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ରୂପସା ଥାନାର ଭାରପ୍ରାପ୍ତ ଅଧିକାରୀ ସୁଚନ୍ଦ୍ର ମହାଳିକ ଯୋଗଦେଇ ଏହି ସଚେତନତା ଶୋଭଯାତ୍ରାକୁ ଉଦଘାଟନ କରିବା ସହ ଓଡ଼ିଆ ଭାଷାର ସାମଗ୍ରିକ ବିକାଶ ନିମନ୍ତେ ପ୍ରତ୍ୟେକ ଓଡ଼ିଆ ବ୍ୟକ୍ତି ନିରବଚ୍ଛିନ୍ନ ଉଦ୍ୟମ କରିବା ବିଧେୟ ବୋଲି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଅଧାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଦେବା ସହ ଅତିଥି ପରିଚୟ ଦେଇଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଅଧାପକ ରବୀନ୍ଦ୍ର କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଚକ୍ରଧର ଆଚାର୍ଯ୍ୟ ବେଦ ପାଠ କରିଥିଲେ । ଗନ୍ଧମାର୍ଦ୍ଦନ ଦେହୁରୀ, ଗୋପାଳ ଚନ୍ଦ୍ର ସାହୁ, ଜିତେନ୍ଦ୍ର ନାଥ ପ୍ରଧାନ, ଜଗଦୀଶ ବେହେରା ଓ ବିନୟ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଶୋଭାଯାତ୍ରାରେ ସଦସ୍ୟ ମାନେ କସିପଦା ଶିବ ମନ୍ଦିର ଠାରୁ ଆରମ୍ଭ ହୋଇ ରୂପସା ଆର. ଆଇ. ଅଫିସପଲଖ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ । ରବୀନ୍ଦ୍ର କୁମାର ସେନାପତି, ଭିକାରୀ ଚରଣ ମିସ୍ତ୍ରୀ, ଗଛ ମଣିଷ ରବୀନ୍ଦ୍ର କୁମାର ବେହେରା, ଅଜୟ କୁମାର ପରିଡା, ରାମଚନ୍ଦ୍ର ବେହେରା, ବଂଶୀଧର ପଣ୍ଡା, ଅନ୍ତର୍ଯ୍ୟାମୀ ମହାପାତ୍ର, ସନ୍ତୋଷ କୁମାର ସାହୁ, ଦେବେନ୍ଦ୍ର ଆଚାର୍ଯ୍ୟ ଓ ଶୁଭାଶିଷ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କୃତଥିଲେ । ଶେଷରେ ଗନ୍ଧମାର୍ଦ୍ଦନ ଦେହୁରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟିଟିଲାଗଡରେ ୪୫ ଡିଗ୍ରୀ ଟପିଲା ତାପମାତ୍ରା

ଭୁବନେଶ୍ୱର, ୩୦/୦୪ (ନି.ପ୍ର): ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଶନିବାର ଟିଟିଲାଗଡ଼ରେ ତାପମାତ୍ରା ସର୍ବାଧିକ ୪୫.୫ ଡିଗ୍ରୀ ରେକର୍ଡ ହୋଇଛି । ଯାହାକି ଚଳିତ ଗ୍ରୀଷ୍ମ ଋତୁରେ ସର୍ବାଧିକ । ସେହିପରି ବୌଦ୍ଧରେ ତାପମାତ୍ରା କ୍ରମାଗତ ଭାବେ ତୃତୀୟ ଦିନ ପାଇଁ ୪୫ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି । ବଲାଙ୍ଗିରରେ ବି ୪୫ ଡିଗ୍ରୀ ତାପମାତ୍ରା ରହିଛି । ଆଜି ରାଜ୍ୟର ୨୧ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ଥିବାବେଳେ ୯ଟି ସ୍ଥାନରେ ୪୪ ଡିଗ୍ରୀ ଓ ୩ଟି ସ୍ଥାନରେ ୪୫ ଡିଗ୍ରୀ ସେଲସିୟସ ଉପରେ ରହିଛି । ରାଜ୍ୟ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ଝାରସୁଗୁଡ଼ାରେ ୪୪.୯, ସୋନପୁରରେ ୪୪.୭, ଅନୁଗୁଳରେ ୪୪.୫, ସମ୍ବଲପୁରରେ ୪୪.୩, ବରଗଡ଼ରେ ୪୪.୪ ଓ ସୁନ୍ଦରଗଡ଼ରେ ୪୪ , ହିରାକୁଦରେ ୪୩.୫ , ତାଳଚେରରେ ୪୨ .୭ ଡିଗ୍ରୀ ସେଲସିୟସ ରହିଛି । ଗୋପାଳପୁରରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୩୦.୮ ଡିଗ୍ରୀ ରେକର୍ଡ କରାଯାଇଛି । ରାଜଧାନୀ ଭୁବନେଶ୍ୱର ଓ କଟକରେ ଆଜି ତାପମାତ୍ରା ଅପେକ୍ଷାକୃତ କମ୍ ଥିଲେ ମଧ ଗୁଳିଗୁଳି ଅଧିକ ରହିଛି । ଭୁବନେଶ୍ୱରରେ ତାପମାତ୍ରା ୩୭.୮ ଡିଗ୍ରୀ ଓ କଟକରେ ୩୬.୮ ଡିଗ୍ରୀ ରେକର୍ଡ ହୋଇଛି । ଅନ୍ୟପକ୍ଷରେ ମିଳିଥିବା ସୂଚନା ଅନୁସାରେ, ମେ' ୪ ତାରିଖରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ୫ରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଆଣ୍ଡାମାନର ଦକ୍ଷିଣରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାଫଳରେ ମେ' ୬ରେ ଏହା ଅବପାତ ଓ ୭ରେ ବାତ୍ୟାର ରୂପ ନେଇପାରେ ।

# ଛଚିନା ଶିବ ମୁନି ଯୋଗାଶ୍ରମରେ ଯୋଗଶିକ୍ଷକ ସମ୍ମିଳନୀ

ମଥାନି, ୩୦/୦୪ (ନି.ପ୍ର): ଥିବା ୧୦ ଘଟିକା ସମୟରେ, ଛଚିନା ମୁନି ସମାଜର ଶାଖାରେ ଗୁଡିଖାଲ ଜୋନ୍ ଯୋଗ ଶିକ୍ଷକ ସମ୍ମିଳନୀ, ପ୍ରାନ୍ତିୟ ଅଧକ୍ଷ ଯୋଗାଚାର୍ଯ୍ୟ କମଳାକାନ୍ତ ପାଣିଗ୍ରାହିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉପସ୍ଥିତ ଯୋଗଶିକ୍ଷକ ମାନଙ୍କୁ କରୁଣାର ପ୍ରାଦୁର୍ଭାବକୁ ସମାଜର ଅବହେଳିତ ଲୋକମାନଙ୍କୁ ସୁରକ୍ଷା ଦେବା ନିମନ୍ତେ ଯଉଗିକ କାର୍ଯ୍ୟକ୍ରମର ଏକ ଶିକ୍ଷା ପ୍ରଦାନ କରାଯିବା ସହିତ ଉପସ୍ଥିତ ଯୋଗଶିକ୍ଷା/ଯୋଗଶିକ୍ଷିକା ମାନଙ୍କୁ ଶାଖା ମାଧମରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବାର କ୍‌ଉଶଳମାନ ସମ୍ପର୍କରେ ଦିଗ୍ ଦର୍ଶନମାନ ପ୍ରଦାନ କରାଯାଇ ଥିଲା । ଏଥିରେ ଜିଲ୍ଲା ସମ୍ପାଦକ,



ମୁନି ସମାଜରଜୋତି, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ ଯୋଗୀ ଅନନ୍ତ ପ୍ରଧାନ, ଜୋନ୍ ସଙ୍ଗଠକ ଯୋଗୀ ଚିତ୍ତରଞ୍ଜନ ମୁନି,ସବଜୋନ ସଙ୍ଗଠକ ମୁନି ରାଜ ଅମୂଲ୍ୟ ଜେନା, ପ୍ରଚାର ସଙ୍ଗଠନ ମନ୍ତ୍ରୀ ଯୋଗୀ ଅମୂଲ୍ୟ ବେହେରା ପ୍ରମୁଖ ଉକ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ । ଉପସ୍ଥିତ ଥିଲେ , ବରିଷ୍ଠ ଯୋଗ ସାଧକ, ଯୋଗୀ ପରମାନନ୍ଦ ମୁନି, ଯୋଗୀ ଭିକାରି ଚରଣ ମୁନି ଯୋଗୀ ରାମଚନ୍ଦ୍ର ମୁନି, ଯୋଗୀ ଶଙ୍କର ପାଲ ମୁନି, ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ, ସାବିତ୍ରୀ ପାତ୍ର, ମଞ୍ଜୁଲତା ବେହେରା, ଯୋଗୀ ଜୟକୃଷ୍ଣ ମୁନି ଇତ୍ୟାଦି ଶତାଧିକ ଯୋଗଶିକ୍ଷକ ଯୋଗଶିକ୍ଷୟତ୍ରୀ ମାନେ ।ଶେଷରେ ମୁନି ରାଜ ଅମୂଲ୍ୟ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ମାସା ଆର୍ମୀ ଶୁଳିଆପଦା ବ୍ଲକ କମିଟି ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ବାରିପଦା, ୩୦/୦୪ (ନି.ପ୍ର): ମାସା ଆର୍ମୀ ଶୁଳିଆପଦା ବ୍ଲକ କମିଟି ପକ୍ଷରୁ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ସାକ୍ଷାତ କରି ପାଂଚ ଦଫା ଦାବି ସମ୍ବଳିତ ଏକ ଦାବି ପତ୍ର ବିଡିଓ ଙ୍କୁ ପ୍ରଦାନ କରାଯାଇଛି । ଉକ୍ତ ପାଞ୍ଚ ଦଫା ଦାବି ଗୁଡିକ ମଧ୍ୟରେ ଶୁଳିଆପଦା ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମରେ ଦେଖା ଯାଇଥିବା ପାନୀୟ ଜଳ ସଙ୍କଟକୁ ତୁରନ୍ତ ସମାଧାନ କରାଯିବା, ବାରିପଦା ପୌରାଂଚଳ ରେ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନା ବଣ୍ଟନ କରାଯାଇଥିବା ବେଳେ ଏ ପର୍ଯ୍ୟନ୍ତ ବ୍ଲକରେ ଆବାସ ଘର ବଣ୍ଟନ କରାଯାଇ ନଥିବାରୁ ତୁରନ୍ତ ବଣ୍ଟନ କରାଯିବା, ପଂଚୟତ ନିର୍ବାହୀ ଅଧିକାରୀ ନାମରେ ଥିବା ପଞ୍ଚାୟତ ଉନ୍ନୟନ ମୂଳକ କାର୍ଯ୍ୟକୁ ସେମାନେ ମୋଟା ଅଙ୍କର ପିସି ନେଇ ଠିକାଦାର



ମାନଙ୍କୁ କାମ ବାଣ୍ଟି ଦେଉଛନ୍ତି । ଯାହା ଫଳରେ କାମ ନିମ୍ନ ମାନର ହେବା ସହିତ ଗାଆଁ ଗୁଡିକ ରେ ଥିବା ଶିକ୍ଷିତ ବେକାର ଯୁବକ ଯୁବତୀ କାମ ପାଇ ପାରୁ ନାହାନ୍ତି । ତେଣୁ ଉକ୍ତ ପଂଚାୟତ ଉନ୍ନତି ମୂଳକ କାର୍ଯ୍ୟକୁ ଟେଣ୍ଡର ଆକାରରେ କରାଯାଉ । ନଚେତ ପଂଚାୟତ ଉନ୍ନତି ମୂଳକ କାର୍ଯ୍ୟ କିଏ କରିବ ତାକୁ ଲୋଟେରୀ ଆକାରରେ କରାଯିବା, ଉନ୍ନତି ମୂଳକ କାର୍ଯ୍ୟ ବେଳେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହିବା, ପଞ୍ଚାୟତ ଜିଆରଏସ ମାନେ ଠିକାଦାର ମାନଙ୍କ ଠାରୁ ମୋଟା ଅଙ୍କର ପିସି ନେଇ ମନରେଗା କାମରେ କାମ ନ ହୋଇ ଟଙ୍କା ଏଫଟିଓ କରି ଦେଉଛନ୍ତି । ଏହାକୁ ତୁରନ୍ତ ବନ୍ଦ କରାଯାଇ ଏମିତି କରୁଥିବା ଜିଆରଏସ ମାନଙ୍କ ବିରୋଧ ରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ପ୍ରମୁଖ ଦାବି ପ୍ରତି ବିଡିଓ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ କୁ ମାସା ଆର୍ମୀ ପକ୍ଷରୁ ଘେରାଓ କରାଯିବ ବୋଲି ଚେତାବନୀ ଦିଆଯାଇଛି । ମାସାଆର୍ମୀର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ଙ୍କ ପରାମର୍ଶ କ୍ରମେ ଶୁଳିଆପଦା ବ୍ଲକ ସଂଗଠନ ପ୍ରଭାରୀ ଜିତେନ୍ଦ୍ର ମାରାଣ୍ଡି, ବ୍ଲକ ସଭାପତି କିରଣ ମାରାଣ୍ଡି ଓ ବ୍ଲକ କାର୍ଯ୍ୟକାରୀ ସଭାପତି ଲକ୍ଷ୍ମଣ ମୁର୍ମୁଙ୍କ ନେତୃତ୍ୱ ରଣଜିତ ମୁର୍ମୁ, କିସୁନ ମାରାଣ୍ଡି, କାହ୍ନା ସରେନ, ସୁଶାନ୍ତ କୁମାର ହେମ୍ବ୍ରମ, ସୁମନ୍ତ କୁମାର ମାରାଣ୍ଡି, ଭଟ ବେସ୍ରା, ରମେଶ ହାଁସଦା, ଲାଲ ମୋହନ ଚପେୟାର, ବିରାମ ହାଁସଦା, ମୋହନ ମୁର୍ମୁ, ଲଖନ ହାଁସଦା, ସୁନିଲ ସିଂ, ବିଜୁ ନାଏକ ପ୍ରମୁଖ ବିଡିଓ ଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ ।

# ମେଡ଼ିସିନ ରିପ୍ରେଜେଣ୍ଟିଭଙ୍କ କବ୍ଜାରେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

ବସ୍ତା, ୩୦/୦୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ମେଡ଼ିସିନ ରିପ୍ରେଜେଣ୍ଟିଭ ମାନେ ଡାକ୍ତର ଙ୍କୁ ଭେଟି ବିଭିନ୍ନ ମେଡ଼ିସିନ ପାଇଁ ସୁପାରିଶ କରି ବାରେ ଦେଖିବାକୁ ମିଳିଛି । ସ୍ୱାସ୍ଥ୍ୟ ବିଭାଗ କଡା ନିର୍ଦ୍ଦେଶ ଜାରି କରିଥିଲେବି, ତାହା ବସ୍ତା ମେଡିକାଲ ରେ କାର୍ଯ୍ୟକାରୀ ହେଉନ ଥିବା ବେଳେ ସରକାରଙ୍କ ଏହି ନିୟମ କୁ ଖୋଲମଖୋଲା ଉଲଘଂନ କରାଯାଉଛି । ଯାହା ପାଇଁ ଡାକ୍ତର ମାନେ ପୁରା ଏବେ ଏକ ପ୍ରକାର ଏମ ଆର ଙ୍କ କବ୍ଜାରେ । ଏଠାରେ ସୂଚନା ଥାଉକି ପ୍ରତ୍ୟେକ ଦିନ ୧୦ ରୁ ୧୫ ଘରୋଇ ଔଷଧ କମ୍ପାନୀର ଏମ ଆର ମାନେ, ବସ୍ତା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ଡାକ୍ତରଙ୍କ ନିକଟରେ ପହଞ୍ଚି ବିଭିନ୍ନ ପ୍ରଲୋଭନ ଦେଖାଇ ପ୍ରେସକିପ୍ସ୍ନ ସନ ରେ ଔଷଧ ଲେଖିବା ପାଇଁ କହୁଛନ୍ତି । ଯାହାଫଳରେ



ସ୍ୱାସ୍ଥ୍ୟକେନ୍ଦ୍ର ରେ ମିଳୁଥିବା ଜେନେରିକ ମେଡିସିନ ଅକାମିହୋଇ ପଡୁଛି ।,ଯାହା ପାଇଁ ରୋଗୀ ସେବା ରେ ବାଧାପ୍ରାପ୍ତ ହେଉଥିବା ନଜରକୁ ଆସିଛି । ଆଉ ରୋଗୀ ଓ ତାଙ୍କ ସମ୍ପର୍କୀୟ ଘଣ୍ଟାଘଣ୍ଟା ଲାଇନରେ ଛିଡା ହୋଇ ହନ୍ତସନ୍ତ ହୋଇଥାନ୍ତି । ବାଲେଶ୍ୱର ଓ ମୟୁରଭଞ୍ଜ ଜିଲ୍ଲାର ସୀମାନ୍ତରେ ରହିଛି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର । ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଉଭୟ ଜିଲ୍ଲାର ୫୦ହଜାରରୁ ଅଧିକ ରୋଗୀ ନିର୍ଭର କରିଥାନ୍ତି । ୫୦ ହଜାର ରୋଗୀଙ୍କ ପାଇଁ ମାତ୍ର ୬ ଜଣ ଡାକ୍ତର ରହିଛନ୍ତି, ଏହି ୬ ଜଣଙ୍କ ମଧ୍ୟରୁ ଦେବବ୍ରତ ଜେନା ସୁପରି ଟେଣ୍ଡେଣ୍ଟ ଥିବା ବେଳେ ମାତ୍ର ୫ ଜଣ ଡାକ୍ତର ରୋଟିନ ଅନୁଯାଇ ସ୍ୱାସ୍ଥ୍ୟ ସେବା ଯୋଗାଇ ଥାନ୍ତି । ଡାକ୍ତର ସଂଖ୍ୟା କମ ଥିବା ବେଳେ, ନିର୍ଦ୍ଦିଷ୍ଟ କିଛି ଔଷଧ କମ୍ପାନୀର ଏମ ଆର ମାନେ ବେଧଡକ ଭାବେ ଡାକ୍ତରଖାନାକୁ ପ୍ରବେଶ କରି, ଧାଡିରେ ଛିଡା ହୋଇଥିବା ରୋଗି ମାନଙ୍କୁ ପଛକୁ ରଖି ଡାକ୍ତର ମାନଙ୍କୁ ତାଙ୍କ କମ୍ପାନୀର ଔଷଧ ଲେଖାଇବା ପାଇଁ ପ୍ରବତାଇ ଥାନ୍ତି । ଜଣେ କି ଦୁଇ ଜଣ ନୁହେଁ ଏକା ଥରକେ ୪ ରୁ ୫ ଜଣ ଲେଖାଏ ଏମ ଆର ଆସି ମେଡିକାଲ ଭିତରକୁ ଆସି ଡାକ୍ତରଙ୍କ ନିକଟରେ ଭିଡ ଲଗାଇଥାନ୍ତି । ଯାହା ଫଳରେ ଚିକିତ୍ସା ପାଇଁ ଆସିଥିବ ରୋଗୀ ଆଉ ତାଙ୍କ ସମ୍ପର୍କୀୟ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ଏନେଇ ଗଣ ମାଧମର ପ୍ରତିନୀଧି ମାନେ ଡାକ୍ତରଖାନାରେ ପହଁଚି ଉକ୍ତ ଔଷଧ କମ୍ପାନୀର ଏମଆର ମାନଙ୍କୁ ପଚାରିବାରୁ, ସେମାନେ ଚିଡିଯାଇଥିଲେ, କୌଣସି ସନ୍ତୁଷ୍ଟ ଜନକ ଉତ୍ତର ଦେ ଇନଥିଲେ ଏବଂ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ । ଏ ନେଇ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଦେବବ୍ରତ ଜେନାଙ୍କୁ ପଚାରିବାରୁ ସେ ଏଭଳି ଘଟଣାକୁ ସେ ଦୃଢ଼ ବିରୋଧ କରିଚନ୍ତି । ଘଟଣାର ତଦନ୍ତ କରି ନିଶ୍ଚିତ ଭାବେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

# ଜିଲ୍ଲାସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ

ବାଲେଶ୍ୱର,୩୦/୦୪ (ନି.ପ୍ର): ବାଲେଶ୍ୱର ଜିଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଯାଇଛି । ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦଘାଟନ ସହ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲାରେ ଦୁଗ୍ଧ, ଅଣ୍ଡା ଓ ମାଂସ ଉତ୍ପାଦନ ବୃଦ୍ଧି ପାଇଁ ସମସ୍ତଙ୍କ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅବସରପ୍ରାପ୍ତ ସିଡିଭିଓ ଡା. ଦୟାନିଧି ପାତ୍ର, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବନମାଳୀ ସାହୁ ପ୍ରମୁଖ ଏଥିରେ ଉପସ୍ଥିତ ରହି ଏହି ଦିବସ ପାଳନର ଯଥାର୍ଥତା ଉପରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳର ଅଗ୍ରଣୀ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଶ୍ରେଷ୍ଠ ପ୍ରାଣୀ ଚିକିତ୍ସକ/ଚିକିତ୍ସିକା ଏବଂ ପ୍ରାଣୀଧନ ନିରୀକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି 'ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ-୨୦୨୨' ସମ୍ପର୍କିତ ଏକ ସ୍ମରଣିକାକୁ ଜିଲାପାଳ ତଥା ଅନ୍ୟ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ବାଲେଶ୍ୱର ପୌରାଞ୍ଚଳରେ ବୁଲା ଗୋରୁଗାଈ, କୁକୁର ସମେତ ଅନ୍ୟାନ୍ୟ ପ୍ରାଣୀ ଓ ବିକଳାଙ୍ଗ ପଶୁମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ନିମନ୍ତେ ପ୍ରାଣୀ ଚିକିତ୍ସା ଆମ୍ବୁଲାନ୍ସ ସେବାକୁ ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ସେବା ଯୋଗାଇ ଦେବା ପାଇଁ ଏକ ଟୋଲ୍ ଫ୍ରିନମ୍ବର ୧୮୦୦-୩୪୫-୭୧୪୭ ର ବ୍ୟବସ୍ଥା କରାଯାଇଛି । ସକାଳ ୬ଟାରୁ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ଏହି ସେବା ଯୋଗାଇ ଦିଆଯିବାକୁ ଥିବା ବେଳେ ଏହା କେବଳ ବୁଲା ଓ ଅସହାୟ ପ୍ରାଣୀ ପାଇଁ ଉଦ୍ଦିଷ୍ଟ । କୌଣସି ଘରୋଇ ପ୍ରାଣୀଙ୍କ ଚିକିତ୍ସା ପାଇଁ ଏହି ସେବା ଉପଲବ୍ଧ ହେବ ନାହିଁ । ଆଜିର କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରଂଜନ କୁମାର ଦାସ ଉପସ୍ଥାପନା କରିଥିବା ବେଳେ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ(ଜୀବ ମଙ୍ଗଳ) ଡା. ଅଜିତ୍ କୁମାର ସାମଲ ଏହାର ସଂଚାଳନ ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ସରି ସରି ଆସୁଛି ଆଦିବାସୀ ମେଳା

ଭୁବନେଶ୍ୱର, ୩୦/୦୪ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଅପ୍ରେଲ ୨୩ ତାରିଖରୁ ଚାଲିଥିବା ଆଦିବାସୀ ମେଳା ଆଜି ଅଷ୍ଟମ ଦିନରେ ପହଂଚିଛି । ଏହି ମେଳାରେ ରାଜ୍ୟର ଜନଜାତି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସେମାନଙ୍କ ଉତ୍ପାଦିତ ଓ ସଂଗୃହୀତ ସାମଗ୍ରୀର ବିପଣି ଖୋଲିଛନ୍ତି । ଆଦିବାସୀମାନଙ୍କ ଦ୍ୱାରା ପ୍ରସ୍ତୁତ କଳା, ହସ୍ତଶିଳ୍ପ, କୃଷିଜାତ ସାମଗ୍ରୀକୁ ରାଜଧାନୀବାସୀ ଦେଖିବା ଓ କିଣିବା ପାଇଁ ଏହି ମେଳା ଜରିଆରେ ଅପୂର୍ବ ସୁଯୋଗ ସୃଷ୍ଟି ହୋଇଛି । ଏଥିରେ ସମୁଦାୟ ୧୦୦ଟି ଷ୍ଟଲ ଖୋଲିଥିବାବେଳେ ଏ ସବୁରେ ଜନଜାତି ବର୍ଗର କଳାକୁଶଳତା ଓ ଜୀବିକାନିର୍ବାହ ପ୍ରଣାଳୀ ସଂପର୍କରେ ଦର୍ଶକମାନେ ବହୁ ତଥ୍ୟ ଜାଣି ପାରୁଛନ୍ତି । ଆଦିବାସୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡ଼ିକର ଜୈବିକ ଗୁଣ ଏ ଯାବତ୍ ଅକ୍ଷୁଣ୍ଣ ରହିଛି ବୋଲି ଲୋକଙ୍କ ମନରେ ଯେଉଁ ଦୃଢ଼ ଧାରଣା ରହିଛି, ତାହା ହିଁ ଜନସାଧାରଣଙ୍କୁ ଅଧିକ ସଂଖ୍ୟାରେ ଆକୃଷ୍ଟ କରୁଛି ଆଦିବାସୀ ମେଳାକୁ । ଗ୍ରାହକମାନଙ୍କର ଭିଡ଼ ଯୋଗୁଁ କିଛି ସମୟ ଚଳଚଂଚଳ ହୋଇଉଠୁଛି ମେଳା ପରିସର । ଚଳିତ ବର୍ଷ ଆଦିବାସୀ ମେଳାର ଏକ ବଡ଼ ବିଶେଷତ୍ୱ ହେଉଛି, ରାଜ୍ୟର ପୁରପଲ୍ଲୀରେ ପରିବ୍ୟାପ୍ତ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ବ୍ୟାପକ ଅଂଶଗ୍ରହଣ । ବିଭିନ୍ନ ଜିଲ୍ଲାର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ସହାୟତାରେ ସେମାନେ ମେଳା ପରିସରକୁ ଆସି ବେପାରବାଣିଜ୍ୟର ପସରା ମେଲାଇ ଦେଇଛନ୍ତି । ଆଦିବାସୀମାନଙ୍କ ଦ୍ୱାରା ଉତ୍ପାଦିତ ଖାଦ୍ୟଶସ୍ୟ ଯଥା-ବାସୁମତୀ ଚାଉଳ, ମୁଗ, ବିରି, ମାଣ୍ଡିଆ, ପାଳୁଅ, ରାଶି ଆଦି କିଣିବାକୁ ଦର୍ଶକଙ୍କ ଯେତିକି ଆଗ୍ରହ ପରିଲକ୍ଷିତ ହେଉଛି, ସେତିକି ଆଗ୍ରହ ରହୁଛି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବଡ଼ି, ପାମ୍ପଡ଼, ଆଚାର, ହଳଦୀଗୁଣ୍ଡ ଓ ଫୁଲଝାଡ଼ୁ ଆଦି କିଣିବା ପାଇଁ । ଆଜି ସନ୍ଧ୍ୟାରେ ମୁଖ୍ୟ ମଂଚରେ ରାଇରଙ୍ଗପୁର ଅଞ୍ଚଳର ଭୂମିଜ ନାଚ ଏବଂ କଳସୀ ନାଚ, କରଞ୍ଜିଆର ହୋ ନାଚ, ବାରିପଦାର ବାଥୁଡ଼ି ନାଚ, ଚନ୍ଦ୍ରଗିରିର ସଉରା ନାଚ ଏବଂ ବାରିପଦାର ଝମର ନାଚ ପ୍ରଦର୍ଶନ ଦର୍ଶକମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା ।

# ନାବାଳିକା ଦୁଷ୍କର୍ମକାରୀକୁ ୭ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର,୩୦/୦୪ (ନି.ପ୍ର): ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ବାଲେଶ୍ୱର ଅତିରିକ୍ତ ଜିଲା ଓ ଦୀରାଜଜ ତଥା ସ୍ପେଶାଲ ଜଜ ଜଗଦ୍ଦୀଶ ପ୍ରସାଦ ମହାନ୍ତି ଅଭିଯୁକ୍ତ ଇଶ୍ୱର ବେହେରାଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ ସହ ୧୧ହଜାର ଟଙ୍କାର ଜରିମାନା ଅଦେଶ ଦେଇଛନ୍ତି। ବାଲେଶ୍ୱର ସହରର ଅଙ୍ଗାରଗଡ଼ିଆ ଅଞ୍ଚଳର ଜନୈକ ନାବାଳିକା ନିଜର ମୋବାଇଲ ଫୋନ ମରାମତି ପାଇଁ ୨୦୧୬ ମସିହା ଅକ୍ଟୋବର ୨୯ ତାରିଖରେ ଫାଣ୍ଡିଛକସ୍ଥିତ ସୁଦାମା ହୋଟେଲ ଗଳି ମୋବାଇଲ ଦୋକାନରେ ଦେଇଥିଲେ। ସପ୍ତାହ ପରେ ଅର୍ଥାତ ନଭେମ୍ବର ୬ ତାରିଖରେ ସମ୍ପୃକ୍ତ ନାବାଳିକା ଫାଣ୍ଡିଛକରୁ କଚେରୀ ଗଡ଼ାଣକୁ ପରିବା କିଣିବାକୁ ଯିବା ବେଳେ ସେହି ଦୋକାନରେ କାମ କରୁଥିବା ବସ୍ତା ଥାନା ଅନ୍ତର୍ଗତ ହଳଦୀପଦା ଅଞ୍ଚଳର ଶରତ ବେହେରାଙ୍କ ପୁତ୍ର ଇଶ୍ୱର ବେହେରା (୩୩) ତାଙ୍କୁ ମୋବାଇଲ ମରାମତି ସମ୍ପର୍କରେ ସୂଚନା ଦେଇଥିଲେ ଏବଂ ଗୋଡ଼ ଖରାପ ଥିବା ଯୋଗୁଁ ତାଙ୍କୁ ନେଇ ନୀଳିଆବାଗ ଅଞ୍ଚଳ ଘରେ ଛାଡ଼ିଦେବାକୁ ଅନୁରୋଧ କରିଥିଲେ। ନାବାଳିକା ମୋବାଇଲ ଦୋକାନ ମିସ୍ତ୍ରୀ ଶ୍ରୀ ବେହେରାଙ୍କୁ ନିଜ ସ୍କୁଟିରେ ନେଇ ନୀଳିଆବାଗ ଘରେ ଛାଡ଼ି ଦେଇଥିଲେ। ଘର ସମ୍ମୁଖରେ ଗାଡ଼ିରୁ ଓହ୍ଲାଇବା ସହ ଭୁଜାଲି ଦେଖାଇ ନାବାଳିକାକୁ ଘର ଭିତରକୁ ଭିଡ଼ି ନେଇ ଶ୍ରୀ ବେହେରା ନାବାଳିକାକୁ ଦୁଷ୍କର୍ମ କରିଥିଲେ। ନାବାଳିକା ପରିବାରର ଏତଲାମୂଳେ ଟାଉନଥାନା ପୁଲିସ ୨୭୮/୭.୧୧.୨୦୧୬ ନଂରେ ମାମଲା ରୁଜୁ ସହ ଅଭିଯୁକ୍ତକୁ ଗିରଫ କରିଥିଲା। ଟ୍ରାଏଲ ନଂ ୧୮/୨୦୧୭ ଓ ସ୍ପେଶାଲ କେସ ନଂ୬୨୮/୨୦୧୬ର ସମସ୍ତ ସାକ୍ଷୀଙ୍କ ବୟାନ ଓ ଆନୁସଙ୍ଗିକ ଦସ୍ତାବିଜକୁ ଭିତ୍ତି କରି ସ୍ପେଶାଲ ଜଜ ଶ୍ରୀ ମହାନ୍ତି ଅଭିଯୁକ୍ତ ଇଶ୍ୱର ବେହେରାଙ୍କୁ ଦୋଷୀ ସାବ୍ୟସ୍ତ ସହ ୭ବର୍ଷ ଜେଲ ଓ ୧୧ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୧୪ମାସ ଜେଲ ଭୋଗିବାକୁ ରାୟରେ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରିଥିଲେ।

# ଉଦଳା ଏନ୍.ଏ.ସି. ୱାର୍ଡ ନଂ ୧୦ ବାସିନ୍ଦାଙ୍କ ପାଇଁ ଜନଶୁଣାଣୀ ଶିବିର



ଉଦଳା, ୩୦/୦୪ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଆଜି ଏପ୍ରିଲ ୩୦ ତାରିଖ ଶନିବାର ଦିନ ୧୦ ଘଟିକା ସମୟରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ ନଂ ୧୦ (ଗୋପବନ୍ଧୁନଗର) ବାସିନ୍ଦା ମାନଙ୍କ ପାଇଁ ସ୍ଥାନୀୟ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ନଗରପାଳ ପ୍ରମିଳା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଲୋକଙ୍କ ଠାରୁ ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରେ କେନାଲ ସାହିର ପିଇବା ପାଣି ସମସ୍ୟା ଓ ରାସ୍ତା ନିର୍ମାଣ, ମଠସାହିର ବିଦ୍ୟୁତ ସମସ୍ୟା ଓ ଜମି ପଟ୍ଟା ନମିଳିବା, ମଠ ପଛ ପୋଖରୀର ପଙ୍କ ଉଦ୍ଧାର, ଡ୍ରେନ ନିର୍ମାଣ, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଗୃହ ଇତ୍ୟାଦି ଥିଲା ।ଆଜିର ଏହି ଜନଶୁଣାଣୀ ଶିବିରରେ ଉପନଗରପାଳ ଲିଲି ଭୋଳ, ୱାର୍ଡ ନଂ-୧୦ ରୁ କାଉନସିଲର ଉର୍ମିଳା ନାୟକ, ୱାର୍ଡ ନଂ ୧ ର କାଉନସିଲର ଧିରେନ୍ଦ୍ର ଖଣ୍ଡେଲୱାଲ, ଉଦଳା ଓକିଲ ସଂଘର ସଂପାଦକ ତଥା ବିଜ୍ଞାପିତ ଅଞ୍ଚଳ ପରିଷଦର ଆଇନ ପରାମର୍ଶ ଦାତା ବସନ୍ତ କୁମାର ପରିଡ଼ା, ଯଜ୍ଞନାରାୟଣ ମହାନ୍ତିଙ୍କ ସମେତ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟର କର୍ମଚାରୀ ସୁଭାଶିଷ ନାୟକ, ଅରୂପାନନ୍ଦ ମହଲା, ନମିତା ସାମଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଲୋକଙ୍କ ଠାରୁ ଆସିଥିବା ସମସ୍ୟା ଗୁଡ଼ିକର ସମାଧାନ ପାଇଁ ନଗରପାଳ, ଉପନଗରପାଳ ଓ କାଉନସିଲର ମାନେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଜନଶୁଣାଣୀ ଶିବିରର ଯବନିକା ପଡ଼ିଥିଲା ।

# ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା

ଜଳେଶ୍ୱର, ୩୦/୪ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଲୁଡା ଶୀତଳାମାତା ନୋଡାଲ ଉ.ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ କୁମାର ବେହେରାଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଆଜି ଅନୁଷ୍ଠିତ ହୋଇ ଯାଇଛି । ସରପଂଚ ଜ୍ୟୋତିର୍ମୟ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିବା ବେଳେ ବିଇଓ ଭାଗିରଥି ଗିରି ଯୋଗ ଦେଇ ଜଣେ ଆଦର୍ଶ ଶିକ୍ଷକର ଅବସର ହୋଇ ପାରେ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ କପିଳେଶ୍ୱର ମହାନ୍ତି ଓ ମୁଖ୍ୟ ଅତିଥି ଖଗେନ୍ଦ୍ର ସାହୁ ଯୋଗ ଦେଇ ଆଦର୍ଶ ଶିକ୍ଷକ ସୁସ୍ଥ ସମାଜ ଗଠନ କରେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ଅଜିତ୍ ମହାନ୍ତି, ସତ୍ୟବ୍ରତ ସାହୁ, ଏବିଇଓ ସୁଶାନ୍ତ ଜେନା, ସତ୍ୟମୟ ଆଚାର୍ଯ୍ୟ, ଗୁରୁପ୍ରସାଦ ରାଉଳ, ସିଆରସିସି କୃଷ୍ଣଚନ୍ଦ୍ର ମାଝୀ, କୁମୁଦ ରଂଜନ ଜେନା ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜ୍ୟୋତିକେଶ ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଶ୍ରୀ ବେହେରାଙ୍କ ଶିକ୍ଷକତା ଜୀବନର ସ୍ମୃତି ବଖାଣିଥିଲେ । ତାଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ଗ୍ରାମର ବହୁ ଅଭିଭାବକ ଯୋଗ ଦେଇଥିଲେ ।

# ଅତିରିକ୍ତ ଜିଲ୍ଲାପାଳଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ଭଦ୍ରକ, ୩୦/୦୪ (ନି.ପ୍ର): ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର ଆଜି ସରକାରୀ ଚାକିରୀରୁ ସେବା ନିବୃତ୍ତ ହେବା ଅବସରରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପାଳିତ ହୋଇଯାଇଛି । ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଯୋଗ ଦେଇଥିଲା ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀମାନେ ଏଥିରେ ଉପସ୍ଥିତ ଥିଲେ । ସେହିପରି ସନ୍ଧ୍ୟା ସମୟରେ ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲାର ଓ.ଏ.ଏସ୍. ଅଧିକାରୀମାନଙ୍କ ଦ୍ୱାରା ମଧ୍ୟ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ଉପଜିଲ୍ଲାପାଳଙ୍କ ସହ ଜିଲ୍ଲାର ସମସ୍ତ ବି.ଡ଼ି.ଓ., ତହସିଲଦାର ଓ କେତେକ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଦୁଇଟିଯାକ ସମ୍ବର୍ଦ୍ଧନା ସଭାରେ ଶ୍ରୀଯୁକ୍ତ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ପ୍ରଦାନ କରାଯିବା ସହ ତାଙ୍କର ଅମାୟିକ ବ୍ୟବହାର, ଶାନ୍ତ ସରଳ ସ୍ୱାଭବର ଗୁଣଗାନ କରାଯାଇଥିଲା । ସୂଚନାଯୋଗ୍ୟକି ଡି.ଆର.ଡି.ଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କୁଶଳ ଚନ୍ଦ୍ର ନାୟକ ନିଜ ଦାୟିତ୍ୱ ସହ ଅତିରିକ୍ତଭାବେ ଅତିରିକ୍ତ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ କରିଛନ୍ତି ।

# ଶ୍ରେଷ୍ଠ ଭୂତତ୍ତ୍ୱ ଛାତ୍ର ଗୌରବ କୁମାର ସ୍ୱାଇଁ ପୁରସ୍କୃତ



ବାଲେଶ୍ୱର,୩୦/୦୪ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟରୁ ଭୂ-ବିଜ୍ଞାନର ସର୍ବାଧିକ ନମ୍ବର ରଖି ପୁରସ୍କୃତ ହୋଇଥିବା ଖଇରା ଅଞ୍ଚଳର ଗୌରବ କୁମାର ସ୍ୱାଇଁ ବାଲେଶ୍ୱର ଜିଲାକୁ ଗୌରବାନ୍ୱିତ କରିଛନ୍ତି। ଗତ ୨୪ ତାରିଖରେ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା ସଭାଗୃହରେ ଆୟୋଜିତ ଭୂବୈଜ୍ଞାନିକ ପ୍ରତଷ୍ଠାନ (ଆଇଜିଓ) ଓଡ଼ିଶା ଶାଖା ବାର୍ଷିକ ଉତ୍ସବରେ ତାଙ୍କୁ ପୁରସ୍କୃତ କରାଯାଇଛି। ଡ. ଶୁଭୟାଂଶୁ ଭୂଷଣ ରାୟଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଖ୍ୟାତନାମା ମୌସୁମବିତ ପ୍ରଫେସର ଉମାଚରଣ ମହାନ୍ତି ଶ୍ରୀ ସ୍ୱାଇଁଙ୍କୁ ରବିନାରାୟଣ ମିଶ୍ର ସ୍ମାରକୀ ପୁରସ୍କାର ପ୍ରଦାନ କରିଥିଲେ। ବରିଷ୍ଠ ଭୂବିଜ୍ଞାନୀ ବିଭୂତି ଭୂଷଣ ଷଡ଼ଙ୍ଗୀ, ବସନ୍ତ କୁମାର ଆଚାର୍ଯ୍ୟଙ୍କ ସମେତ ସମ୍ପାଦକ ସତ୍ୟନାରାୟଣ ମହାନ୍ତି ମଞ୍ଚାସୀନ ଥିଲେ।

# ମଇମାସ ମିଳିତ ଆପତ୍ତି ଶୁଣାଣି କାର୍ଯ୍ୟକ୍ରମ ତାଲିକା ପ୍ରକାଶ

ବାଲେଶ୍ୱର,୩୦/୦୪ (ନି.ପ୍ର): ଆସନ୍ତା ମଇ ମାସ ପାଇଁ ବାଲେଶ୍ୱର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଛି। ମଇ ମାସର ୫ ସୋମବାରରେ ଜିଲାର ବିଭିନ୍ନ ବ୍ଲକ କାର୍ଯ୍ୟାଳୟରେ ଏହି ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ମଇ ୨ ତାରିଖରେ ରେମୁଣା ବ୍ଲକ କାର୍ଯ୍ୟାଳୟ, ୯ ତାରିଖରେ ବସ୍ତା ବ୍ଲକ କାର୍ଯ୍ୟାଳୟ, ୧୭ ତାରିଖରେ ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ, ୨୩ ତାରିଖରେ ବାଲିଆପାଳ ବ୍ଲକ କାର୍ଯ୍ୟାଳୟରେ ଏବଂ ୩୧ ତାରିଖରେ ନୀଳଗିରି ବ୍ଲକ କାର୍ଯ୍ୟାଳୟରେ ଏହା ଅନୁଷ୍ଠିତ ହେବ। ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହିବେ। ସକାଳ ୭ ଘଟିକା ଠାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଗ୍ରହଣ ଓ ଶୁଣାଣି କରାଯିବ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜଣାଯାଇଛି।

# ଜଳେଶ୍ୱର ଭାଜପା ପକ୍ଷରୁ ଦକ୍ଷିଣ ପୂର୍ବ ରେଳପଥର ଡିଆର୍‌ଏମ୍‌ଙ୍କୁ ଦାବିପତ୍ର



ଜଳେଶ୍ୱର, ୩୦/୪ (ନି.ପ୍ର): ଓଡିଶା-ପଶ୍ଚିମବଂଗ ଉପାନ୍ତରେ ଥିବା ଜଳେଶ୍ୱର ରେଳ ଷ୍ଟେସନ ଦକ୍ଷିଣ ପୂର୍ବ ରେଳ ପଥର ପ୍ରମୁଖ ଷ୍ଟେସନ ଭାବେ ପରିଚିତ । ଏହି ଷ୍ଟେସନ ବାର୍ଷିକ ୧୦ କୋଟିରୁ ଉର୍ଦ୍ଧ୍ୱ ରାଜସ୍ୱ ଦେଉଥିବା ବେଳେ ଏହା ଉପରେ ୨୦୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକମାନେ ନିର୍ଭର କରନ୍ତି । କୋଭିଡ୍ କଟକଣ ଯୋଗୁଁ ବହୁ ଟ୍ରେନ୍ ବନ୍ଦ ରହିଥିବା ବେଳେ କେତେକ ଟ୍ରେନ୍ ଏହି ପଥରେ ଯାଉଥିଲେ ମଧ୍ୟ ଅଟକୁ ନାହିଁ । ଫଳରେ ଛାତ୍ରଛାତ୍ରୀ, ଚାକିରିଆ, ବ୍ୟବସାୟୀ ଓ ଉଠାଦୋକାନୀ ମାନେ ଯିବା ଆସିବାରେ ଅସୁବିଧା ଭୋଗ କରୁଛନ୍ତି । ଏପରିକି ଲୋକମାନେ ବିଭିନ୍ନ ଅଫିସ୍‌କୁ ଯାଇନପାରିବାରୁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏବେ କୋଭିଡ୍ କଟକଣା ହଟିଥିବାରୁ ଜଳେଶ୍ୱରର ବିଭିନ୍ନ ସଂଗଠନ ପକ୍ଷରୁ ଟ୍ରେନ୍ ଚଳାଚଳ ସ୍ୱାଭାବିକ୍ କରିବାକୁ ଦାବି କରିଛନ୍ତି। ସେହିପରି ଭାରତୀୟ ଜନତାପାର୍ଟି ଜଳେଶ୍ୱର ଶାଖା ପକ୍ଷରୁ ପୂର୍ବପରି ସମସ୍ତ ଟ୍ରେନ୍ ଚଳାଚଳ ଓ ରହଣି କରିବାକୁ ଖଡଗପୁର ଡିଆର୍‌ଏମ୍‌ଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଏଥିରେ ନଗର ସଭାପତି ତଥା ସାଂସଦ ପ୍ରତିନିଧି ଫାଲଗୁନି ପାଣିଗ୍ରାହୀ, ବ୍ଲକ ସାଂସଦ ପ୍ରତିନିଧି ସାନ୍ତନୁ ପଟ୍ଟନାୟକ, ଜଗନ୍ନାଥ ଗୋଛାୟତ, ଅଂଜନ ଦାସ, ଦିପକ ଚୌରାସିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ବାରିପଦା ପୌରପରିଷଦ ପକ୍ଷରୁ ଭତ୍ତା ଶିବିର ଅନୁଷ୍ଠିତ



ବାରିପଦା, ୩୦/୦୪ (ନି.ପ୍ର): ବାରିପଦା ପୌରାଂଚଳର ୱାର୍ଡ ନଂ ୧୫,୧୬,୧୭ ଏବଂ ୧୯ ର ସମସ୍ତ ଭତ୍ତା ହିତାଧିକାରୀ ମାନଙ୍କ ବ୍ୟାଙ୍କ ଖାତା ସଂଯୋଗୀ କରଣରେ ତ୍ରୁଟି ଏବଂ ଅନ୍ୟାନ୍ୟ ଭତ୍ତାଜନିତ ସମସ୍ୟାର ସମାଧାନ ନିମନ୍ତେ ଆଜି ୱାର୍ଡ ନଂ ୧୫ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ୟୁ.ଜି.ଏମ.ଇ ବିଦ୍ୟାଳୟ ପ୍ରାଙ୍ଗଣରେ ଉପ ଜିଲ୍ଲାପାଳ ତଥା ବାରିପଦା ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଏକ ବିଶେଷ ଭତା ଶିବିର ଆୟୋଜନ କରାଯାଇଥିଲା । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉକ୍ତ ୱାର୍ଡ ମାନଙ୍କରୁ ଆସିଥିବା ଭତା ହିତାଧାକାରୀ ମାନଙ୍କ ଭତା ଜନିତ ତ୍ରୁଟି ଆଧାର ସଂଯୋଗୀ କରଣ, ବ୍ୟାଙ୍କ ଖାତା ସଂଯୋଗୀ କରଣ ଇତ୍ୟାଦିର ସମାଧାନ କରାଯାଇଥିଲା । ଏହି ଶିବିରରେ ବାରିପଦା ପୌରପରିଷଦ ଅଧୀନରେ ଥିବା ସମସ୍ତ ବ୍ୟାଙ୍କର ଶାଖା ପରିଚାଳକ ମାନେ ଉପସ୍ଥିତ ଥିଲେ ଏବଂ ବାରିପଦା ପୌରପରିଷଦର ଗୋଷ୍ଠୀ ସଂଗଠିକା ସୁଚିତ୍ରା ଦାସ, ଦିପ୍ତିରେଖା ମିଶ୍ର, କୁନିଆ ସାହୁ, ବିଜୟ ଗୌରବ ଦାସ, କନିଷ୍ଠ ସହାୟକ ସର୍ବେଶ ଚନ୍ଦ୍ର ନନ୍ଦ, ପ୍ରୋଗ୍ରାମ ଆସିସଷ୍ଟାଣ୍ଡ ସାନୁଜିତ ଦାସ, ଅଜୟ କୁମାର ଦାସ ଏବଂ ୧୫ ନମ୍ବର ୱାର୍ଡର ୱାର୍ଡ କାଉନସିଲର ନିରୁପମା ମହାନ୍ତି, ୱାର୍ଡ ନଂ ୧୬ର କାଉନସିଲର ଦିପ୍ତିରାଣୀ ପଟ୍ଟନାୟକ, ୧୭ ନମ୍ବର ୱାର୍ଡ କାଉନସିଲର, କରୁଣାକର ହେମ୍ବ୍ରମ ଓ ୱାର୍ଡ ନଂ ୧୯ର କାଉନସିଲର ଦିଗବିଜୟ ହାଁସଦାଙ୍କ ସହିତ ଉକ୍ତ ୱାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଖଣି ଲୁଟେରାଙ୍କୁ ଲଗାମ : ରାସ୍ତାରେ ଟ୍ରେଞ୍ଚ ଖୋଳିଲେ



ଖଇରା, ୩୦/୦୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ଅଧୀନ ଶାରିଶୁଆ ପାହାଡରେ ଖଣି ଲୁଟେରାଙ୍କୁ ଲଗାମ ଦେବାକୁ ପ୍ରଶାସନ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିଛି । ରାତି ଅଧିଆ ଚୋରା ଚାଲଣ ଓ ବ୍ଲାଷ୍ଟିଂ ରୋକିବାକୁ ରାଜସ୍ୱ ବିଭାଗ ତରଫରୁ ପାହାଡ ସଂଲଗ୍ନ ରାସ୍ତାରେ ଟ୍ରେଞ୍ଚ ଖୋଳା ଯାଇଛି । କେବଳ ସେତିକି ନୁହେଁ ଟ୍ରେଞ୍ଚ ଖୋଳାଯିବା ପୂର୍ବରୁ ବିଭିନ୍ନ ପଥର ଖଣିରେ ମହଜୁଦ ଥିବା ମେଟାଲକୁ ଗାଡିରେ ଆଣି ନିଲାମ ଉଦ୍ଦେଶ୍ୟରେ ହାଣ୍ଡିଆହାଟ ନିକଟରେ ଗଛିତ ରଖାଯାଇଛି । ପ୍ରଶାସନର ଏହି କଡା ପଦକ୍ଷେପ ଖଣି ଚୋରା ଚାଲଣକାରୀଙ୍କ ବେଆଇନ କାର୍ଯ୍ୟରେ ପ୍ରତିବନ୍ଧକ ଲଗାଯିବା ସହ ହାତି ଚଳାଚଳ ସୁଗମ ହୋଇ ପାରିବ ବୋଲି ପାହାଡ ସଂଲଗ୍ନ ଗ୍ରାମବାସୀ ମାନେ ଆଶା ପ୍ରକଟ କରିଛନ୍ତି । ହାତିଚଲାପଥ ମଧ୍ୟରେ ପାହାଡର ୯୭ରୁ ଉର୍ଦ୍ଧ ଖଣି ଆସୁଥିବା ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଉପଲବ୍ଧି କରିବା ପରେ ଶାରିଶୁଆ ପାହାଡରେ ବେଆଇନ ଭାବେ ଚାଲିଥିବା ଖଣି ବ୍ୟବହାର ଉପରେ ୨୦୧୯ ମସିହାରେ ରହିତାଦେଶ ପ୍ରଦାନ କରିଥିଲେ । ହେଲେ ଖଣି ବ୍ୟବହାରକାରୀ ମାନେ ଏଥିରେ ଭୃକ୍ଷେପ ନକରି ରାତି ଅଧିଆ ହଜାର ହଜାର ଟ୍ରିପ ପଥର ବୋଝେଇ ଟ୍ରକ କପ୍ତିପଦା ବାରିପଦା ଦେଇ ବାହାର ରାଜ୍ୟକୁ ଚାଲାଣ କରୁଥିଲେ । ରାଜସ୍ୱ ବିଭାଗର କିଛି ତଳିଆ କର୍ମଚାରୀଙ୍କ ସହଯୋଗରେ ଏହି ଲୁଟ ଚାଲିଥିବା ଯୋଗୁଁ ଅଧିକାରୀ ମାନଙ୍କ ଚଢାଉ ପାଇଁ ଖଣି ଅଞ୍ଚଳରେ ପହଞ୍ଚିବା ପୂର୍ବରୁ ସେମାନେ ଖସି ପଳାଉଥିଲେ । ୩ବର୍ଷ ଧରି କିଛି ହାତଗଣତି ଖଣି ବ୍ୟବହାର କାରୀ ପାହାଡକୁ ଧ୍ୱଂସ କରିବାକୁ ପଛାଉ ନଥିଲେ । ପ୍ରଶାସନ ମଧ୍ୟ ନିରୁପାୟ ହୋଇ ପଡିଥିଲା । ସମସ୍ତ ଖଣିରେ ୧୪୪ଧାରା ଲାଗୁ ସତ୍ତ୍ୱେ ପ୍ରଶାସନ ସେମାନଙ୍କ ଆଗରେ ଏକ ପ୍ରକାର ହାତ ଟେକି ଦେଇଥିଲା । ବାଧ୍ୟ ହୋଇ ଉକ୍ତ ବେଆଇନ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇବାକୁ ପାହାଡ ର ବିଭିନ୍ନ ଖଣିରୁ ବିଭିନ୍ନ ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତାରେ ଟ୍ରେଞ୍ଚ ଖୋଳା କାର୍ଯ୍ୟ ଶୁକ୍ରବାର ଶେଷ ହୋଇଛି । ସେହିଭଳି ଖଣି ବ୍ୟବହାରକାରୀ ଚାଲାଣ ପାଇଁ ବିଭିନ୍ନ ଖଣିରେ ଗଛିତ ରଖିଥିବା ପଥର ଖଣ୍ଡ ଓ ମେଟାଲକୁ ଅଧିକାରୀଙ୍କ ନିର୍ଦ୍ଦେଶରେ ବୋହି ଗୋଟିଏ ସ୍ଥାନରେ ଗଛିତ ରଖିଛି । ଖଇରା ତହସିଲଦାର ମହେନ୍ଦ୍ର କୁମାର ବେହେରା,ଅତରିକ୍ତ ତହସିଲଦାର ସନ୍ଦୀପ ଶୁଭଦର୍ଶନୀ ଧଳ,ରାଜସ୍ୱ ନିରିକ୍ଷକ ଚନ୍ଦ୍ରଶେଖର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଓ ଖଇରା ପୋଲିସ ସହଯୋଗରେ ଏହି ଟ୍ରେଞ୍ଚ ଖୋଳା କାର୍ଯ୍ୟ ଶେଷ ହୋଇଛି ।

# ଷ୍ଟାଇଲ ପଏଣ୍ଟର ଶୁଭ ଉଦ୍‌ଘାଟନ

ଜଳେଶ୍ୱର, ୩୦/୪ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟିର ଥାନାବଜାର ନିକଟରେ ଷ୍ଟାଇଲ ପଏଣ୍ଟର ଶୁଭ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ନୂତନ ଓ ଅତ୍ୟାଧୁନିକ ଡିଜାନ୍‌ର ଗାରମେଣ୍ଟ ସାମଗ୍ରୀ ଯୋଗାଇ ଦେବାର ଲକ୍ଷ୍ୟ ରଖିଥିବା ଏହି ଅନୁଷ୍ଠାନକୁ ଜଳେଶ୍ୱର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର ଓ ସତ୍ୟାଧିକାରୀ ଏମ୍‌ଡି ମିଳିତଭାବେ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନ ବେଳେ ଆଫର ଅଲ୍ଲି, ମମିନ୍ ଖାଁ, ଅଜୟ ଚକ୍ରବର୍ତ୍ତୀ, ନିମାଇଁ ପ୍ରଧାନ, ଆଶିଷ ଗିରି, ସମିନା ଖାତୁନ୍, ଆଇସା ଫତେମା, ଏମ୍‌ଡି. ଆରସ୍ ପ୍ରମୁଖ ଉପସ୍ଥିତ ଥିଲେ ।

# ପୋଡାଡିହା ଗ୍ରାମରେ ମୁନି ସମାଜରେ ଶୁଭ ଜନ୍ମଦିନ ପାଳନ



ରୂପସା, ୩୦/୦୪ (ନି.ପ୍ର): ଯୋଗୀ ରାମଚନ୍ଦ୍ର ବେହେରା-ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରାଙ୍କ ସୁପୁତ୍ର ମୁନି ଅଶୋକ ବେହେରା-ମୁନିମତୀ ମିନତୀ ବେହେରାଙ୍କ ଜ୍ୟେଷ୍ଠା କନ୍ୟା ଆୟୁଷ୍ମତୀ ମୁନି କୁମାରୀ ପ୍ରିୟାଙ୍ଗଶି ପ୍ରିୟଦର୍ଶୀଙ୍କ ସପ୍ତମ ଶୁଭ ଜନ୍ମଦିନ, ଜିଲ୍ଲା ସମ୍ପାଦକ, ମୁନି ସମାଜର ଜ୍ୟୋତି,ଯୋଗୀ ଅନନ୍ତ ମୁନିଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି । ଉପସ୍ଥିତ ଥିଲେ ଗୁଡିଖାଲ ଜୋନ୍ ସଙ୍ଗଠକ ଯୋଗୀ ଚିତ୍ତରଞ୍ଜନ ମୁନି, ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି, ମୁନି ରାଜ ଅମୂଲ୍ୟ ମୁନି, ମୁନି ମତୀ ଶକୁନ୍ତଳା ପରିଡା, ଯୋଗୀ ଭିକାରି ଚରଣ ମୁନି ଇତ୍ୟାଦି ବହୁ ମୁନି ମୁନି ମତୀ ମାନେ । ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ ପରେ ସମୂହ ଆଶିର୍ବାଦ, ପିଲାର ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଉଜ୍ୱଳ ଭବିଷ୍ୟତ ନିମନ୍ତେ କରାଯାଇଥିଲା । ଶେଷରେ ଜେଜେ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Managing & Executive Editor : Srustidhar Parida
❐ Editor: Sairindhree Sahoo